# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଜୁଲାଇ ୧/୨୦୨୧ (୧୬ ପୃଷ୍ଠା) | Balasore, Thursday, July 1/2021 | ★★★★

୪୭ଶ ଭାଗ ୨୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଜୋକୋଭିଚ୍‌ଙ୍କ ଦ୍ୱିତୀୟ୍ ବିଜୟ୍**

ସର୍ବିୟାର ନୋଭାକ ଜୋକୋଭିଚ୍ କ୍ରମାଗତ ଦ୍ୱିତୀୟ୍ ବିଜୟ୍ ହାସଲ କରି ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ତୃତୀୟ୍ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୨

୧୫

**ଆକ୍ସନରେ ମନ**

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବେ ଆକ୍ସନ ଭୂମିକାରେ ଅଭିନୟ୍ କରିବାକୁ ମନ ବଳାଇଛନ୍ତି। ସେଥିପାଇଁ ଭଲ ଭଲ ହଲିଉଡ୍ ମୁଭି ଦେଖୁଛନ୍ତି।





ଶିଶୁଙ୍କୁ ନିମୋକୋକାଲ ନିମୋନିଆରୁ ସୁରକ୍ଷା ଦେବା ନିମନ୍ତେ ଭୁବନେଶ୍ୱର ୟୁନିଟ୍ -୪ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ନିମୋକୋକାଲ କଞ୍ଜୁଗେଟ୍ ଭାକ୍ସିନ୍ (ପିସିଭି)ର ଶୁଭାରମ୍ଭ।

## କଶ୍ମୀରରୁ ୧୪୯ ବର୍ଷର ଦରବାର ପରିବର୍ତ୍ତନ ପରମ୍ପରା ହଟିଲା

**ଶ୍ରୀନଗର, ୩୦।୬(ଆଇଏଏନ୍ଏସ୍)**

ଜମ୍ମୁ-କଶ୍ମୀରରେ ଦୀର୍ଘ ୧୪୯ ବର୍ଷ ଧରି ଚାଲିଆସୁଥିବା ଦରବାର ପରିବର୍ତ୍ତନ ପରମ୍ପରାକୁ ବୁଧବାର ହଟାଇ ଦିଆଯାଇଛି। ପରମ୍ପରା ଅନୁଯାୟୀ ଜମ୍ମୁ-କଶ୍ମୀରର ରାଜଧାନୀ ୬ ମାସ ଶ୍ରୀନଗରରେ ଓ ଅନ୍ୟ ୬ ମାସ ଜମ୍ମୁରେ ଚାଲୁଥିଲା। ଜମ୍ମୁ-କଶ୍ମୀର ପ୍ରଶାସନ ଏହାକୁ ବାତିଲ କରିଦେଇଛନ୍ତି। ଦ୍ୱୈତ ରାଜଧାନୀ ମଧ୍ୟରେ ଏଣିକି କର୍ମଚାରୀମାନଙ୍କୁ ଆଉ ଯାଆଆସ କରିବାକୁ ପଡ଼ିବନି। ସେମାନଙ୍କୁ ଗୋଟିଏ ସ୍ଥାନରେ ଅବସ୍ଥାପିତ କରାଯିବାର ବ୍ୟବସ୍ଥା ହୋଇଛି। ପ୍ରଶାସନ ସମ୍ପୂର୍ଣ୍ଣ ଇ-ଅଫିସ୍‌ରେ ପରିବର୍ତ୍ତନ ହୋଇସାରିଥିବାରୁ ବର୍ଷକୁ ଦୁଇଥର ରାଜଧାନୀ ପରିବର୍ତ୍ତନ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ଗତ ୨୦ ତାରିଖରେ ଉପରାଜ୍ୟପାଳ ମନୋଜ ସିହ୍ନା କହିଥିଲେ। ଦରବାର ପରିବର୍ତ୍ତନ ବ୍ୟବସ୍ଥା ବନ୍ଦ ହେବା ଫଳରେ ବର୍ଷକୁ ୨୦୦ କୋଟି ଟଙ୍କାର ରାଜସ୍ୱ ସଞ୍ଚୟ ହୋଇପାରିବ। ନୂଆ ନିଷ୍ପତ୍ତି ଅନୁଯାୟୀ ଜମ୍ମୁ ଏବଂ ଶ୍ରୀନଗରରେ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକ ସ୍ୱାଭାବିକ କାର୍ଯ୍ୟ କରିବ।






ଭୂମିହୀନ ୧୮ ଲକ୍ଷ କୃଷକ ପରିବାରକୁ ୩୮୬ କୋଟି କାଳିଆ ସହାୟତା

........ ୯ ........

**ଆଜିର ସମ୍ପାଦକୀୟ**

ଅର୍ଥନୀତି ଓ ଜଳବାୟୁ ବିପ୍ଳବ

# ଆହୁରି କୋହଳ ହେଲା

- ୨୦ ଜିଲାରେ ସକାଳ ୬ରୁ ସନ୍ଧ୍ୟା ୬
- ୧୦ ଜିଲାରେ ସକାଳ ୬ରୁ ଦିନ ୨ଟା
- ବିୟୁଟି ପାର୍ଲର, ସ୍ପା, ମଲ୍ ବନ୍ଦ
- ୨୦ ଜିଲାରେ ଗଡ଼ିବ ବସ୍
- ୧୦ ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ
- ରାଜ୍ୟରେ ଜାରି ରହିବ ନାଇଟ୍ କର୍ଫ୍ୟୁ
- କାଟେଗୋରି 'ଏ'ରେ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ସାମିଲ



**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ଏହା ସତ୍ତ୍ୱେ ଉପକୂଳବର୍ତ୍ତୀ ୧୦ଜିଲାରେ ସଂକ୍ରମଣ ହାର ଏବେ ବି ୫ପ୍ରତିଶତ ଉପରେ ରହିଛି। ରାଜ୍ୟରେ ଗତ କିଛି ଦିନର କରୋନା ସ୍ଥିତିକୁ ବିଚାର କରି ସରକାର କଟକଣାକୁ ଜୁଲାଇ ୧ରୁ ୧୬ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଲକ୍‌ଡାଉନ୍‌କୁ ଆଂଶିକ କୋହଳ କରି ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହି ସମୟରେ ରାଜ୍ୟରେ ପ୍ରାୟ ସମସ୍ତ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ତେବେ ବିୟୁଟି ପାର୍ଲର, ସ୍ପା ଏବଂ ମଲ୍ ଖୋଲିବାକୁ ସରକାର ଅନୁମତି ଦେଇନାହାନ୍ତି।

ଏନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ କଟକଣା କୋହଳକୁ ନେଇ ୩୦ଟି ଜିଲାକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ୫ପ୍ରତିଶତରୁ କମ୍ ସଂକ୍ରମଣ ହାର ଥିବା ଜିଲାଗୁଡ଼ିକୁ କାଟେଗୋରି 'ଏ' ଏବଂ ଏହାଠାରୁ ଅଧିକ ସଂକ୍ରମଣ ଥିବା ଜିଲାଗୁଡ଼ିକୁ କାଟେଗୋରି 'ବି'ରେ ରଖାଯାଇଛି। କାଟେଗୋରି 'ଏ'ରେ ପୂର୍ବରୁ ୧୭ ଜିଲା ରହିଥିବାବେଳେ ଏବେ ଏଥିରେ ଆଉ ୩ ଜିଲାକୁ ସାମିଲ କରାଯାଇଛି। ଏହି ବର୍ଗରେ ଏବେ ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ଼, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି,ରାୟଗଡ଼ା, ଅଗୁଗୋଳ, ଢେଙ୍କାନାଳ, କେନ୍ଦୁଝର ଜିଲା ରହିଛି। ସେହିପରି କାଟେଗୋରି 'ବି'ରେ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ☞ପୃଷ୍ଠା-୪

**କ'ଣ ଖୋଲା, କ'ଣ ବନ୍ଦ**

**କାଟେଗୋରି 'ଏ' (୨୦ ଜିଲା)**

- ମଲ୍, ସ୍ପା, ପାର୍ଲର ବ୍ୟତୀତ ସମସ୍ତ ଦୋକାନ ସକାଳ ୬ରୁ ସନ୍ଧ୍ୟା ୬ ଖୋଲିବ
- ବସ୍ ଚାଲିବ
- ସାପ୍ତାହିକ ହାଟ ଖୋଲିବ
- ସାପ୍ତାହିକ ଶଟ୍‌ଡାଉନ୍ ଲାଗୁ ହେବ ନାହିଁ
- ଇନ୍‌ଡୋର, ଆଉଟଡୋର ଶୁଟିଂକୁ ଅନୁମତି
- ଯାତ୍ରା, ସିନେମା ହଲ୍, ସୁଇମିଂପୁଲ୍ ବନ୍ଦ ରହିବ
- ଛୋଟ ଛୋଟ ସେଲୁନ ଖୋଲିବ
- ସାମାଜିକ, ସାଂସ୍କୃତିକ, ରାଜନୈତିକ କାର୍ଯ୍ୟକ୍ରମ ବନ୍ଦ
- ଉଠାଜଳଖିଆ ଦୋକନା ପାର୍ସଲ ଦେବେ
- ବିବାହ, ଶୁଦ୍ଧିରେ ଭୋଜିଭାତ ମନା

**କାଟେଗୋରି 'ବି' (୧୦ ଜିଲା)**

- ମଲ୍, ସ୍ପା, ପାର୍ଲର ବ୍ୟତୀତ ସମସ୍ତ ଦୋକାନ ସକାଳ ୬ରୁ ଦିନ ୨ଟା ଖୋଲିବ
- ବସ୍ ଚାଲିବନି
- ସାପ୍ତାହିକ ହାଟ ଖୋଲିବନି
- ସାପ୍ତାହିକ ଶଟ୍‌ଡାଉନ ଜାରି ରହିବ
- ଆଉଟ୍ ଡୋର ଶୁଟିଂକୁ ଅନୁମତି
- ଯାତ୍ରା, ସିନେମା ହଲ, ସୁଇମିଂପୁଲ ବନ୍ଦ ରହିବ
- ଛୋଟ ଛୋଟ ସେଲୁନ ଖୋଲିବ
- ସାମାଜିକ, ସାଂସ୍କୃତିକ, ରାଜନୈତିକ କାର୍ଯ୍ୟକ୍ରମ ବନ୍ଦ
- ଉଠାଜଳଖିଆ ଦୋକାନ ପାର୍ସଲ ଦେବେ
- ବିବାହ, ଶୁଦ୍ଧିରେ ଭୋଜିଭାତ ମନା

# କ୍ଷତିପୂରଣ ଦେବାକୁ ହେବ

**ନୂଆଦିଲ୍ଲୀ, ୩୦।୬(ପି.ଟି.)**



**କରୋନା ମୃତ୍ୟୁ**

**ସହାୟତା ପରିମାଣ ଧାର୍ଯ୍ୟ ଦାୟିତ୍ୱ କେନ୍ଦ୍ରକୁ ଦେଲେ ସୁପ୍ରିମକୋର୍ଟ**

କରୋନା ମହାମାରୀରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ କେନ୍ଦ୍ର ସରକାର କ୍ଷତିପୂରଣ ଦେବାକୁ ବାଧ୍ୟ। ତେବେ କେତେ ଟଙ୍କା କ୍ଷତିପୂରଣ ଦିଆଯିବ ତାହା ସରକାର ନିଷ୍ପତ୍ତି ନେବାକୁ ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ବିପର୍ଯ୍ୟୟ ସହାୟତା ପାଣ୍ଠିରେ ଅର୍ଥ ନ ଥିବାରୁ କୋଭିଡ୍-୧୯ରେ ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇବା ସମ୍ଭବ ନୁହେଁ ବୋଲି କିଛିଦିନ ପୂର୍ବରୁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ। ଏହାକୁ ଗ୍ରହଣ କରି ସୁପ୍ରିମକୋର୍ଟ କୋଭିଡ୍ ମୃତକଙ୍କ ପରିବାରକୁ ସର୍ବନିମ୍ନ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାନି ଗାଇଡ୍‌ଲାଇନ ଜାରି କରିବା ନିମନ୍ତେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ)କୁ ନିର୍ଦ୍ଦେଶ ଦେଇଛନ୍ତି। କେତେ କ୍ଷତିପୂରଣ ଦିଆଯିବ ସେ ନେଇ ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏମ୍.ଆର୍, ଶାହାଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। ସହାୟତା ପରିମାଣ ଧାର୍ଯ୍ୟ କରିବା ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଉପରେ ଛାଡ଼ିଦିଆଯାଇଛି। ଉପଲବ୍ଧ ପାଣ୍ଠି ଓ ସମ୍ବଳକୁ ଦୃଷ୍ଟିରେ ରଖି ସରକାର ଉପଯୁକ୍ତ ପରିମାଣ ଧାର୍ଯ୍ୟ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ୬ ସପ୍ତାହ ମଧ୍ୟରେ ସର୍ବନିମ୍ନ ରିଲିଫ ମାନ ସହ ସାନି ଗାଇଡ୍‌ଲାଇନ ଜାରି କରିବାକୁ କେନ୍ଦ୍ର ଓ ଏନ୍‌ଡିଏମ୍‌ଏକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କୋଭିଡ୍-୧୯ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ ପ୍ରକ୍ରିୟାର ସରଳୀକରଣ ଲାଗି କର୍ତ୍ତୃପକ୍ଷ ଗାଇଡ୍‌ଲାଇନ ଜାରି କରିବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଅର୍ଥ କମିଶନଙ୍କ ପ୍ରସ୍ତାବ ଅନୁଯାୟୀ ଶବଦାହ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ନିମନ୍ତେ ବୀମା ଯୋଜନା ପ୍ରଭୃତି ସମ୍ପର୍କରେ ବିଚାର କରିବାକୁ ଅଦାଲତ କେନ୍ଦ୍ରକୁ ପରାମର୍ଶ ଦେଇଛନ୍ତି। ବିପର୍ଯ୍ୟୟ ପରିଚାଳନା ଆଇନର ଧାରା ୧୨ରେ ବିପର୍ଯ୍ୟୟ ପ୍ରପୀଡ଼ିତଙ୍କୁ କ୍ଷତିପୂରଣ ଯୋଗାଇବା ବ୍ୟବସ୍ଥା ରହିଛି। ଏହି ଧାରାରେ ଥିବା 'ଦିଆଯିବ'କୁ ସରକାର 'ଦିଆଯାଇପାରେ'ରେ ପରିବର୍ତ୍ତନ କରି ଯୁକ୍ତି ବାଢ଼ିଥିବାରୁ ଖଣ୍ଡପୀଠ ଏହାକୁ ଖାରଜ କରିଦେଇଥିଲେ ଏବଂ ଏନ୍‌ଡିଏମ୍‌ଏ ଏହାର ବୈଧାନିକ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିବା କହିଥିଲେ।

ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ କରୋନାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ☞ପୃଷ୍ଠା-୪

# ପ୍ରଚଣ୍ଡ ତାତି: କାନାଡାରେ ୧୩୪ ମୃତ

**ଭାନ୍‌କୋଭର,୩୦।୬(ଏଏଫ୍‌ପି)**



**ରେକର୍ଡ ୪୯.୫ ଡିଗ୍ରୀ ତାପମାତ୍ରା**

କନାଡା ଓ ଉତ୍ତର-ପଶ୍ଚିମ ଆମେରିକାକୁ ବିପଦ ଡାକିଆଣିଛି ଗ୍ରୀଷ୍ମ ପ୍ରବାହ। କାନାଡାର ଭାନ୍‌କୋଭର ଅଞ୍ଚଳରେ ୪୯.୫ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଏହାକୁ ଦେଶରେ ଅଦ୍ୟାବଧି ସର୍ବାଧିକ ବୋଲି କୁହାଯାଉଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ଗରମରେ ଶୁକ୍ରବାରରୁ ସୋମବାର ମଧ୍ୟରେ ଅନ୍ୟୁନ ୧୩୪ଜଣଙ୍କ ଜୀବନ ଯାଇଛି। କେବଳ ଭାନ୍‌କୋଭରରେ ୬୫ ଜଣଙ୍କ ମୃତ୍ୟୁ ଘଟିଛି। ସିଟି ପୋଲିସ ଡିପାର୍ଟମେଣ୍ଟ ଏବଂ ରୟାଲ କାନାଡିଆନ୍ ମାଉଣ୍ଟେଡ୍ ପୋଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଦେଶର ପାଣିପାଗ ସେବା ସଂସ୍ଥା ଏନ୍‌ଭାଇରୋନ୍‌ମେଣ୍ଟ କାନାଡା ପକ୍ଷରୁ କୁହାଯାଇଛି ଯେ, କାନାଡାରେ ଶୁକ୍ରବାରଠାରୁ କ୍ରମାଗତ ୩ ଦିନ ଧରି ତାପମାତ୍ରା ସର୍ବୋଚ୍ଚ ସ୍ତରରେ ରହିଛି। ଭାନ୍‌କୋଭରରୁ ୧୫୫ କି.ମି. ଦୂର ବ୍ରିଟିଶ୍ କଲମ୍ବିଆର ଲିଟୋନ୍‌ରେ ସର୍ବାଧିକ ୧୨୧ ଡିଗ୍ରୀ ଫାରେନ୍‌ହିଟ୍ (୪୯.୫ ଡିଗ୍ରୀ ସେଲ୍‌ସିୟସ୍) ରେକର୍ଡ କରାଯାଇଛି। ପୂର୍ବରୁ ଏହି ଅଞ୍ଚଳବାସୀଙ୍କୁ ଏତେ ଗ୍ରୀଷ୍ମ ପ୍ରବାହ ସହିବାକୁ ପଡ଼ି ନ ଥିଲା। ପ୍ରଚଣ୍ଡ ଗରମରେ ଲୋକେ ମରୁଛନ୍ତି ବୋଲି ପୋଲିସ ସର୍ଜେଣ୍ଟ ଷ୍ଟିଭ୍ ଆଡିସନ କହିଛନ୍ତି। ସେହିପରି ଅନ୍ୟ ମ୍ୟୁନିସିପାଲିଟିଗୁଡ଼ିକରେ ମଧ୍ୟ ଲୋକଙ୍କ ହଠାତ୍ ମୃତ୍ୟୁ ଘଟୁଥିବା ଖବର ଆସିଛି। ତେବେ ସେମାନେ ମୃତ୍ୟୁସଂଖ୍ୟା ଜାରି କରିନାହାନ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରା ବୃଦ୍ଧି ପାଉଛି। ବିଶ୍ୱ ପାଇଁ ୨୦୧୯ ବର୍ଷ ସବୁଠୁ ଉତ୍ତପ୍ତ ଥିଲା। ଏହା ପର ୫ ବର୍ଷରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ଅଧିକ ରହିଥିଲା। ଆମେରିକାର ଓରେଗନ୍‌ରୁ କାନାଡାର ☞ପୃଷ୍ଠା-୪

## ୨୦୨୫ ସୁଦ୍ଧା ୧ ବିଲିୟନ୍ ଟନ୍ ଅଙ୍ଗାରକାମ୍ଳ କମାଇବାକୁ ପଡ଼ିବ

**ଲଣ୍ଡନ,୩୦।୬**

ପ୍ୟାରିସ୍ ଚୁକ୍ତିକୁ ସଫଳ କରି ବିଶ୍ୱକୁ ବିଶ୍ୱତାପନ ଦାଉରୁ ରକ୍ଷା କରିବାକୁ ହେଲେ ୨୦୨୫ ସୁଦ୍ଧା ୧ ବିଲିୟନ୍ ଟନ୍ ଅଙ୍ଗାରକାମ୍ଳ ହ୍ରାସ କରିବାକୁ ପଡ଼ିବ ବୋଲି ବୁଧବାର ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ଗ୍ଲୋବାଲ ୱାର୍ମିଂ କମାଇବାକୁ ହେଲେ ୧.୫ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ହ୍ରାସ କରିବାକୁ ପଡ଼ିବ। ଏହି ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ପ୍ୟାରିସ୍ ଚୁକ୍ତିନାମାରେ ୧୯୦ରୁ ଊର୍ଦ୍ଧ୍ୱ ଦେଶ ସ୍ୱାକ୍ଷର କରିଛନ୍ତି। ଉତ୍ସର୍ଜନ କମ୍ କରିବା ପାଇଁ ଟେକ୍ନୋଲୋଜିର ବ୍ୟବହାର କମାଇବା ଜରୁରୀ ବୋଲି ଅନେକ ବୈଜ୍ଞାନିକ ମତ ଦେଇଛନ୍ତି। କୋଲିଶନ ଫର୍ ନେଗେଟେଭ୍ ଏମିଶନ୍ସ (ସିଏନ୍‌ଇ) ଏବଂ କନ୍‌ସଲ୍ଟାନ୍ସି ଫାର୍ମ ମେକ୍‌କିନ୍‌ସେ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ପ୍ୟାରିସ୍ ଚୁକ୍ତିକୁ ଧ୍ୟାନରେ ରଖି ☞ପୃଷ୍ଠା-୪



# ଦୂତୀଙ୍କୁ ଟୋକିଓ ଟିକେଟ

**ଭୁବନେଶ୍ୱର, ୩୦।୬(କ୍ରୀଡ଼ା ପ୍ରତିନିଧି)-**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ତଥା ଜାତୀୟ ରେକର୍ଡର ଅଧିକାରିଣୀ ଦୂତୀ ଚାନ୍ଦ ଓଡ଼ିଶାବାସୀଙ୍କ ପାଇଁ ଆଣିଛନ୍ତି ଖୁସି ଖବର। ବିଶ୍ୱ ର୍‍ୟାଙ୍କିଂ ଅନୁସାରେ ସେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେଠାରେ ସେ ନିଜର ପ୍ରିୟ ଇଭେଣ୍ଟ ୧୦୦ ମିଟର ସହିତ ୨୦୦ ମିଟର ରେସ୍‌ରେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ବୁଧବାର ସ୍ପଷ୍ଟ ହୋଇଛି। ଅର୍ଜୁନ ପୁରସ୍କାରପ୍ରାପ୍ତ ଏହି ଓଡ଼ିଆ ଧାବିକା ନିକଟରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୪ରେ ଚମତ୍କାର ପ୍ରଦର୍ଶନ କରି ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ ହେଁ ମାତ୍ର ୨ ସେକେଣ୍ଡ ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ଟାଇମିଂ ସ୍ପର୍ଶ କରିପାରି ନ ଥିଲେ। ୧୦୦ ମିଟରରେ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଟାଇମିଂ ୧୧.୧୫ ସେକେଣ୍ଡ ଥିବାବେଳେ ଦୂତୀ ୧୧.୧୭ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରିଥିଲେ। ☞ପୃଷ୍ଠା-୪

## ୩୧ ଯାଏ ଅନ୍ତର୍ଜାତୀୟ ବିମାନ ବାତିଲ

ନୂଆଦିଲ୍ଲୀ,୩୦।୬: କେନ୍ଦ୍ର ସରକାର ବୁଧବାର ଅନ୍ତର୍ଜାତୀୟ ବିମାନ ସେବାକୁ ଜୁଲାଇ ୩୧ ଯାଏ ବାତିଲ କରିଛନ୍ତି। ବିମାନ ଯୋଗୁ ଅନ୍ତର୍ଜାତୀୟ ମାଲ୍ ପରିବହନ ଫ୍ଲାଇଟଗୁଡ଼ିକୁ ଏଥିରୁ ବାଦ୍ ଦିଆଯାଇଛି। ଏହି ବର୍ଗରେ ଫ୍ଲାଇଟଗୁଡ଼ିକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ମଞ୍ଜୁରୀ ପ୍ରଦାନ କରିଥିବା ଆବଶ୍ୟକ। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଅନୁମତି ପରେ ସୂଚୀଭୁକ୍ତ ବିମାନ ସେବାକୁ ଅନୁମତି ମିଳିପାରେ। କୋଭିଡ୍ ମହାମାରୀ ବ୍ୟାପିବା ଯୋଗୁ ୨୦୨୦ ମାର୍ଚ୍ଚ ୨୩ରୁ ଅନ୍ତର୍ଜାତୀୟ ବିମାନସେବା ଉପରେ କଟକଣା ଲାଗିଛି। ☞ପୃଷ୍ଠା-୪



# ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଜରୁରୀ

ଗତ ପ୍ରାୟ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ହେବ କରୋନା ମହାମାରୀ ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି। ସଂକ୍ରମଣ ଏଡ଼ାଇବା ସହ ଲୋକଙ୍କ ଜୀବନ ବଞ୍ଚାଇବା ସମସ୍ତଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହି ମହାମାରୀର ମୁକାବିଲା ପାଇଁ ଯଦିଓ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି, କିନ୍ତୁ ଡାକ୍ତରଙ୍କ ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଭଳି ସ୍ଥିତିରେ ଅନେକ ସମୟରେ ସେମାନଙ୍କ ଉପରେ ଆକ୍ରମଣ ହେଉଛି। ଏହାସତ୍ତ୍ୱେ ପ୍ରତିଟି ଜୀବନ ବଞ୍ଚାଇବା ଡାକ୍ତରଙ୍କ ପାଇଁ ଆହ୍ୱାନ ହୋଇଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଜରୁରୀ ବୋଲି ଡାକ୍ତରମାନେ ଅନୁଭବ କରୁଛନ୍ତି। କରୋନା ଭଳି ନୂଆ ଚ୍ୟାଲେଞ୍ଜକୁ ଡାକ୍ତରମାନେ କିଭଳି ମୁକାବିଲା କରୁଛନ୍ତି ଓ ଆଗାମୀ ସମୟ ପାଇଁ କିପରି ପ୍ରସ୍ତୁତ ହେବାକୁ ପଡିବ ସେ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

## ଡାକ୍ତରଙ୍କ ପ୍ରତି ହିଂସା ଆଚରଣ ଉଚିତ ନୁହେଁ



"ବିଶ୍ୱ ମହାମାରୀକୁ ସାମ୍ନା କରି ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ପ୍ରଶାସନ ଦିନରାତି କାମ କରୁଛନ୍ତି, ଯେଉଁଥିପାଇଁ ମୃତ୍ୟୁ ସଂଖ୍ୟାକୁ କମ୍ କରିବା ସହ ଅନେକ ଲୋକଙ୍କୁ ମହାମାରୀରୁ ମୁକ୍ତ କରିପାରିଛେ। କିନ୍ତୁ ଦୁଃଖର କଥା ଅନେକ ସମୟରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ଆକ୍ରମଣ ହେଉଛି। ଏଥିରେ ବହୁ ଡାକ୍ତରଙ୍କ ମୃତ୍ୟୁ ମଧ ହୋଇଛି। ଡାକ୍ତରଙ୍କ ତରଫରୁ ଅନୁରୋଧ କରିବି ଯେ, ସମ୍ମାନ ନ କରନ୍ତୁ ନାହିଁ, ଜୀବନ ଦେଉଥିବା ଜଣେ ପ୍ରଫେସନାଲଙ୍କୁ ହିଂସା ଆଚରଣ ଆଦୌ ଉଚିତ ନୁହେଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଅତୀତରେ ଅନେକ ମହାମାରୀ ଆସିଛି, ଆଗକୁ ବି ଆସିବ। ତେଣୁ ଆମେ ସବୁବେଳେ ସୁସ୍ଥ ରହିବା ସହିତ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଦରକାର।

**- ଡା. ଜୟନ୍ତ ପଣ୍ଡା, ମେଡିସିନ ବିଭାଗ ମୁଖ୍ୟ, ଏସ୍‌ସିବି, କଟକ**

## ଲୋକଙ୍କ ଜୀବନ, ସ୍ୱାସ୍ଥ୍ୟ ସୁରକ୍ଷା ବଡ଼ ଆହ୍ୱାନ



"କରୋନା ଆମ ପାଇଁ ଏକ ବଡ଼ ଆହ୍ୱାନ ଥିଲା ଓ ରହିଛି। ଲୋକଙ୍କ ଜୀବନ ଓ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗେଇ ଆମେ କାମ କରୁଛୁ। ତେବେ ବିଭିନ୍ନ ସ୍ଥାନରେ ଡାକ୍ତରଙ୍କ ଉପରେ ଆକ୍ରମଣକୁ ନିନ୍ଦା କରୁଛି। ଏଭଳି ଅନେକ ଚ୍ୟାଲେଞ୍ଜ ଭିତରେ ଆମେ ଆମ କାର୍ଯ୍ୟ ବା ଆମ କର୍ତ୍ତବ୍ୟରେ କେବେ ହେଳା କରିନାହୁଁ। ସରକାରଙ୍କ ପକ୍ଷରୁ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ। ତେବେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସେବା କରିବାର ସୁଯୋଗ ମିଳିଥିବାରୁ ଆନନ୍ଦ ଅନୁଭବ କରୁଛୁ। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିଶ୍ଚିତ ଭାବେ କମ୍ ଥିଲା। ଏବେ ଧୀରେ ଧୀରେ ସୁଧୁରୁଛି। ଆଗକୁ ଆହୁରି ଭିତ୍ତିଭୂମି ବିକାଶ କରିବା ପାଇଁ ଆମେ ସରକାରଙ୍କୁ ନିବେଦନ କରୁଛୁ।

**- ଡା. ଲକ୍ଷ୍ମୀଧର ସାହୁ, ନିର୍ଦ୍ଦେଶକ, କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**

## ଆମେ ହାରି ଯାଇନୁ, ଆମେ ବି ମଣିଷ



"କରୋନା ପରଠାରୁ ଯୁଦ୍ଧ ବା ଆତଙ୍କବାଦୀ ଆକ୍ରମଣରେ ଯେତେଜଣ ସୈନିକ ଶହୀଦ ନ ହୋଇଛନ୍ତି, ତା' ଠାରୁ ଅଧିକ ଡାକ୍ତରଙ୍କ କୋଭିଡ୍‌ରେ ମୃତ୍ୟୁ ହୋଇଛି। ଏଇଟା ହିଁ ଡାକ୍ତରଙ୍କ ଭୂମିକାର ଗୁରୁତ୍ୱକୁ ବୁଝେଇ ଦେଉଛି। ଏବେ ତୃତୀୟ ଲହର ଆସି ପହଞ୍ଚିବା ଉପରେ। କିନ୍ତୁ ଡାକ୍ତରମାନେ ସାମାଜିକ, ଆର୍ଥିକ, ପାରିବାରିକ ଆଦି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାସନ୍ଦ, ଆକ୍ରମଣ ଭଳି ଘଟଣା ଘଟୁଛି। କିନ୍ତୁ ଆମେ ହାରି ଯାଇନୁ, ଦିନ ରାତି କେବଳ କୋଭିଡ୍ ହଟାଇବାକୁ ଲାଗିପଡିଛୁ। ଲୋକମାନେ ଭୁଲିଯିବା ଉଚିତ୍ ନୁହେଁ ଯେ, ଡାକ୍ତରମାନେ ବି ଜଣେ ଜଣେ ମଣିଷ।

**- ଡା. ସୁଦୀପ୍ତ ରଞ୍ଜନ ସିଂହ, ଆଡିଶନାଲ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଏମ୍‌ସ, ଭୁବନେଶ୍ୱର**

## ସୁସ୍ଥତା ଲାଗି

ଆଜିକାଲିର ବ୍ୟସ୍ତମୟ ଜୀବନରେ ସୁସ୍ଥ ରହିବା ସବୁଠାରୁ ବଡ଼ କଥା। କାର୍ଯ୍ୟବ୍ୟସ୍ତତା ଭିତରେ ଅନେକ ନିଜର ସ୍ୱାସ୍ଥ୍ୟ ପ୍ରତି ଆବଶ୍ୟକ ଧ୍ୟାନ ଦେଇପାରି ନ ଥା'ନ୍ତି। ହେଲେ ଏ ନେଇ ସଚେତନ ରହିବାକୁ ହିଁ ପଡ଼ିବ। ଗତ ଦୁଇ ବର୍ଷ ଧରି ସମଗ୍ର ବିଶ୍ୱରେ କରୋନା ଯେଉଁଭଳି କାୟା ବିସ୍ତାର କରିଛି, ସେଥିପାଇଁ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଜରୁରୀ। ଏଥିଲାଗି ଏକ ରୁଟିନ୍ ଲାଇଫ୍ ଅନୁସରଣ କରନ୍ତୁ। ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ।







## ଚିକିତ୍ସା ପ୍ରଣାଳୀକୁ ପରିବର୍ତ୍ତନ କରିବାକୁ ପଡ଼ିବ



"କରୋନା ଏକ ନୂଆ ରୋଗ ଥିବାରୁ ସବୁ ସ୍ଥିତିକୁ ସାମ୍ନା କରି ପ୍ରତିଟି ଜୀବନ ବଞ୍ଚାଇବା ଆମ ପାଇଁ ମୁଖ୍ୟ ଥିଲା। ଜଣେ ସାଧାରଣ ରୋଗୀଟିଏ ଆସିଲେ ମନରେ ଆଶଙ୍କା ସୃଷ୍ଟି ହେଉଥିଲେ ବି ଆମେ କେବେ ଚିକିତ୍ସାରେ ହେଳା କରିନାହୁଁ। ୨୪ ଘଣ୍ଟା ସେବା କରିଛୁ। ଅନ୍ୟ ରୋଗରେ ପୀଡିତ ରୋଗୀ କରୋନାରେ ଆକ୍ରାନ୍ତ ହେଲେ ଆମକୁ ସବୁ ପ୍ରକାର ପ୍ରାକ୍ ସାବଧାନତା ସହିତ ଚିକିତ୍ସା କରିବାକୁ ପଡୁଛି। ବର୍ତ୍ତମାନ କରୋନା ଚାଲିଯାଇଛି ବୋଲି ଭୁଲିଯିବା ଉଚିତ ନୁହେଁ। କରୋନା ତା' ରୂପ ବଦଳାଉଛି। ତେଣୁ ଚିକିତ୍ସା ପ୍ରଣାଳୀକୁ ପରିବର୍ତ୍ତନ କରିବା ଉଚିତ। ସେହିଭଳି ଆଗକୁ ଭିତ୍ତିଭୂମି ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି।

**- ଡା. ମନୋଜ କୁମାର ସାହୁ, ଗ୍ୟାଷ୍ଟ୍ରୋଏଣ୍ଟେରେଲୋଜି ବିଭାଗୀୟ ମୁଖ୍ୟ, ସମ୍ ହସ୍ପିଟାଲ**

## ଡାକ୍ତରଙ୍କ ସହ ପରାମର୍ଶ କରୁଥିଲେ...

କୌଣସି ରୋଗର ଲକ୍ଷଣ ଦେଖିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ସାମାନ୍ୟ ଲକ୍ଷଣ ଯେତେବେଳେ ଗୁରୁତର ଅବସ୍ଥା ଧାରଣ କରେ, ସେତେବେଳେ କେତେକ ରୋଗର ଚିକିତ୍ସା ଜଟିଳ ହୋଇଥାଏ। ଏଥିପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ଏପରି କି କେତେକ କ୍ଷେତ୍ରରେ ତାହା ମୃତ୍ୟୁକୁ ବି ଡାକି ଆଣିଥାଏ। ତେଣୁ ରୋଗର ଲକ୍ଷଣକୁ ଆଦୌ ଅବହେଳା କରନ୍ତୁ ନାହିଁ। ଡାକ୍ତରଙ୍କ ସହ ପରାମର୍ଶ ସମୟରେ ସେ ଯାହା ଜାଣିବାକୁ ଚାହୁଁଛନ୍ତି, ସେ ନେଇ ତାଙ୍କୁ ସହଯୋଗ କରନ୍ତୁ। ତାଙ୍କ ସହ କଥାବାର୍ତ୍ତା ହେବା ସମୟରେ କୌଣସି କଥା ଲୁଚାନ୍ତୁ ନାହିଁ। କାରଣ ତାହା ଚିକିତ୍ସା କ୍ଷେତ୍ରରେ ବାଧା ସୃଷ୍ଟି କରିଥାଏ। ରୋଗର ଲକ୍ଷଣ ବିଷୟରେ ଅବଗତ ହେବା ପରେ ଡାକ୍ତର ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ତାଙ୍କ ପରାମର୍ଶ ମୁତାବକ ଔଷଧ ଖାଆନ୍ତୁ।







## ପ୍ରୋଷ୍ଟେଟ୍ କ୍ୟାନ୍ସର ଚିକିତ୍ସା



ପୁରୁଷମାନଙ୍କର ମୁତ୍ରାଶୟର ନିମ୍ନଅଂଶରେ ଏକ ଗ୍ରନ୍ଥି ଥାଏ। ଯାହାକି ଶୁକ୍ରରସ ଯୋଗାଇଥାଏ। ବୃଦ୍ଧ ବୟସରେ ଅର୍ଥାତ୍ ୭୦ବର୍ଷ ପରେ ଏଥିରେ କ୍ୟାନସର ଆଶଙ୍କା ଥାଏ। ଯାହାକୁ ପ୍ରୋଷ୍ଟେଟ୍ କ୍ୟାନସର କୁହାଯାଏ। ଏହି କ୍ୟାନସରର ଲକ୍ଷଣ ହେଉଛି ପରିସ୍ରା କଷ୍ଟ ହେବା, ବାରମ୍ବାର ପରିସ୍ରା ହେବା ଏବଂ ରକ୍ତସ୍ରାବ ହେବା। ପରିସ୍ରା ପରୀକ୍ଷା, ଛୁଞ୍ଚି ଦ୍ୱାରା ମାଂସ ପରୀକ୍ଷା, ରକ୍ତ ପରୀକ୍ଷା, ଆଙ୍ଗୁଳି ଦ୍ୱାରା ମଳଦ୍ୱାର ଭିତରେ ପରୀକ୍ଷା କରିବା ଏବଂ ଅଣ୍ଟା ହାଡ ଏକ୍ସରେ ଦ୍ୱାରା ରୋଗ ଚିହ୍ନଟ କରିବା ସହଜ। ଏହି ରୋଗ ସାଧାରଣତଃ ହାଡକୁ ବ୍ୟାପି ଯାଇଥାଏ। ଅଣ୍ଟା ହାଡକୁ ମାଡିଯାଇ କଟି ବ୍ୟଥା କରାଏ। ଏହି ରୋଗ ହେଲେ ପରିଶ୍ରାନଳୀ ମଧ ଦେଇ ବିଭିନ୍ନ ଯନ୍ତ୍ରଦ୍ୱାରା ଟ୍ୟୁମର କେତେକାଂଶରେ ବାହାର କରାଯାଇ ପାରିବ ଏବଂ ପରିସ୍ରା ଠିକ୍ ଭାବରେ କରାଇହେବ। ନଚେତ୍ ବାଇକାଲୁଟାମାଇକ୍ ହନୋଭାନ, ଟେସ୍ ଏବଂ ଅନ୍ୟାନ୍ୟଔଷଧ ଦ୍ୱାରା ରୋଗକୁ ଆୟତ କରାଇହେବ। ନଚେତ୍ ବାଇକାଲୁଟାମାଇକ୍ ହନୋଭାନ, ଟେସ୍ ଏବଂ ଅନ୍ୟାନ୍ୟ ଔଷଧ ଦାରା ରୋଗକୁ ଆୟତ କରାଯାଇପାରିବ। ବିଶେଷ କଟିବ୍ୟଥା କିମ୍ବା ପାରାଲିସିସ୍ ଆଶଙ୍କା ହେଲେ ରଞ୍ଜନରଶ୍ମି ଚିକିତ୍ସା ଦ୍ୱାରା ସାମୟିକ ଉପକାର ମିଳେ। ତେବେ ନୂଆ ନୂଆ ପଦ୍ଧତିର ରଞ୍ଜନ ରଶ୍ମି ଚିକିତ୍ସା ଆଇ.ଜି.ଆର.ଟି.ଆଇ.ଏମ୍.ଆର.ଟି. ପ୍ରୋଷ୍ଟେଟ କ୍ୟାନସରକୁ ପୂରା ଭଲ କରିପାରିଥାଏ। ଏବେ ଏଚ.ସି.ଜି. ପଣ୍ଡା କ୍ୟାନସର ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ ଅଛି। ନିୟମିତ ଭାବେ କ୍ୟାନସର ବିଶେଷଜ୍ଞଙ୍କ ପରାମର୍ଶ ନେଇ ରକ୍ତ ସହ ଅନ୍ୟାନ୍ୟ ପରୀକ୍ଷା କଲେ ଏହି ରୋଗ ଭଲ ହୋଇପାରିବ। ଏହି ରୋଗରେ ଯେଉଁମାନେ ପୀଡ଼ିତ ଥାନ୍ତି ସେମାନେ ବେଶି ଟମାଟୋ, ଗ୍ରୀନ ଭେଜିଟେବଲ ଖାଇବା କଥା। ଯାହାକୁ କେମୋ ପ୍ରିଭେନଶନ କୁହାଯାଏ।

**–ଡା. ରଞ୍ଜିତ କର**
ଏଚସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ, ତେଲେଙ୍ଗାପେଣ୍ଠ, କଟକ



**ଆଜିର ମନ୍ତବ୍ୟ**

"ଭବିଷ୍ୟତରେ ସମ୍ଭାବ୍ୟ ମହାମାରୀର ପ୍ରଭାବୀ ମୁକାବିଲା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ରେ ବଡ଼ ଧରଣର ସଂସ୍କାର ଆବଶ୍ୟକ ବୋଲି ଭାରତ ବିଶ୍ୱାସ କରେ। **–ଡକ୍ଟର ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ**


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଶ୍ରୀଅଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କରୋନା ନେଗେଟିଭ୍ ଥିଲେ ମୃତଦେହ ହସ୍ତାନ୍ତର କରିହେବ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ)**

କୌଣସି ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବେ ଏବଂ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ରିପୋର୍ଟ ନେଗେଟିଭ୍ ଆସିଥିବ, ସେହି କ୍ଷେତ୍ରରେ ମୃତ୍ୟୁ ଘଟିଲେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇପାରିବ। ପରିବାର ଲୋକ ଚାହିଁଲେ ମୃତଦେହକୁ ନେଇପାରିବେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏଥିପାଇଁ ପରିବାର ଲୋକଙ୍କୁ ଗାଇଡ୍‌ଲାଇନ ପାଳନ କରିବାକୁ ଏକ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ପ୍ୟାକ୍ ହୋଇଥିବା ମୃତଦେହକୁ ଖୋଲିବେ ନାହିଁ କି ମୃତ ଛୁଇଁବେ ନାହିଁ। ଏନେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

# ଆନ୍ତଃ ଜିଲା କଟକଣା ବସ୍ ପାଇଁ ଅଡୁଆ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ଦୀର୍ଘଦିନ ଧରି ବସ୍ ସେବା ବନ୍ଦ ହେବା ପରେ ରାଜ୍ୟ ସରକାର ଜୁଲାଇ ପହିଲାରୁ ୨୦ଟି ଜିଲାରେ ଚଳାଚଳ କରିବାକୁ ଅନୁମତି ଦେଇଛନ୍ତି। ତେବେ ଅନ୍ୟ ୧୦ଟି ଜିଲାରେ ସଂକ୍ରମଣ ହାର ଅଧିକ ରହୁଥିବାରୁ ବସ ଚଳାଚଳକୁ ନିଷେଧ କରାଯାଇଛି। ସିଟ ଅନୁଯାୟୀ ଯାତ୍ରୀ ନେଇ ବସ୍ ଚାଲିବ। ତେବେ ସରକାରଙ୍କ ଏହି ଅନୁମତି ଘରୋଇ ବସ୍ ମାଲିକଙ୍କୁ କୌଣସି ଫାଇଦା ଦେବ ନାହିଁ। ଅଳ୍ପ କିଛି ବସ ଚଳାଚଳ କଲେ ମଧ୍ୟ ତାହା ଖର୍ଚ୍ଚ ଉଠାଇ ପାରିବ ନାହିଁ। ବିଶେଷ କରି କଟକ, ଭୁବନେଶ୍ୱର, ପୁରୀ ଆଦି ସ୍ଥାନକୁ ବହୁ ଲୋକ ଯିବା ଆସିବା କରି ଥାଆନ୍ତି। ଏହି ସବୁ ଅଞ୍ଚଳ କାଟେଗୋରୀ 'ବି'ରେ ରହିଛି। ତେଣୁ ସରକାରଙ୍କ ଘୋଷଣା ସତ୍ତ୍ୱେ ବସ୍ ଚଳାଇବା ସମ୍ଭବ ହେବ ନାହିଁ। କୋଭିଡ୍ ସଂକ୍ରମଣ ପାଇଁ ଯାତ୍ରୀ ସଂଖ୍ୟା ହ୍ରାସ ପାଇବା ସହିତ ବସ ଚଳାଚଳରେ ଆନ୍ତଃଜିଲା କଟକଣା ସମସ୍ୟା ସୃଷ୍ଟି କରିବ। ଏନେଇ ସରକାର ବସ୍ ମାଲିକଙ୍କ ସହ ଆଲୋଚନା କରିଥିଲେ ଭଲ ହୋଇଥାଆନ୍ତା। ତୈଳ ଦର ବୃଦ୍ଧି ସହିତ ଯାତ୍ରୀ ସଂଖ୍ୟା ହ୍ରାସ ହେବା ସମ୍ଭାବନା ଥିବାରୁ ବସ୍ ଚଳାଇବା ସମ୍ଭବ ହେବ ନାହିଁ ବୋଲି ଘରୋଇ ବସ୍ ମାଲିକ ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କର୍ମ ଅବଳକୁ ଭଉଣୀ ଜୋଇଁ ଘଇତା**
**ସଟା ବଟା କରି ଦିନ ନଉଥା ।**

ସ୍ୱାମୀ ମରିଗଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ଭଉଣୀ ଜ୍ୱାଇଁକୁ ଧରି ତାକୁ ମୁରବି ବୋଲି ମାନି ଗୁଜୁରାଣ ମେଣ୍ଟାଇବା ଭଳି ଅସୁବିଧାରୁ ନ କରିବା କଥା ବାଧ ହୋଇ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଲମ ଗୋଟା ସୁଦ୍ଧା ଯାଉଛି,**
**ପାନରୁ ଶିର ବଛା ହଉଛି ।**

ଅଜସ୍ର ଅର୍ଥ ଅଯଥାରେ ବ୍ୟୟ ହୋଇଯାଉଥିବାବେଳେ ସେଥିପ୍ରତି ଅନେକେ ଦୃଷ୍ଟି ଦେଇ ନ ଥାନ୍ତି। ଅଥଚ ଅଳ୍ପ କେତେକ ଧନ ରକ୍ଷା ହେବା ନିମନ୍ତେ ଅକ୍ଲାନ୍ତ ଚେଷ୍ଟା ଚଳାଇଥାନ୍ତି। ଅନ୍ୟ ଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣ ଭାବ ପ୍ରଦର୍ଶନ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ**

## ପ୍ରଥମ ପୃଷ୍ଠାରୁ...

### କ୍ଷତିପୂରଣ ଦେବାକୁ ...

ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆଇନଜୀବୀ ରିପକ କଂସଲ ଏବଂ ଗୌରବ କୁମାର ବଂଶଲ ସର୍ବୋଚ୍ଚ ଅଦଲତରେ ଅଲଗା ଅଲଗା ପିଟିଶନ ଦାଏର କରିଥିଲେ। ଏଥିସହିତ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ ଲାଗି ସମାନ ନୀତି ପ୍ରଣୟନ ନିମନ୍ତେ ଏକାଧିକ ପିଟିଶନ ଦାଏର କରାଯାଇଥିଲା। ଗତ ୨୧ ତାରିଖରେ ସର୍ବୋଚ୍ଚ ଅଦାଲତ ଆବେଦନଗୁଡ଼ିକର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। କ୍ଷତିପୂରଣ ଯୋଗାଇବା ପାଇଁ ସରକାରଙ୍କର ଆର୍ଥିକ ସାମର୍ଥ୍ୟ ରହିଛି। ତେବେ ଦେଶର ସମ୍ବଳର ବାସ୍ତବ, ନ୍ୟାୟିକ ଏବଂ ଶ୍ରେଷ୍ଠ ବିନିଯୋଗକୁ ଦୃଷ୍ଟିରେ ରଖି କୋଭିଡ୍‌ରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯାଇପାରିବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଅତିରିକ୍ତ ସତ୍ୟପାଠରେ ସରକାର କୋଭିଡ୍‌କୁ ସାରା ବିଶ୍ୱରେ ଜୀବନକାଳ ମଧ୍ୟରେ ଥରେ ମହାମାରୀ ଦଣ୍ଡ ବୋଲି କହିଥିଲେ। ମହାମାରୀ ମୁକାବିଲା ପାଇଁ କେବଳ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ପାଣ୍ଠି ନୁହେଁ, ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏପରିକି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସଞ୍ଚିତ ନିଧିକୁ ମଧ୍ୟ କୋଭିଡ୍ ପରିଚାଳନାରେ ବିନିଯୋଗ କରାଯାଇଥିବା ସରକାର କହିଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରୁ ଯଦି କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଏ, ତେବେ ଏହି ପାଣ୍ଠି ସମ୍ପୂର୍ଣ୍ଣ ଶେଷ ହୋଇଯିବ। କୋଭିଡ୍ ପରିଚାଳନା ଲାଗି ରାଜ୍ୟ ସରକାର ଯଥେଷ୍ଟ ପାଣ୍ଠି ପାଇ ନ ପାରନ୍ତି। ସେହିପରି ବାତ୍ୟା, ବନ୍ୟା ଆଦି ଅନ୍ୟ ବିପର୍ଯ୍ୟୟରେ କ୍ଷତିପୂରଣ ଦେବା ଲାଗି ସରକାରଙ୍କ ପାଖରେ ପାଣ୍ଠି ରହିବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ସମସ୍ତ କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇବା ରାଜ୍ୟ ସରକାରଙ୍କ ଆର୍ଥିକ ସାମର୍ଥ୍ୟ ବାହାରେ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ।

### ଆହୁରି କୋହଳ ...

ଏବଂ ମୟୂରଭଞ୍ଜ ୧୦ ଜିଲା ରହିଛି। ଉଭୟ କାଟେଗୋରିରେ କଟକଣା କୋହଳକୁ ୧ଘଣ୍ଟା ବୃଦ୍ଧି କରାଯାଇଛି। ଫଳରେ କାଟେଗୋରି 'ଏ' ଜିଲାରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏବଂ କାଟେଗୋରି 'ବି' ଅନ୍ତର୍ଭୁକ୍ତ ଜିଲାରେ ସକାଳ ୬ରୁ ଦିନ ୨ଟା ପର୍ଯ୍ୟନ୍ତ ବ୍ୟବସାୟକୁ ଅନୁମତି ମିଳିଛି। କାଟେଗୋରି 'ଏ' ଅନ୍ତର୍ଭୁକ୍ତ ୨୦ଜିଲା ମଧ୍ୟରେ ବସ୍ ଚଳାଚଳକୁ ଅନୁମତି ଦିଆଯାଇଛି। ବସ୍‌ର ସିଟ୍ ଅନୁସାରେ ଯାତ୍ରୀମାନେ ଯାତ୍ରା କରିପାରିବେ। ଏଥିସହିତ ୨ଜଣ ପ୍ୟାସେଞ୍ଜରଙ୍କୁ ନେଇ ଅଟୋ ଓ ଟ୍ୟାକ୍ସି ଆଦି ଘରୋଇ ଯାନ ଚଳାଚଳ କରି ପାରିବ। ଏଥିସହିତ ଆଉଟ ଡୋର ଇନ୍ ଡୋର ଫିଲ୍ମ ଶୁଟିଂ ପାଇଁ ଅନୁମତି ଦିଆଯାଇଛି। କରୋନା କଟକଣା ସହ ସାପ୍ତାହିକ ହାଟ ମଧ୍ୟ ଖୋଲିବ। କିନ୍ତୁ ହାଟ ବଜାରରେ ଦୋକାନୀମାନେ କୋଭିଡ୍ ନିୟମ ଅନୁସାରେ ଦୂରତା ରଖି ବସିବେ। ଏହି ଜିଲାଗୁଡ଼ିକରେ ସାପ୍ତାହିକ ଶଟଡାଉନ ହେବ ନାହିଁ। ହେଲେ ସାରା ରାଜ୍ୟରେ ସନ୍ଧ୍ୟା ୬ଟାରୁ ସକାଳ ୬ଟା ଯାଏ ନାଇଟ କର୍ଫ୍ୟୁ ଜାରି ରହିବ।

ସେହିପରି କାଟେଗୋରି 'ବି' ଅନ୍ତର୍ଭୁକ୍ତ ୧୦ଜିଲାରେ ସଂକ୍ରମଣ ହାର ୫% ଉପରେ ଅଧିକ ରହୁଛି। ତେଣୁ ଏହି ଜିଲାରେ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ଖୋଲା ରହିବ। ମଲ୍, ସ୍ପା, ପାର୍ଲର ବନ୍ଦ ରହିବ। ଦିନ ୨ଟା ପରେ ଦୋକାନ ଖୋଲା ଥିଲେ ସିଲ୍ କରାଯିବ। ୧୦ ଜିଲାରେ କେବଳ ଆଉଟ ଡୋର ଫିଲ୍ମ ଶୁଟିଂ କରିବାକୁ ଅନୁମତି ଦିଆଯାଇଛି। ସାପ୍ତାହିକ ହାଟ ବନ୍ଦ ରହିବ। ଛୋଟ ଛୋଟ ସେଲୁନ ଖୋଲିବାକୁ ଅନୁମତି ଦିଆଯାଇଛି। ଏସବୁ ଜିଲାରେ କଟକଣା ଅଧିକ ରହିବ। ସାପ୍ତାହିକ ଏବଂ ଦୈନିକ ହାଟ, ସାଧାରଣ ଯାତ୍ରୀବାହୀ ବସ୍ ଚଳାଚଳ ଆଦି ପୂର୍ବପରି ବନ୍ଦ ରହିବ। ସାରା ରାଜ୍ୟରେ ଉଠାଦୋକାନୀ ବିକ୍ରି କରିପାରିବେ। ଗ୍ରାହକମାନେ କେବଳ ଉଠା ଦୋକାନୀଙ୍କଠାରୁ ପାର୍ସଲ ନେଇପାରିବେ। ଏହା ସାରା ରାଜ୍ୟ ପାଇଁ ଲାଗୁ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଜାରି କରାଯାଇଥିବା ଆଂଶିକ ଲକ୍‌ଡାଉନ୍ ଯୋଗୁ କରୋନା ସଂକ୍ରମଣ ଅନେକ ପରିମାଣରେ ହ୍ରାସ ପାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏଥିରୁ ମିଳିଥିବା ସୁଫଳ ଅନୁସାରେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ପ୍ରଦର୍ଶନୀ, ମେଳା, ସିନେମାହଲ୍, ମଲ୍ଟିପ୍ଲେକ୍ସ, ଜିମ୍, ପାର୍କ, ଥିଏଟର, ଯାତ୍ରା, ବାର୍, ଅଡିଟୋରିଅମ୍, ଦୋଳି, ମିନାବଜାର, ଏକତ୍ରହେବା, ହଲ୍, ସମସ୍ତ ପ୍ରକାର ସାମାଜିକ, ଧାର୍ମିକ, ରାଜନୈତିକ ସଭାସମିତି, ବିବାହ ଓ ବ୍ରତ ଆଦି ପାଇଁ ଶୋଭାଯାତ୍ରା ଓ ଉତ୍ସବ ଉପରେ କଟକଣା ପୂର୍ବଭଳି ଜାରି ରହିଛି। ମନ୍ଦିର ଓ ଧର୍ମାନୁଷ୍ଠାନ ଆଦିରେ ସାଧାରଣ ଦର୍ଶନ ବନ୍ଦ ରହିବ। ତେବେ ଧର୍ମାନୁଷ୍ଠାନରେ ଦୈନିକ ନୀତକାନ୍ତି ଚାଲୁ ରହିବ। ବିଭିନ୍ନ ପ୍ରକାର ଦ୍ରବ୍ୟର ହୋମ୍ ଡେଲିଭରି, ଇ-କମର୍ସ, ଗଣମାଧ୍ୟମ, ପେଟ୍ରୋଲ୍ ପମ୍ପ, ପେଟ୍ରୋଲିୟମ୍ ଗ୍ୟାସ୍,କୋଲ୍ଡ ଷ୍ଟୋର୍, ବ୍ୟାଙ୍କ, ଏଟିଏମ୍, ଋଣ ସମବାୟ ସମିତି ଆଦି ଖୋଲା ରହିବ। ତେବେ ଏହି ସବୁ କାର୍ଯ୍ୟାଳୟ ସର୍ବନିମ୍ନ କର୍ମଚାରୀଙ୍କୁ ନେଇ ଚାଲିବ। କଟକଣା କୋହଳ ସମୟରେ ଗୋଟିଏ ଦୋକାନରୁ ଅନ୍ୟ ଦୋକାନ ମଧ୍ୟରେ ନିର୍ଦ୍ଧାରିତ ଦୂରତା ବଜାୟ ରଖିବା, ଦୋକାନ ଭିତରେ ବା ସାମ୍ନାରେ ଭିଡ଼ ନ ହେବା ଆଦିକୁ ସମ୍ପୃକ୍ତ ଦୋକାନୀ ଏବଂ ବଜାର କମିଟି ନିଶ୍ଚିତ କରାଇବେ। ଏଥିପାଇଁ ଦୋକାନୀ ଓ ବଜାର କମିଟି ଦାୟୀ ରହିବେ। ନିଜର କର୍ମଚାରୀ ବା ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ବଜାର କମିଟି ଭୋଭିଡ୍ ନିୟମ ଅନୁପାଳନ ନିଶ୍ଚିତ କରାଇବେ। ଉଭୟ ଦୋକାନୀ ଏବଂ ଗ୍ରାହକ ଉପଯୁକ୍ତ ବ୍ୟବଧାନ ରଖିବେ ଏବଂ ଠିକ୍ ଭାବେ ମାସ୍କ ପିନ୍ଧିବେ। ଏଥିରେ ଅବହେଳା ହେଲେ ସମ୍ପୃକ୍ତ ଜିଲାର ଜିଲାପାଳ ବା ମହାନଗର ନିଗମ କମିଶନର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କରୋନାସ୍ଥିତି ପରିଚାଳନାରେ ଗ୍ରାମ ପଞ୍ଚାୟତଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

### ଦୂତୀଙ୍କୁ ଟୋକିଓ ...

ପରେ ରିଲେ ରେସ୍‌ରେ ଅଂଶଗ୍ରହଣ ଏବଂ ଟ୍ରାକ୍‌ଜନିତ ସମସ୍ୟା ଯୋଗୁ ସେ ୬୦ତମ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ହିଟ୍ ସମୟରେ ମାଂସପେଶୀ ଟାଣି ଧରିବା ଯୋଗୁ ଦୂତୀ ଫାଇନାଲରେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ମାତ୍ର ବିଶ୍ୱ ର୍‍ୟାଙ୍କିଂ ଅନୁସାରେ ସେ ଅଲିମ୍ପିକ୍ସ ଟିକେଟ ପାଇବାକୁ ଦୃଢ଼ ଆଶାୟୀ ଥିବା ମଙ୍ଗଳବାର 'ଧରିତ୍ରୀ' ସହ କଥା ହେବାବେଳେ ପ୍ରକାଶ କରିଥିଲେ। ତାଙ୍କ ପୂର୍ବାନୁମାନ ସତ ହୋଇଛି ଏବଂ ସେ ଉଭୟ ୧୦୦ ଓ ୨୦୦ ମିଟର ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

ଟୋକିଓ ଅଲିମ୍ପିକ୍ସର ଟାଇମିଂ ଦୃଷ୍ଟିରୁ ପ୍ରତିଯୋଗୀମାନେ ଯୋଗ୍ୟତା ଅର୍ଜନ କରିବା ପରେ ୧୦୦ ମିଟର ପାଇଁ ୨୨ଟି ଏବଂ ୨୦୦ ମିଟର ପାଇଁ ୧୫ଟି ସ୍ଥାନ ଖାଲି ପଡ଼ିଥିଲା। ଏହି ସ୍ଥାନଗୁଡ଼ିକ ଆଥ୍‌ଲେଟଙ୍କ ବିଶ୍ୱ ର୍‍ୟାଙ୍କିଂ ଅନୁସାରେ ପୂରଣ ହୋଇଛି। ଇଣ୍ଡିଆନ ଗ୍ରାଁ ପ୍ରି-୪ ପରେ ନିକଟ ଅତୀତର ପ୍ରଦର୍ଶନ ଦୃଷ୍ଟିରୁ ୧୦୦ ମିଟରରେ ଦୂତୀ ୧୨୧୯ ପଏଣ୍ଟରେ ରହିଥିଲେ। ତାଙ୍କ ବିଶ୍ୱ ର୍‍ୟାଙ୍କିଂ ଥିଲା ୪୧। ସେହିପରି ୨୦୦ ମିଟରରେ ତାଙ୍କ ପଏଣ୍ଟ ୧୧୭୬ ଥିବାବେଳେ ବିଶ୍ୱ ର୍‍ୟାଙ୍କିଂ ଥିଲା ୪୯। ଫଳରେ ସହଜରେ ତାଙ୍କୁ ଟୋକିଓ ଟିକେଟ ମିଳିଯାଇଛି। ପ୍ରକାଶଯୋଗ୍ୟ ଯେ, କିଛିଦିନ ପୂର୍ବରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ଦୂତୀଙ୍କ ନାମ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରାଯାଇଥିଲା। ତେଣୁ ଦୂତୀଙ୍କ ପାଇଁ ଖୁସି ଏବେ ଦ୍ୱିଗୁଣିତ ହୋଇଛି। ପ୍ରକାଶଯୋଗ୍ୟ ଯେ, ଯାଜପୁର ଜିଲା ଚକା ଗୋପାଳପୁରରେ ଜନ୍ମିତ ଦୂତୀ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ତାଙ୍କ ମା'ଙ୍କ ନାମ ଆଖୁଜି ଚାନ୍ଦ ଏବଂ ବାପା ଚକ୍ରଧର ଚାନ୍ଦ। ପୂର୍ବରୁ ଦୂତୀ ୨୦୧୬ ରିଓ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ହିଟ୍ ନମ୍ବର-୫ରେ ରେସ୍ କରିଥିବା ଏହି ଓଡ଼ିଆ ଆଥ୍‌ଲେଟ ୧୧.୬୯ ସେକେଣ୍ଡ ସମୟ ନେଇଥିବାରୁ ପରବର୍ତ୍ତୀ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ମାତ୍ର ସେଠାରୁ ସେ ଅଲିମ୍ପିକ୍ସ ପରି ବଡ଼ ଟୁର୍ନାମେଣ୍ଟରେ ଭାଗ ନେବାର ଅଭିଜ୍ଞତା ନେଇ ଫେରିଥିଲେ। ଟୋକିଓ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅଲିମ୍ପିକ୍ସ ଟିକେଟ ପାଇଥିବାରୁ ଦୂତୀଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

### ପ୍ରଚଣ୍ଡ ତାତି: କାନାଡାରେ ...

ସୁମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ କ୍ଷେତ୍ରକୁ ସମ୍ପୃକ୍ତ ଅଞ୍ଚଳରେ ଗ୍ରୀଷ୍ମ ପବନ ଆଣିବା ଲାଗି ଦାୟୀ କରାଯାଉଛି। ପୋର୍ଟଲାଣ୍ଡ, ଓରେଗନ୍, ସିଟଲ, ୱାଶିଂଟନ ଭଳି ଆମେରିକାର ପାସିଫିକ୍ ନର୍ଥୱେଷ୍ଟ ସହରଗୁଡ଼ିକରେ ମଧ୍ୟ ତାପମାତ୍ରା ୧୯୪୦ ଦଶକ ପରେ ସର୍ବାଧିକ ରହିଛି। ପୋର୍ଟଲାଣ୍ଡରେ ସୋମବାର ୧୧୫ ଡିଗ୍ରୀ ଫାରେନ୍‌ହିଟ ରହିଥିବାବେଳେ ସିଟଲରେ ୧୦୮ ଥିଲା । ଏଭଳି ସ୍ଥିତି ଚଳିତ ସପ୍ତାହରେ ଲାଗି ରହିବ ବୋଲି ଆମେରିକାର ନ୍ୟାଶନାଲ ୱେଦର ସର୍ଭିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଲୋକଙ୍କୁ ଶୀତତାପ ନିୟନ୍ତ୍ରିତ ଘରେ ରହିବା, ବାହାରକୁ ନ ଯିବା ଓ ପର୍ଯ୍ୟାପ୍ତ ପାଣି ପିଇବା ପାଇଁ ପରାମର୍ଶ ଦିଆଯାଇଛି। ଭାନ୍‌କୋଭର ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଯୋଗୁ ସ୍କୁଲ ଓ କୋଭିଡ୍-୧୯ ଟିକାକରଣ କେନ୍ଦ୍ରଗୁଡ଼ିକୁ ବନ୍ଦ କରାଯାଇଛି। ତାପମାତ୍ରା ବୃଦ୍ଧିର ବୋଝ ଲାଘବ ପାଇଁ ଅଧିକାରୀମାନେ ରାସ୍ତାକଡ଼ରେ ଅସ୍ଥାୟୀ ଝରଣା ତିଆରି କରିଛନ୍ତି। ଆମେରିକା ଓ କାନାଡାର ଅନେକ ସ୍ଥାନରେ ଏମର୍ଜେନ୍ସି କୁଲିଂ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ସେଠାରେ ଲୋକଙ୍କୁ ପାଣି ବୋତଲ ଓ ଟୋପି ଦିଆଯାଉଛି। ଏସବୁକୁ ଦେଖି ଏନ୍‌ଭାଇରୋନ୍‌ମେଣ୍ଟ କାନାଡାର ଜଳବାୟୁ ବିଶେଷଜ୍ଞ ଡେଭିଡ୍ ଫିଲିପ୍ସ କହିଛନ୍ତି, ଏବେ ଆମ ଦେଶଠାରୁ ଦୁବାଇ ଅଧିକ ଶୀତଳ।

### ୨୦୨୫ ସୁଦ୍ଧା ୧ ବିଲିୟନ୍...

ବିଶ୍ୱରେ ୨୦୨୫ ସୁଦ୍ଧା ୧ ଗିଗାଟନ୍ ନକାରାତ୍ମକ ଉତ୍ସର୍ଜନ ହ୍ରାସ କରାଯିବା ଜରୁରୀ। ବର୍ତ୍ତମାନ ନିର୍ମାଣାଧୀନ ବିକାଶ ପ୍ରକଳ୍ପଗୁଡ଼ିକ ଏହି ଅବଧି ମଧ୍ୟରେ ମାତ୍ର ୧୫୦ ନିୟୁତ ଟନ୍ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ହ୍ରାସ କରିବାରେ ସକ୍ଷମ।

### ୩୧ ଯାଏ ଅନ୍ତର୍ଜାତୀୟ ...

ଅପରପକ୍ଷରେ ଗତ ବର୍ଷ ମେ ପରଠାରୁ ବନ୍ଦେ ଭାରତ ମିଶନ ଅଧୀନରେ ସ୍ୱତନ୍ତ୍ର ବିମାନ ସେବାକୁ ଅନୁମତି ମିଳିଛି। କେତେକ ଦେଶ ସହ ଏୟାର ବବଲ୍ ଚୁକ୍ତି ଦ୍ୱାରା ଏହି ବିମାନଗୁଡିକ ପରିଚାଳିତ ହେଉଛି।

# ଓଡ଼ିଶାର ମନ୍ଦିର ସ୍ଥାପତ୍ୟ କଳା ଉପରେ ଅଧିକ ଗବେଷଣା ଆବଶ୍ୟକ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ)**

**୫୨ତମ 'ସଂସ୍କୃତି ଚର୍ଚ୍ଚା'**

ଓଡ଼ିଶାର ମନ୍ଦିର ଶିଳ୍ପ କଳା ଅନନ୍ୟ। ଏହା କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ମାନବ ସମାଜକୁ ମାର୍ଗଦର୍ଶନ ଦେଇନାହିଁ, ବରଂ ସାମାଜିକ ସମରସତ୍ତା, ରାଜ୍ୟ ଶାସନ ପଦ୍ଧତି, ଉତ୍କୃଷ୍ଟ ବିଜ୍ଞାନ ଓ କାରିଗରୀ କୌଶଳ, ପରିବେଶ ସୁରକ୍ଷା, ବାଣିଜ୍ୟ ବ୍ୟବସାୟ ସମ୍ପର୍କିତ ତଥ୍ୟରାଜି ଉପରେ ବିଶେଷ ଆଲୋକପାତ କରିଆସିଛି। ଏହି ଦୃଷ୍ଟିରୁ ଇତିହାସର ପୁନଃନିର୍ମାଣ ନିମନ୍ତେ ମନ୍ଦିର ସ୍ଥାପତ୍ୟକଳା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମତପ୍ରକାଶ କରିଛନ୍ତି। ବୁଧବାର ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଅଭିଲେଖାଗାରଠାରେ ୫୨ତମ 'ସଂସ୍କୃତି ଚର୍ଚ୍ଚା' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଚିବ ସେଠୀ ଭର୍ଚ୍ଚୁଆଲରେ ଯୋଗଦେଇ ଏହା କହିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଯୋଗଦେଇ ନାଗରା, ଦ୍ରାବିଡ଼ ମନ୍ଦିର ଶୈଳୀ ସହିତ କଳିଙ୍ଗ ଶୈଳୀର ସାମଞ୍ଜସ୍ୟ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ରହିଥିବା ଅନେକ ମନ୍ଦିର ରକ୍ଷଣାବେକ୍ଷଣ ହୋଇପାରି ଥିବାବେଳେ କେତେକ ଅବକ୍ଷୟ ହେବାରେ ଲାଗିଥିବା ସେ କହିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, ଆଦିକାଳରୁ ମାନବ ଜାତି ଈଶ୍ୱର ବା ଠାକୁରଙ୍କ ଉପରେ ଅମାପ ବିଶ୍ୱାସ ସ୍ଥାପନ କରି ଉପାସନା ପୀଠ ବା ମନ୍ଦିର ସହ ଏହାର ସ୍ଥାପତ୍ୟ ଶୈଳୀ ଉପରେ ପ୍ରତିଭା ଓ ଦକ୍ଷତାକୁ ପ୍ରତିପାଦିତ କରିଛି। ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ ସ୍ୱାଗତ ଭାଷଣ ଓ ବୈଷୟିକ ସହାୟକ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଶୁକ୍ର ମଙ୍ଗଳ ଯୋଗ ହେତୁ ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ଅର୍ଥ ଲାଭ ସାଙ୍ଗକୁ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ପାଇଁ ବ୍ୟସ୍ତ ହୋଇପଡ଼ିବେ। ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ ଓ ଆଇନ ଅଦାଲତରେ କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ। କିନ୍ତୁ ପାରିବାରିକ ସ୍ତରରେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ।

**ବୃଷ** – ରାଶିରେ ରାହୁ ସହ ବୁଧ ଅବସ୍ଥାନ କରିଥିବାରୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ପୁରୁଣା ରୋଗ ଓ ପୂର୍ବ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହେବ। ଫଳରେ କଷ୍ଟ ଅନୁଭବ କରିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଗୃହୋପକରଣ ସାମଗ୍ରୀ କ୍ରୟ କରିବେ, ମାତ୍ର ଆର୍ଥିକ ଦିଗଟି ଚିନ୍ତାଜନକ ରହିବ।

**ମିଥୁନ** – ରାହୁ ନକ୍ଷତ୍ରସ୍ଥ ରବିଙ୍କ ଯୋଗୁ ବିଭିନ୍ନ ଦୁଶ୍ଚିନ୍ତାରେ ମନ ଉଚ୍ଛନ୍ନ ହେବ, କିନ୍ତୁ ଅପରାହ୍ନରେ ସମସ୍ୟାର ଅନ୍ତ ଘଟିବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କେତେକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ। ଭୁଲ୍ ନିଷ୍ପତ୍ତି ନେଇ ବନ୍ଧୁଗହଣରେ ସମାଲୋଚିତ ହୋଇପାରନ୍ତି।

**କର୍କଟ** – ଗ୍ରହଙ୍କ ଅନୁକୂଳତା ହେତୁ ବହୁ ପୂର୍ବର ଓ ଗତକାଲିର ଯୋଜନା ପାଇଁ କୌଣସି ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ବ୍ୟାଙ୍କ କିମ୍ବା ଘରୋଇ ସଂସ୍ଥାରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ। ଅସୁବିଧା ଜଣାନ୍ତୁ, ସହକର୍ମୀ ନାହିଁ କରୁଥିଲେ ମଧ୍ୟ କାମଟି କରିଦେବେ।

**ସିଂହ** – ଶନି ଓ ରବି ପରସ୍ପର ଷଡ଼ାଷ୍ଟକ ଯୋଗୁ ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଏଜେନ୍ସିପରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ବୁଝିବେ। ସ୍ୱାସ୍ଥ୍ୟରେ ଉନ୍ନତି ସହ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା** – ବୃହସ୍ପତିଙ୍କ ଶୁଭଦୃଷ୍ଟି ପ୍ରଭାବରୁ ପଡ଼ିରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଆଜି ହୋଇଯିବ। ଆର୍ଥିକ ଅନଟନ ଲାଗି ରହିବ, କିନ୍ତୁ କୌଣସି କାମ ଅଟକିବ ନାହିଁ। ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ବୋଧ କରିବେ। କୌଣିସ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ। ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ।

**ତୁଳା** – କର୍ମାଧିପ ଦୁଃସ୍ଥାନସ୍ଥ ଓ ପାପମଧ୍ୟସ୍ଥ ହେତୁ ଅଫିସ୍ କାମର ଖଟଣିରେ ବ୍ୟସ୍ତତା ବୃଦ୍ଧି ପାଇବ। ପରିବାରର ବାଦ ଅନୁସାରେ ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବାର ସୂଚନା ରହିଛି।

**ବିଛା** – ଅଷ୍ଟମସ୍ଥ ରବି ହେତୁ ତରବରିଆ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇ ଯାଇପାରେ। କର୍ମକ୍ଷେତ୍ର, ଶିଳ୍ପ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ସଫଳତା ପାଇବେ। ବନ୍ଧୁଙ୍କ ଅନୁରୋଧକ୍ରମେ ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବେ। ଶୁଭକାର୍ଯ୍ୟରେ ଯୋଗଦେବେ। ବନ୍ଧୁଙ୍କ ସହ ଆଳାପରେ ସମୟ କଟାଇପାରନ୍ତି।

**ଧନୁ** – ଶୁକ୍ରଙ୍କ ଅଷ୍ଟମ ସଂସ୍ଥାନ ପ୍ରଭାବରେ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିବେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶକ୍ରମେ ଆର୍ଥିକ ଉନ୍ନତି ପାଇଁ ଚିନ୍ତା ପ୍ରକଟ କରିପାରନ୍ତି। ଯଦି ବାହାରକୁ ଯିବାକୁ ଚାହୁଁଛନ୍ତି, ତେବେ ସୂର୍ଯ୍ୟୋଦୟ ପୂର୍ବରୁ ଗଲେ ଭଲ ହେବ।

**ମକର** – ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟିଜନିତ ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ନିଶ୍ଚିତ ହେବ ଏବଂ ଯାହା ଆଶା କରୁଛନ୍ତି ତାହା ପାଇବେ। ତଥାପି ବିଚାର ନ କରି ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ରକ୍ତଚାପ କିମ୍ବା ଡାଇବେଟିସ୍ ଜନିତ ରୋଗରେ ପୀଡ଼ା ବୃଦ୍ଧି ଘଟିପାରେ।

**କୁମ୍ଭ** – ଶନି ଦୃଷ୍ଟ ଦ୍ୱିତୀୟସ୍ଥ ଚନ୍ଦ୍ର ହେତୁ ଅଯଥା ଗୁଡ଼ାଏ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ସଭା ସମିତିରେ, ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷା କରି ପ୍ରଶଂସିତ ହେବେ। ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେଇପାରନ୍ତି। ତଥାପି ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମୀନ** – ଚନ୍ଦ୍ର ନିଜ ରାଶିରେ ରହିଥିବାରୁ ଦୂରଯାତ୍ରାର ସୁଯୋଗ ପାଇବେ ଓ କାମ ହାସଲ ହେବ। ଶିଳ୍ପ, ପ୍ରଶାସନ, ଆଇନ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ସମ୍ପର୍କୀୟମାନଙ୍କ ସହ କୌଣସି କାରଣରୁ ଝଗଡ଼ା ହୋଇପାରେ। ମାନସିକ ଭାରସାମ୍ୟ ହରାଇ ସାଧାରଣ କଥାରେ ବେଶି ବିବ୍ରତ ଅନୁଭବ କରିବେ।

ଆଜି ଆଷାଢ଼ କୃଷ୍ଣପକ୍ଷର ସପ୍ତମୀଯୁକ୍ତ କାଳାଷ୍ଟମୀ ଗୁରୁବାର, ଜୁଲାଇ ୧ ତାରିଖ, ଜିଏସ୍‌ଟି ଦିବସ, ଚିକିତ୍ସକ ଦିବସ, ବନ ମହୋତ୍ସବ ସପ୍ତାହ ଆରମ୍ଭ, (ଜୁଲାଇ ୧ରୁ ୭), ରାଶିନକ୍ଷତ୍ର-ଉତ୍ତର ଭାଦ୍ର/ମୀନ, ଧନୁ ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ୦୫।୧୫ ଗତେ ଘ. ୦୬।୦୫ ମଧ୍ୟେ, ଘ.୦୯।୩୮ ଗତେ ଘ.୧୧।୨୪ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୩।୪୭ ଗତେ ଘ.୦୬।୦୭ ମଧ୍ୟେ ଅମୃତ ବେଳା। ଦିବା ଘ.୦୧।୨୯ ଗତେ ଘ.୦୩।୦୮ ମଧ୍ୟେ ରାହୁକାଳ।


# classifieds

**Everyday**
**0674-2580101, 2549302**










**SALE**

4 Years old house (G+2) near Tankapani Road Sai Temple, Bankual for immediate sale. Contact: 9861040439. No brokers allowed. D-20991

Twincityର ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16 ଠାରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 9078699286. D-70855

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71111

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

Well furnished 3BHK flat, area 1940 sqft. fitted with A/C and 2Car parking area, available for rent located opposite Swapneswari Mandir, IRC Village, Nayapalli, Bhubaneswar. Pin-750015. Only service holders are preferred. Please contact Sanat Khuntia Mo: 91-9619975990, 91-9819678987, 91-7978935659. Email Id-khuntiasanat@gmail.com. D-20986

2BHK ground floor family IRC Village N-1/213. Contact: 7008186067. D-56669

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open Spa offer @ 699/-, Positively health benefits, Jaydevvihar. 7846814019. D-59994




**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20906

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ..

ଜାତୀୟ ଚିକିତ୍ସକ ଦିବସ ଲାଗି ଏବର୍ଷର ସ୍ଲୋଗାନ ହେଲା– ‘‘ପରିବାର ଚିକିତ୍ସକଙ୍କ ଦ୍ୱାରା ଆଗାମୀ ସୁସ୍ଥ ଭବିଷ୍ୟତର ଗଠନ’’। ପ୍ରକୃତରେ କହିବାକୁ ଗଲେ ମଣିଷ କେବଳ ଶରୀରକୁ ନେଇ ଗଠିତ ନୁହେଁ। ଶରୀର, ମନ ଓ ଆତ୍ମା ସମ୍ମେଳନରେ ମଣିଷ ଗଢ଼ାଯାଇଛି ଅର୍ଥାତ୍ ଏହି ଅନୁଯାୟୀ ଶରୀର ଓ ମନର ଅସୁସ୍ଥତା ହୋଇପାରେ। ଯଦି ଏହି ରୋଗଗୁଡ଼ିକ ଅନ୍ୟ କୌଣସି କାରଣରୁ ହେଉଥାଏ ତାହେଲେ ଜଣେ ସାଧାରଣ ଚିକିତ୍ସକ ଏହା ଭଲ ଭାବରେ ଜାଣିପାରନ୍ତି। ଆପଣମାନଙ୍କ ଘର ଚିକିତ୍ସକ ଆପଣଙ୍କୁ ଭଲଭାବରେ ଜାଣନ୍ତି ଓ ଆପଣଙ୍କ ରୋଗ ବିଷୟରେ ତାଙ୍କର ମନେଥାଏ ଏବଂ ସେ ବିଶେଷଜ୍ଞ ଓ ଅତିବିଶେଷଜ୍ଞମାନଙ୍କ ଅପେକ୍ଷା ଆପଣଙ୍କୁ ଅଧିକ ସମୟ ଦେଇପାରନ୍ତି। ଫଳରେ ଆପଣଙ୍କୁ ଦରକାର ପଡୁ ନ ଥିବା ପରୀକ୍ଷା (ଯାହାକି ବେଳେବେଳେ କ୍ଷତିକାରକ ହୋଇଥାଏ)ରୁ ରକ୍ଷା ମିଳେ ଓ ଉପଯୁକ୍ତ ଚିକିତ୍ସା ମଧ୍ୟ ପାଇପାରନ୍ତି।



ଏବେ କରୋନା ପରିପ୍ରେକ୍ଷୀରେ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରର ଡାକ୍ତରମାନେ କରୋନା ସହିତ ଅନେକ ଛୋଟବଡ଼ ରୋଗର ପରାମର୍ଶ ସ୍ମାର୍ଟଫୋନ/ଟେଲିମେଡିସିନ ମାଧ୍ୟମରେ ପ୍ରଦାନ କରି ମହାମାରୀ କରୋନାରୁ ବହୁ ଲୋକଙ୍କ ଜୀବନ ରକ୍ଷା କରିପାରିଛନ୍ତି। ଯେତେବେଳେ ରାତିର ଗଭୀର ପ୍ରହରରେ ଅନ୍ୟମାନେ ଗାଢ଼ନିଦରେ ଶୋଇଥାଆନ୍ତି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ କୌଣସି ଗୁରୁତର ରୋଗୀର ଜୀବନ ରକ୍ଷା ପାଇଁ ନିଜର ସମୟ ବ୍ୟୟ କରୁଥାଆନ୍ତି। ଛୁଟିଦିନ ଓ ପର୍ବପର୍ବାଣିରେ ମଧ୍ୟ ତାଙ୍କର କାମ ବନ୍ଦ ହୋଇ ନ ଥାଏ। ଏପରିକି ଧର୍ମଘଟ, ହରତାଳ ଓ ରାଜ୍ୟ ତଥା ଦେଶ ବନ୍ଦ ସମୟରେ ମଧ୍ୟ। ତେଣୁ ସମାଜ ପାଇଁ ଡାକ୍ତରମାନଙ୍କର ଏ ତ୍ୟାଗ ଅତୁଳନୀୟ। କରୋନା ସମୟରେ ରୋଗୀଙ୍କ ମୃତ୍ୟୁ ଅନୁପାତର ଯଥେଷ୍ଟ ଅଧିକ ସଂଖ୍ୟକ ଡାକ୍ତରଙ୍କର ହିଁ ମୃତ୍ୟୁ ଘଟିଛି। ଏହି ବଳିଦାନ ଭୁଲିବାର ନୁହେଁ।

ପୁନଶ୍ଚ ମଣିଷ ଆଧ୍ୟାତ୍ମିକତାର ମାର୍ଗରେ ନ ଗଲେ ତା’ର ମଣିଷ ପଦବାଚ୍ୟ ହେବାର ଯୋଗ୍ୟତା ହରାଏ। ତେଣୁ ରୋଗରୁ ସଂପୂର୍ଣ୍ଣ ଆରୋଗ୍ୟ ହେବା ପାଇଁ ଉଭୟ ଶରୀର ଓ ମନର ଚିକିତ୍ସା ଏକାସାଙ୍ଗରେ ଦରକାର।

ଏବେ ଦେଖାଯାଉଛି ଅଧିକାଂଶ କ୍ଷେତ୍ରରେ ଦେହ ଅସୁସ୍ଥ ହେଲେ ରୋଗୀ ନିଜେ ନିଜେ ବିଶେଷଜ୍ଞ ଓ ଅତିବିଶେଷଜ୍ଞଙ୍କ ପରାମର୍ଶ ପାଇଁ ସିଧାସିଧା ଚାଲିଯାଉଛନ୍ତି। ସବୁ ଛାତିର ଯନ୍ତ୍ରଣା ହାର୍ଟଆଟାକ ନୁହେଁ କିମ୍ବା ସବୁ ମୁଣ୍ଡ ବୁଲେଇବା ଓ ବାନ୍ତି ହେବା ବ୍ରେନ ଟ୍ୟୁମର ନୁହେଁ। ମାତ୍ର ଏପରି କ୍ଷେତ୍ରରେ ରୋଗୀଟି ସିଧା ହୃଦ୍‌ରୋଗ ବିଶେଷଜ୍ଞ କିମ୍ବା ସ୍ନାୟୁ ଓ ମସ୍ତିଷ୍କ ରୋଗ ବିଶେଷଜ୍ଞଙ୍କ ପାଖକୁ ଚାଲିଯାଇ ପରାମର୍ଶ ନେଇଥାଏ।

**–ଡା. ରାମଚନ୍ଦ୍ର ରାଉତ**
ମୋ: ୮୨୪୯୦୮୭୯୯୫



## ଜରୁରିକାଳୀନ ସେବା

ଆଧୁନିକ ଯୁଗରେ ସ୍ୱାସ୍ଥ୍ୟରକ୍ଷା ସମାଜରେ ଏକ ଅପରିହାର୍ଯ୍ୟ ଅଙ୍ଗ। ଦେଶରେ ଜନସଂଖ୍ୟାର ଦ୍ରୁତବୃଦ୍ଧି, ସହରୀ ସଭ୍ୟତାର ଉତ୍ଥାନ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ରୋଗ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ ଭୁବନେଶ୍ୱର ସ୍ଥିତ ବିବେକାନନ୍ଦ ହସ୍ପିଟାଲ ପକ୍ଷରୁ ରୋଗୀଙ୍କୁ ଉପଯୁକ୍ତ ଗୁଣାତ୍ମକ ଚିକିତ୍ସା ସହ ଜରୁରିକାଳୀନ ସେବା ଯୋଗାଇ ଦିଆଯାଉଛି। ଜରୁରିକାଳୀନ ଚିକିତ୍ସା ଏବଂ ଟ୍ରମା ମ୍ୟାନେଜମେଣ୍ଟ ବ୍ୟବସ୍ଥା ସହ ଆଇସିୟୁ ଏହି ହସ୍ପିଟାଲର ପ୍ରମୁଖ ବ୍ୟବସ୍ଥା। ଜରୁରିକାଳୀନ ଦୁର୍ଘଟଣାଜନିତ ସେବା ସହ ନ୍ୟୁରୋସର୍ଜନ, ଅସ୍ଥିଶଲ୍ୟ ବିଭାଗ, ପ୍ଲାଷ୍ଟିକ ସର୍ଜରୀ ଏବଂ ସାଧାରଣ ଶଲ୍ୟ ବିଭାଗରେ ଅଭିଜ୍ଞ ଚିକିତ୍ସକ ନିୟୋଜିତ ଅଛନ୍ତି। ଦୁର୍ଘଟଣାରେ ପୀଡିତ ରୋଗୀ ଏବଂ କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କର ଦୁର୍ଘଟଣା, ସଡ଼କ ଦୁର୍ଘଟଣାର ଚିକିତ୍ସା ଦିଗରେ ହସ୍ପିଟାଲ ପକ୍ଷରୁ ତୁରନ୍ତ ସେବା ଯୋଗାଇ ଦିଆଯାଇଥାଏ। ମୁଣ୍ଡରେ ଆଘାତ, ପିଠିରେ କ୍ଷତ, ଫାସିୟାଲ ଟ୍ରମା, ବ୍ରେନଷ୍ଟ୍ରୋକ, ସାପ କାମୁଡାଜନିତ ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ପ୍ରଦାନ କରାଯିବା ସହ ଆରୋଗ୍ୟ କରିବା ଦିଗରେ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରାଯାଇଛି।

**–ଡା. ରିତେଶ ଭୁତ୍ / ଡା. ଏ.କେ. ମହାପାତ୍ର**
ବିବେକାନନ୍ଦ ହସ୍ପିଟାଲ, ଏ–୫୪/୧, ଫାୟାରଷ୍ଟେଶନ ସ୍କୋୟାର, ବରମୁଣ୍ଡା, ଭୁବନେଶ୍ୱର, ମୋ:୯୦୯୦୯୬୦୩୫୩, ୭୩୭୭୭୭୭୧୭୭

## ମଦ୍ୟପାନର ଯକୃତ ଉପରେ ପ୍ରଭାବ

ବହୁତ ବର୍ଷ ଧରି ମଦ୍ୟପାନ ଦ୍ୱାରା ଯକୃତରେ ଯେଉଁ କ୍ଷତି ସୃଷ୍ଟି ହୁଏ, ତାହାକୁ ମଦ୍ୟପାନ ଜନିତ ଯକୃତ ରୋଗ(ଏଆରଏଲଡ଼ି) କୁହାଯାଇଥାଏ। ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରେ ଯକୃତ ଫୁଲିଯାଏ ଏବଂ ଧିରେ ଧିରେ ଯକୃତ ପ୍ରଦାହ ରୋଗ ଆଡକୁ ଗତି କରେ। ପରେ ଯକୃତରେ ଦାଗ ବା ଫାଇବ୍ରୋସିସ୍ ହୁଏ ଯାହାକୁ ସିରୋସିସ୍ କୁହାଯାଏ। ସିରୋସିସ୍ ଯକୃତ ରୋଗର ଶେଷ ପର୍ଯ୍ୟାୟ। ଅନେକ କ୍ଷେତ୍ରରେ ଯକୃତ ପ୍ରଦାହ ଯକୃତ କର୍କଟର କାରଣ ସାଜିଥାଏ।



ମଦ୍ୟପାନ ଜନିତ ଯକୃତ ରୋଗର ୩ଟି ପର୍ଯ୍ୟାୟ(ଫ୍ୟାଟି ଲିଭର ରୋଗ ବା ଷ୍ଟିଆଟୋସିସ୍, ମଦ୍ୟପାନ ହେପାଟାଇଟିସ୍ ଓ ମଦ୍ୟପାନ ଜନିତ ସିରୋସିସ୍) ରହିଛି। – ମଦ୍ୟପାନ ଜନିତ ସିରୋସିସ୍ ‘ଏଆରଏଲଡ଼ି’ର ସବୁଠାରୁ ଭୟଙ୍କର ରୂପ। ସିରୋସିସ୍ ହେତୁ ଯକୃତ ଫେଲ୍ୟୁୟର ଏବଂ ଜଣ୍ଡିସ୍, ପେଟ ଓ ଗୋଡରେ ପାଣି ଜମା ହେବା, ରକ୍ତବାନ୍ତି ଓ କଳା ଝାଡା ଆଦି ସମସ୍ୟା ସୃଷ୍ଟି କରିଥାଏ। ଏହା ମଧ୍ୟ କିଛି ରୋଗୀଙ୍କଠାରେ ଯକୃତ କର୍କଟର କାରଣ ହୋଇପାରେ। ବହୁତଦିନ ଧରି ମଦ୍ୟପାନ କରୁଥିବା ଲୋକଙ୍କ ମଧ୍ୟରେ ପ୍ରାୟ ୧୦ରୁ ୧୫ ପ୍ରତିଶତ ସିରୋସିସ୍‌ରେ ଆକ୍ରାନ୍ତ ହୋଇଥାନ୍ତି।

**ଚିକିତ୍ସା :** ମଦ୍ୟପାନ ଜନିତ ଚିକିତ୍ସାର ୨ଟି ଉଦ୍ଦେଶ୍ୟ ଥାଏ। ପ୍ରଥମରେ ରୋଗୀକୁ ମଦ୍ୟପାନରୁ ବିରତ କରାଇବା। ଏହା ଯକୃତର ଅଧିକ କ୍ଷତି ହେବାକୁ ଦିଏ ନାହିଁ ଓ ଶୀଘ୍ର ସୁସ୍ଥତା ଆଣିଦିଏ। ଦ୍ୱିତୀୟରେ ଯକୃତର ଅବସ୍ଥାକୁ ଉନ୍ନତ କରେ।

‘ଏଆରଏଲଡ଼ି’ ସମସ୍ୟା ଯଦି ଠିକ୍ ସମୟରେ ଧରା ନ ପଡେ ଓ ଉପଯୁକ୍ତ ଚିକିତ୍ସା କରା ନ ଯାଏ , ତେବେ ଏହା ମୃତ୍ୟୁକୁ ଡାକିଆଣେ। ମଦ୍ୟପାନରୁ ବିରତ ହେବା ନିମନ୍ତେ ସମୟ ଅଛି। ଦୈନନ୍ଦିନ ଶୈଳୀକୁ ରୋଗୀ ଯଦି ଉପଯୁକ୍ତ ସମୟରେ ନିୟନ୍ତ୍ରଣକୁ ନେଇଆସେ ତେବେ ରୋଗୀକୁ ଲାଭ ମିଳେ। ଯଦି ଭାବୁଛନ୍ତି ଆପଣ ମଦ୍ୟପାନ ଜନିତ ସମସ୍ୟାରେ ପୀଡିତ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

**– ପ୍ରଫେସର ଡା. ଅୟସକାନ୍ତ ସିଂ**
ବିଭାଗୀୟ ମୁଖ୍ୟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ସମ୍ ଅଲ୍ଟିମେଟ୍ ମେଡ଼ିକେୟାର

























ଚିର ଅବିଶ୍ୱାସୀ ଏଇ ମଣିଷ । ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ । ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପଥ ବିପଥରେ । ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର । ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ । -ଶ୍ରୀଅରବିନ୍ଦ



# ଅର୍ଥନୀତି ଓ ଜଳବାୟୁ ବିପ୍ଳବ



ଟମ୍ ବ୍ରୁକେସ
ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଷ୍ଟ୍ରାଟେଜିକ କମ୍ୟୁନିକେଶନ, ୟୁରୋପିଆନ କ୍ଲାଇମେଟ ଫାଉଣ୍ଡେଶନ



ଗେର୍‌ନଟ ୱାଗନେର
କ୍ଲିନିକାଲ ଆସୋସିଏଟ୍ ପ୍ରଫେସର, ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍, ନ୍ୟୁୟର୍କ ୟୁନିଭର୍ସିଟି

ନିଓକ୍ଲାସିକାଲ ଅର୍ଥନୀତି ଚିନ୍ତାଧାରା କେଉଁଠି ସୀମିତ ହୋଇ ରହିନାହିଁ । ଏହା ହେଉଛି ଅର୍ଥନୀତିର ଡିଏନ୍‌ଏ । ଜଳବାୟୁ ସଙ୍କଟ ପରିପ୍ରେକ୍ଷୀରେ ଏବେ ବି ଏହାକୁ ସ୍ପଷ୍ଟ ଭାବେ କାର୍ଯ୍ୟକାରୀ କରାଯାଉଛି । ତେବେ ନୂତନ ସିଦ୍ଧାନ୍ତ ଏବଂ ମଡେଲ ସାମ୍ନାକୁ ଆସୁଥିବାବେଳେ ଏହି ପୁରୁଣା ରୂଢ଼ିବାଦୀ ଚିନ୍ତାଧାରା ଏବେ ବି ଗଭୀର ଭାବେ ବସାବାନ୍ଧି ରହିଛି । ଏଥିରେ ଏତେ ଶୀଘ୍ର ପରିବର୍ତ୍ତନ ହୋଇ ପାରିବ ନାହିଁ । ବିଶ୍ୱ ଆର୍ଥିକ ବ୍ୟବସ୍ଥା ଜଳବାୟୁ ସଙ୍କଟକୁ ବୁଝିବାକୁ ଅସଫଳ ହେଲେ ହେଁ ଏଥିପାଇଁ ଏହା ଏକୁଟିଆ ଏକ ପ୍ରଭାବୀ ନୀତଗତ ସମାଧାନ ଯୋଗାଇ ଦେଉଛି । କାରଣ ଏହା ପାଇଁ ବହୁ ଅର୍ଥନୀତିଜ୍ଞ ପ୍ରଚେଷ୍ଟା ଜାରି ରଖିଛନ୍ତି । ସେମାନେ ସମସ୍ୟାକୁ ସହଜରେ ପରିଚାଳନା କରିବାକୁ ପ୍ରୟାସ କରୁଛନ୍ତି । ତେବେ ଜଳବାୟୁ ସଙ୍କଟ ଦୂର କରିବାକୁ ଜଣଙ୍କର ହାରାହାରି କିମ୍ବା ସାମଗ୍ରିକ କାର୍ଯ୍ୟ ବଡ଼ କଥା ନୁହେଁ, କିନ୍ତୁ କ'ଣ ତତ୍‌କାଳୀକ ବିକଳ୍ପ ପଦକ୍ଷେପ ନିଆଯାଇପାରିବ ତାହାର ଆବଶ୍ୟକତା ରହିଛି । ସୀମିତ ଚିନ୍ତାଧାରା ବାସ୍ତବରେ ଛୋଟ ଛୋଟ ସମସ୍ୟା ସହଜରେ ସମାଧାନ କରିପାରେ । କିନ୍ତୁ ସମାଜର ସବୁ କ୍ଷେତ୍ରକୁ ଛୁଉଁଥିବା ଓ ସମସ୍ତେ ଭୋଗୁଥିବା ମସସ୍ୟାକୁ ଦୂର କରିବା ଲାଗି ସୀମିତ ଚିନ୍ତାଧାରା ଯଥେଷ୍ଟ ନୁହେଁ । ଏଥିପାଇଁ ସାମଗ୍ରିକ ପଚେଷ୍ଟା ଲୋଡା । ଅର୍ଥନୀତଜ୍ଞମାନେ ମଧ୍ୟ ଏହାର ଉପଯୁକ୍ତତା ସହ ଯର୍ଥାଥତାକୁ ସମାନ ଭାବେ ଦେଖିବାକୁ ଚେଷ୍ଟା କରୁଛନ୍ତି । ନୀତିନିର୍ଦ୍ଧାରଣ କ୍ଷେତ୍ରରେ ଆର୍ଥିକ ବ୍ୟବସ୍ଥାର ଶକ୍ତି ଏହାର ଉପଯୋଗର ଚାହିଦା ଉପରେ ନିର୍ଭର କରେ । ଯେଉଁମାନେ ଅତି ଦରକାରୀ ଲାଭ ପାଇପାରୁନାହାନ୍ତି ସେମାନଙ୍କ ପାଇଁ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷତି ଯୁକ୍ତିଯୁକ୍ତ ମନେ ହେଉ ନାହିଁ । ଜଳବାୟୁ ସଙ୍କଟ ଦୂର କରିବାରେ ଅର୍ଥନୀତିଜ୍ଞଙ୍କର ସମନ୍ୱୟ ଚିନ୍ତାଧାରର ମଧ୍ୟ ଅଭାବ ରହୁଛି । ଏଣୁ ସେମାନେ ଏବଂ ସେମାନଙ୍କ ମଡେଲ ଜଳବାୟୁ ବିପଦ ଏବଂ ଅନିର୍ଦ୍ଦିଷ୍ଟତାକୁ ଅଣଦେଖା କରୁଛନ୍ତି । ଏହା ସହ ସମ୍ଭାବ୍ୟ ଜଳବାୟୁର ପରିବର୍ତ୍ତନ ଜନିତ ପରିଣାମ ଓ ତା'ସହ ଜଡିତ ସାମାଜିକ ପ୍ରତିକ୍ରିୟାକୁ ବି ଅଣଦେଖା କରାଯାଉଛି । ଏକ ସମନ୍ୱିତ ଢାଞ୍ଚାରେ, ଜଳବାୟୁ ସମସ୍ୟା ଏବଂ ଏବକାର ସାଧନର ବ୍ୟବସ୍ଥାରେ ଅର୍ଥନୀତିଜ୍ଞଙ୍କର ମତଭେଦ ରହିଛି ବୋଲି ଜଣେ ଯଦି ଭାବିବ ତେବେ ତାହାକୁ ଅଣଦେଖା କରିବା ଲାଗି ବାଟ ପରିଷ୍କାର ହୋଇଯିବ । ହଁ,ସମନ୍ୱିତ ଅବସ୍ଥାକୁ ଫେରିବା ଅର୍ଥ ସାଧାରଣ ପରିସ୍ଥିତିକୁ ଫେରିବା । ଏହା ମାନବୀୟ ପ୍ରାଥମିକତା । କିନ୍ତୁ ଅଣଦେଖା ଭାବ ଠିକ୍ ନୁହେଁ । ଜୀବାଶ୍ମ ଇନ୍ଧନଠୁ ପର୍ଯ୍ୟାୟକ୍ରମେ ଦୂରେଇ ବିଶ୍ୱ ଜଳବାୟୁରେ ସ୍ଥିରତା ଆଣିବାର ଆବଶ୍ୟକତାର ଏହା ନିଶ୍ଚିତ ଭାବେ ବିପରୀତ କୁହାଯାଇପାରେ । କାର୍ବନ ଡାଇଅକ୍ସାଇଡ ଏବଂ ଅନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ ବା ସବୁଜ ଗୃହ ବାଷ୍ପ ନିର୍ଗମନ କମ୍ କରିବାର ଯେଉଁ ପଦକ୍ଷେପ ନିଆଯାଉଛି ସେଥିରେ କ'ଣ ଲାଭ ମିଳିଛି ତାହା ବିଶ୍ଳେଷଣ କଲାବେଳେ ଏହି ସବୁ ବାଧାଗୁଡ଼ିକ ସାମ୍ନାକୁ ଆସିଛି ।

ପାରମ୍ପରିକ ଚିନ୍ତାଧାରା ଧୀରେ ଧୀରେ କାର୍ବନ ଡାଇଅକ୍ସାଇଡ ହ୍ରାସ କରିବା ଉପରେ ଗୁରୁତ୍ୱ ଦିଏ । ତେବେ ଏହି ସିଦ୍ଧାନ୍ତରୁ ଜଣାପଡୁଛି ଯେ, ଜଳବାୟୁ ପରିବର୍ତ୍ତନର ଖରାପ ପରିଣାମ ଭବିଷ୍ୟତରେ ଆମକୁ ଭୋଗିବାକୁ ପଡ଼ିବ । ନିର୍ଗମନ କମ୍ କରିବା ଦ୍ୱାରା ସମ୍ଭାବ୍ୟ ଲାଭକୁ ଅଣଦେଖା କରାଯାଉଥିବାବେଳେ ଜଳବାୟୁ ଜନିତ କ୍ଷତି ବହୁ ସମୟରେ ଆକଳନଠାରୁ ଅଧିକ ରହୁଛି । ତେବେ ପୁରୁଣା ଚିନ୍ତାଧାରା ବଦଳରେ ଏବେ ଯୁବ ଗବେଷକମାନେ ନୂତନ ସିଦ୍ଧାନ୍ତ ପାଇଁ ଆଗଉଛନ୍ତି । ହେଲେ ସେମାନଙ୍କୁ ଏକ କଠିନ ପରିସ୍ଥିତିରେ କାମ କରିବାକୁ ପଡୁଛି । କିନ୍ତୁ ସେମାନେ ଯାହାକୁ ସବୁଠୁ ଭଲ କାମ ବୋଲି ମନେ କରୁଛନ୍ତି ତାହାକୁ ପ୍ରକାଶ କରିପାରୁ ନାହାନ୍ତି । ଅପ୍ରଚଳିତ ନିଓକ୍ଲାସିକାଲ ମଡେଲର ସହାୟତା ବିନା ସେମାନଙ୍କ ନୂଆ ବିଚାରର ବୈଧତାକୁ ପ୍ରଦର୍ଶନ କରି ପାରୁ ନାହାନ୍ତି । ସବୁ ଏକାଡେମିକ ଅଥନୀତିର ଢାଞ୍ଚା ନିଶ୍ଚିତ କରେ ଯେ, ଅଦ୍ୟାବଧି ଏଭଳି ସୀମିତ ବିଚାର ପ୍ରଭାବଶାଳୀ ହୋଇ ରହିଛି । ଏଣୁ ଏହା ଉପରେ ପୂର୍ବରୁ ବୈଜ୍ଞାନିକମାନଙ୍କ ଆଲେଖ୍ୟକୁ ପଢି ବୁଝି ମତ ପ୍ରକାଶ କରିବାକୁ ହେବ । ସବୁଠୁ ପ୍ରଭାବୀ ସିଦ୍ଧାନ୍ତ ବା ବିଚାରକୁ ଗ୍ରହଣ କରିବାକୁ ପଡ଼ିବ । ଏଥିପାଇଁ ୮୦/୨୦ନିୟମ ( ୨୦% କାର୍ଯ୍ୟର ୮୦% ପରିଣାମ ପ୍ରାପ୍ତ ହେବା) ଅନୁସରଣ କରିବାକୁ ହେବ । ଅଧିକାଂଶ କ୍ଷେତ୍ରରେ ଉପସ୍ଥାପିତ ପ୍ରତିଷ୍ଠିତ ଆଲେଖ୍ୟକୁ ଦୃଢ ଭାବେ ଗ୍ରହଣ କରିବା ଆବଶ୍ୟକ । କିନ୍ତୁ ଏହି ସମୟରେ ଏକ ଅସ୍ୱଷ୍ଟ ଚିନ୍ତାଧାରାକୁ ଯାଞ୍ଚ କରି ନୂଆ ଚିନ୍ତାଧାରାକୁ ସାମ୍ନାକୁ ଆଣିବା ଲାଗି ଚେଷ୍ଟା ଜାରି ରହିଛି ଓ ଏହା କରିବା ଆବଶ୍ୟକ ମଧ୍ୟ ।

କହିବା ବାହୁଲ୍ୟ ଯେ, ସମଗ୍ର ସନ୍ଦର୍ଭର ଢାଞ୍ଚାକୁ ପରିବର୍ତ୍ତନ କରିବା ଅତି କଷ୍ଟକର । ଏପରିକି ସେତେବେଳେ ଯେଉଁମାନେ ଏଭଳି ମାନକ ଦୃଷ୍ଟିକୋଣ ପ୍ରତିଷ୍ଠା କରିଥିଲେ ସେମାନେ ନିଜେ ଭଲ ଭାବେ ଭବିଷ୍ୟତକୁ ଦେଖିଥିଲେ । କେନ୍ନଥ ଜେ. ଆରୋଙ୍କ କଥା ଦେଖାଯାଉ । କିଭଳି ଜଣେ ଇଚ୍ଛୁକ ବ୍ୟକ୍ତି କମ୍ ବା ସୀମିତ କାର୍ଯ୍ୟ କରି ସାମାଜିକ ବିକାଶକୁ ଆଗକୁ ବଢାଇପାରିବ ସେ ସମ୍ପର୍କରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରି ସେ ୧୯୭୨ରେ ନୋବେଲ ପୁରସ୍କାର ପାଇଥିଲେ । ତାଙ୍କର ଏହି ଅନ୍ୱେଷଣମୂଳକ କାର୍ଯ୍ୟ ଅର୍ଥନୀତିଜ୍ଞମାନଙ୍କ ସନ୍ତୁଳନ ଚିନ୍ତାଧାରାକୁ ମଜଭୁତ କରିଥିଲା । ୧୯୮୦ରେ ସେ ସାନ୍ତା ଫେ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରିଥିଲେ । ଏହା କମ୍ପ୍ଲେକ୍ସିଟି ସାଇନ୍ସ ପାଇଁ ବେଶ୍ ଜଣାଶୁଣା । ସନ୍ତୁଳନ ଚିନ୍ତାଧାରା ଠାରୁ ବହୁ ଆଗକୁ ଯିବାର ଚେଷ୍ଟା କରିବା ଥିଲା ଏହାର ଉଦ୍ଦେଶ୍ୟ । ଏଭଳି ମାନସିକତା ସ୍ଥାପିତ କରିବା ଲାଗି ସେ ସାହାଯ୍ୟ କରିଥିଲେ । କାରଣ ୧୯୯୦ ଦଶକରେ ବିକଶିତ ପାରମ୍ପରିକ ଜଳବାୟୁ ସମ୍ପର୍କିତ ଅର୍ଥନୀତି ମଡେଲଗୁଡ଼ିକୁ ସନ୍ତୁଳନ ଚିନ୍ତାଧାରା ସମର୍ଥନ କରେ । ପରିବେଶକୁ ସୁଧାରିବାକୁ ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗମନ କମ୍ କରିବା ଲାଗି ନିଆଯାଉଥିବା ପଦକ୍ଷେପ ଏବଂ ଆର୍ଥିକ ଅଭିବୃଦ୍ଧି ମଧ୍ୟରେ ସମନ୍ୱୟ ରହିଛି ବୋଲି ଏହି ମଡେଲଗୁଡ଼ିକ ବିଶ୍ୱାସ କରେ । ଜଳବାୟୁ ନୀତି ଏବେ ବି ଲାଭପ୍ରଦ ହୋଇପାରିବ । ଜଳବାୟୁ ପରିବର୍ତ୍ତନ ଅର୍ଥବ୍ୟବସ୍ଥାକୁ ପଥଚ୍ୟୁତ କରିବାରେ ଏହା ଯେଉଁ କ୍ଷତି କରୁଛି ତାହାକୁ ଯଦି ଆମେ ଗ୍ରହଣ କରିବା ତେବେ ଏହା ସମ୍ଭବ ହୋଇପାରିବ ।

ପାରମ୍ପରିକ ଦୃଷ୍ଟିକୋଣର ପୃଷ୍ଠଭୂମିରେ, ନିକଟରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଏବଂ ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା ଦ୍ୱାରା କରାଯାଇଥିବା ଘୋଷଣା କିଛି କମ୍ ବୈପ୍ଳବିକ ନୁହେଁ । ଏବେ ଉଭୟ ସଂସ୍ଥା ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଦ୍ୱାରା ଉଚ୍ଚ ଅଭିବୃଦ୍ଧି ହାସଲ ହେବା ସହ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇପାରିବ ବୋଲି ନିଶ୍ଚିତ ରହିଛନ୍ତି । ଏହି ସିଦ୍ଧାନ୍ତ ପୂରା ସ୍ୱଷ୍ଟ । ଜଳବାୟୁ ନୀତି ଜୀବାଶ୍ମ ଇନ୍ଧନ ସେକ୍ଟରଠାରୁ କ୍ଲିନ ଏନର୍ଜି ସେକ୍ଟର ବା ବିଶୁଦ୍ଧ ଶକ୍ତି କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି କରେ । କ୍ଷତିର ବିପରୀତରେ ନିବେଶ କରିବାକୁ ଏହା ଆମକୁ ସ୍ମରଣ କରିଦିଏ । ଏହି କାରଣରୁ ଆମେରିକାରେ ୨ ଟ୍ରିଲିୟନ ଡଲାରର ଭିତ୍ତିଭୂମି ପ୍ୟାକେଜ ପାଇଁ ପ୍ରସ୍ତାବ ରଖାଯାଇଛି । ଏହା ଆର୍ଥିକ କାର୍ଯ୍ୟକଳାପ ଏବଂ ନିଯୁକ୍ତି ବଢାଇବା ଲାଗି କରାଯାଇଥିବା ଆଶା କରାଯାଉଛି । କାର୍ବନ ପ୍ରାଇସିଂ ବା ସବୁଜ ଗୃହ ବାଷ୍ପର ପରବେଶଗତ କ୍ଷତିକୁ ଆକଳନ କରିବାର ପଦ୍ଧତି ହିଁ ନିଯୁକ୍ତି କିମ୍ବା ସାମଗ୍ରିକ ଆର୍ଥିକ ଅଭିବୃଦ୍ଧିକୁ କ୍ଷତି ନ କରି ନିର୍ଗମନ କମ୍ କରିପାରିବ ବୋଲି ଜଣାପଡୁଛି । କିନ୍ତୁ ବାସ୍ତବରେ ବିଶ୍ୱରେ ଗ୍ରହଣ କରାଯାଇଥିବା ନୀତି ଶୀଘ୍ର ନିର୍ଗମନ ହ୍ରାସ କରୁନାହିଁ । ଏଣୁ ଏହି ନୀତିକୁ ମଜଭୁତ କରିବାକୁ ପଡ଼ିବ ।

ବହୁ ବର୍ଷ ପୂର୍ବେ ପରିସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ସାହାଯ୍ୟ କରୁଥିବା ନୀତିଗୁଡ଼ିକୁ ରଦ୍ଦ କରିବା ଲାଗି ମାନକ ମଡେଲଗୁଡ଼ିକ ଉପଯୋଗ କରାଯାଉଛି । ଏବକାର ଆର୍ଥିକ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରି ଜଳବାୟୁ ସଙ୍କଟକୁ କିଛିଟା ସୁଧାରି ହୋଇ ପାରନ୍ତା । କିନ୍ତୁ ସମ୍ପ୍ରତି ପରିବର୍ତ୍ତନ ପାଇଁ ବୁଝାମଣା କରିବାକୁ ଆମେ ସକ୍ଷମ ହୋଇପାରୁନାହୁଁ । ଭଲ ଖବର ହେଉଛି, ରାଜନୈତିକ କ୍ଷେତ୍ରରେ ଶୀଘ୍ର ପରିବର୍ତ୍ତନ ହେଉଛି । ଗ୍ରୀନ୍ ହାଉସ ଗ୍ୟାସ ଜନିତ କ୍ଷତି କମାଇବା ଲାଗି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରାଯାଉଛି । ଖରାପ ଖବର ହେଉଛି ନିଓକ୍ଲାସିକାଲ ଅର୍ଥନୀତିର ଢାଞ୍ଚା ଏବେ ସୁଦ୍ଧା ବିକାଶରେ ବାଧକ ସାଜିଛି ।

## ସମାଚାର-ଆବର୍ତ୍ତନରେ ବିବର୍ତ୍ତନ



ଶୁଭେନ୍ଦୁ ମହାନ୍ତି

ଅସୁମାରି ରୂପାନ୍ତର, ପରିବର୍ଦ୍ଧନ ଓ ପରିବର୍ତ୍ତନର ପ୍ରବାହ ମଧ୍ୟରେ ସମୟର ସେଇ ଅପାସୋରା ମୁହୂର୍ତ୍ତଟି ସତେ ଅବା ପ୍ରଜ୍ୱଳିତ ପ୍ରଦୀପର ଶାନ୍ତ ଶିଖାଟିଏ ପରି ଦିଗ୍‌ଦର୍ଶନ ଦିଏ ଆଗାମୀ ଦିନର ସଫଳ ଯାତ୍ରା ପାଇଁ । ସେହିପରି ଏକ ସୁବର୍ଣ୍ଣଯାତ୍ରାର ପ୍ରଥମ ପାହାଚ କଥା । ଆସନ୍ତୁ ଫେରିଯିବା ଆମେ ୧୯୮୮ ମସିହାକୁ, ଯେତେବେଳେ ଓଡ଼ିଶାରେ ଦୂରଦର୍ଶନର ପ୍ରଭାବ ସୁଦୂରପ୍ରସାରୀ ହୋଇ ନ ଥିଲା । ୧୯୭୮ ମସିହାରେ ତତ୍କାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର । କଟକ ତୁଳସୀପୁରସ୍ଥିତ ଦୂରଦର୍ଶନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ କ୍ୟାପ୍‌ସୁଲିଂ ଆକାରରେ ସମ୍ବଲପୁରକୁ ପଠାଯାଇ, ସେଠାରୁ ସ୍ୱଳ୍ପ କ୍ଷମତାସମ୍ପନ୍ନ ଟ୍ରାନ୍‌ସମିଟର ଏବଂ ଉପଗ୍ରହ ମାଧ୍ୟମରେ ପ୍ରସାରିତ ହେଉଥିଲା । ରଙ୍ଗିନ କାର୍ଯ୍ୟକ୍ରମର ବ୍ୟବସ୍ଥା ନ ଥିଲା । ସମୟକ୍ରମେ କଟକ ଦୂରଦର୍ଶନ କେନ୍ଦ୍ରରେ ସ୍ଥାପିତ ହେଲା ୧୦ କିଲୋୱାଟ୍ କ୍ଷମତାବିଶିଷ୍ଟ ଉଚ୍ଚ ଶକ୍ତିସମ୍ପନ୍ନ ଟ୍ରାନ୍‌ସମିଟର । ୧୯୮୭ ମସିହା ସୁଦ୍ଧା କଟକ କେନ୍ଦ୍ରରୁ ଆରମ୍ଭ ହେଲା ନିଜସ୍ୱ କାର୍ଯ୍ୟକ୍ରମ ପ୍ରସାରଣ । କଳାଧଳା ଛବି ପ୍ରସାରଣ ଯୁଗର ଅବସାନ ହେଲା । ରଙ୍ଗିନ କାର୍ଯ୍ୟକ୍ରମ ଧୀରେ ଧୀରେ ଆମ ରାଜ୍ୟବାସୀଙ୍କୁ ଆମୋଦିତ କରିବା ସଙ୍ଗେ ସଙ୍ଗେ ଶିକ୍ଷଣୀୟ ପ୍ରସଙ୍ଗ ମାଧ୍ୟମରେ ସେମାନଙ୍କୁ ସଚେତନ କରାଇଲା ।

ଆଉ ପାଦେ ଆଗେଇ ଯାଇ କେନ୍ଦ୍ରର ତତ୍କାଳୀନ ନିର୍ଦ୍ଦେଶିକା ବୀଣାଦେବୀ କିଛି ଦକ୍ଷ ପ୍ରଯୋଜକଙ୍କ ନିର୍ଭରଯୋଗ୍ୟ ପ୍ରତିଭାକୁ ଭରସା କରି ଓଡ଼ିଆ ସମାଚାର ପ୍ରସାରଣ ପାଇଁ ଆରମ୍ଭ କଲେ ସ୍ୱତନ୍ତ୍ର ଅଭିଯାନ । କେନ୍ଦ୍ରରୁ ଆବଶ୍ୟକ ଅନୁମତି ମିଳିବା ପରେ ୧୯୮୮ ଏପ୍ରିଲରୁ ନିର୍ଦ୍ଦେଶିକା ବୀଣାଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହେଲା ଏଥିପାଇଁ ବ୍ୟାପକ ତ୍ୱରାନ୍ୱିତ ପ୍ରସ୍ତୁତି । ସେ ସମୟର ଅଭିଜ୍ଞ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ପି.କେ. ମୁନ୍‌ସୀ ଏହି ପ୍ରସ୍ତୁତିକୁ ବାସ୍ତବରୂପ ଦେବା ପାଇଁ ପ୍ରସ୍ତୁତ କରିଥିଲେ ଅଭିନବ ବୈଷୟିକ ଭିତ୍ତିଭୂମି । ସାମାଚାର ସିଧା ପ୍ରସାରଣର ଅନ୍ୟାନ୍ୟ ଜଟିଳତା ମଧ୍ୟରେ ବୀଣାଦେବୀଙ୍କ ଦୁଇ ରଥୀ ଭାବେ କାର୍ଯ୍ୟ କରିଥିଲେ ଦକ୍ଷ ପ୍ରଯୋଜକ ରତିରଞ୍ଜନ ମିଶ୍ର ଏବଂ ଶରତ ମହାନ୍ତି । ଓଡ଼ିଆ ସମାଚାର ବିଭାଗର ପ୍ରଥମ ସମ୍ପାଦକ ଥିଲେ ଗିରିଧାରୀ ମହାନ୍ତି । ସମାଚାର ଉପସ୍ଥାପକ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇଥିଲେ ୧୦ ଜଣ ପ୍ରାର୍ଥୀ । ପ୍ରଥମ ପ୍ରସାରଣର କିଛି ଦିନ ପୂର୍ବରୁ ଅନୁଷ୍ଠିତ ପୂର୍ବାଭ୍ୟାସ ପରୀକ୍ଷାରେ ସଫଳ ହୋଇଥିଲେ ସେ ସମୟର ନିୟମିତ ଉପସ୍ଥାପିକା ସଂଘମିତ୍ରା କାନୁନ୍‌ଗୋ, ସୁପରିଚିତା ଅଭିନେତ୍ରୀ ତନ୍ଦ୍ରା ରାୟ ଏବଂ ଶୁଭେନ୍ଦୁ ମହାନ୍ତି ।

କାଲି ପରି ଲାଗେ । ୧୯୮୮ ମସିହା ଜୁଲାଇ ପହିଲା ସନ୍ଧ୍ୟା

### ଦୂରଦର୍ଶନ ଓଡ଼ିଆ ସମାଚାରର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ

୬.୩୦ ମିନିଟ୍ । ସମାଚାର ( Signature Image Tune) ଆସିଯିବା ମାତ୍ରେ କେବଳ ଆମର କାହିଁକି, ସାରା ଓଡ଼ିଶାର ଦର୍ଶକମାନଙ୍କର ହୃତ୍‌ସ୍ପନ୍ଦନ ବଢ଼ିଯାଇଥିଲା । ଲେଖକ ପାଇଁ ସେ ଏକ ଅଭୁଲା ଅନୁଭୂତି ଓ ଜୀବନ୍ତ ସ୍ମୃତି ହୋଇ ରହିବ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ । ସେହି ସନ୍ଧ୍ୟାରେ ପ୍ରଥମ ଥର ପାଇଁ ମାତ୍ର ୧୦ ମିନିଟ୍‌ର ସମାଚାର ପ୍ରଥମ ସମ୍ବାଦପାଠିକା ଭାବେ ଉପସ୍ଥାପନ କରିଥିଲେ ସୁପରିଚିତା ଉପସ୍ଥାପିକା ସଂଘମିତ୍ରା କାନୁନ୍‌ଗୋ । ସମଗ୍ର ରାଜ୍ୟ ପାଇଁ ଏହା ଥିଲା ଏକ ଗୌରବମୟ ଅଧ୍ୟାୟର ଶୁଭାରମ୍ଭ । ହାତଲେଖା ଖବର ସବୁକୁ କ୍ୟାମେରା ଆଗରେ ଉପସ୍ଥାପନ କରିବାକୁ ପଡୁଥିଲା । କଟକ ତୁଳସୀପୁରର ସେଇ ପୁରୁଣା ଷ୍ଟୁଡିଓ, କିଛି ପରିମାଣର ଜରାଜୀର୍ଣ୍ଣ ସମାଚାର ପ୍ରସ୍ତୁତି କକ୍ଷ, ଅଧିକାରୀମାନଙ୍କର ପ୍ରେରଣା ଓ ପ୍ରୋତ୍ସାହନ ମଧ୍ୟରେ ଦୂରଦର୍ଶନ ସମାଚାର ସିଧା ପ୍ରସାରଣର ଅନନ୍ୟ ଅନୁଭୂତି ଆମ ପାଇଁ ଥିଲା ଏକ ଅଭୂତପୂର୍ବ ଆନନ୍ଦଦାୟକ ସମୟ । ଏହା ଥିଲା ଓଡ଼ିଶାର ଏକମାତ୍ର ସମାଚାର ଚ୍ୟାନେଲ । ସମୟକ୍ରମେ ବଦଳିଯାଇଛି ଏହାର ବିବିଧ ବିଭାବ । ବିଶେଷକରି ଭୁବନେଶ୍ୱରକୁ ସ୍ଥାନାନ୍ତର ହେବା ପରେ ଦୂରଦର୍ଶନ ସମାଚାର ଅତିକ୍ରମ କରିଛି ଅନେକଟି ମାଇଲଖୁଣ୍ଟ ।

୧୯୯୯ ମସିହା ମହାବାତ୍ୟାର କରାଳରୂପ, ବାରିପଦାର ଭୟାବହ ଅଗ୍ନିକାଣ୍ଡର ନିଖୁଣ ଚିତ୍ର ଜାତୀୟସ୍ତରରେ ଉପସ୍ଥାପନ କରି ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ସମାଚାର ବିଭାଗ ଉଚ୍ଚପ୍ରଶଂସିତ ଓ ପୁରସ୍କୃତ ହୋଇଛି । ତେବେ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟରେ ବେସରକାରୀ ଉଦ୍ୟୋଗରେ ଚାଲିଥିବା ଅନେକ ସମ୍ବାଦ ଚ୍ୟାନେଲ ସୃଷ୍ଟି କରିଛି ଅନେକ ଆହ୍ୱାନ । ଓଡ଼ିଆ ଦୂରଦର୍ଶନ ସମାଚାରର ବିଶ୍ୱସନୀୟତା ଏବେବି ଅତୁଟ ଥିଲେ ମଧ୍ୟ ଏଥିରେ ଆଜି କିଛି ଅଭିନବ ପରିବର୍ଦ୍ଧନର ଆବଶ୍ୟକତା ଅନୁଭୂତି ହେଉଛି । ସମାଚାର ଉପସ୍ଥାପନାକୁ ଅଧିକ ଆକର୍ଷଣୀୟ ଓ ଗତିଶୀଳ କରିବା ନିମନ୍ତେ ବର୍ତ୍ତମାନର ଷ୍ଟୁଡିଓରେ ଆଶାନୁରୂପକ ଓ ସଦ୍ୟତମ ବୈଷୟିକ ବ୍ୟବସ୍ଥାର ପ୍ରବର୍ତ୍ତନ ଅତ୍ୟନ୍ତ ଜରୁରୀ । ଉପଯୁକ୍ତ ସ୍ଥାନରେ ଷ୍ଟୁଡିଓ ମନିଟର୍‌ର ସ୍ଥାପନା, କର୍ଡଲେସ୍ ଲ୍ୟାପ୍‌ଲ ମାଇକ୍ରୋଫୋନ୍ ଓ ଇୟରଫୋନ, ଲାପ୍‌ଟପ, ଅଟୋ ସ୍ୱିଚ୍ କଣ୍ଟ୍ରୋଲର ବ୍ୟବହାର ସହ ଗତିଶୀଳ ଉପସ୍ଥାପନା ସମାଚାରକୁ ଅଧିକ ଆକର୍ଷଣୀୟ କରିପାରନ୍ତା । ଓଡ଼ିଶାରେ ଘଟଣାବଳୀର ଅଭାବ ନାହିଁ । ଏସବୁକୁ ଆଧାରକରି ବୁଲେଟିନ୍ ସଂଖ୍ୟା ଓ ଅବଧିକୁ ବୃଦ୍ଧି କରାଗଲେ Regional News unit ବା ଆଞ୍ଚଳିକ ସମ୍ବାଦ ବିଭାଗ ମାଧ୍ୟମରେ ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ପ୍ରସାରିତ ହୋଇପାରନ୍ତା । ତା'ଛଡ଼ା ଭୁବନେଶ୍ୱର ଦୂରଦର୍ଶନ ଆଞ୍ଚଳିକ ସମ୍ବାଦ ବିଭାଗ ପାଇଁ ଅତ୍ୟନ୍ତ ଜରୁରୀ ବୈଷୟିକ ବ୍ୟବସ୍ଥା ଥିବା ସ୍ୱତନ୍ତ୍ର ଯାନ, ଯାହା ରାଜ୍ୟର ଯେକୌଣସି ସ୍ଥାନକୁ ରିପୋର୍ଟିଂ ପାଇଁ ଉପଯୋଗୀ ହୋଇପାରନ୍ତା । ସମାଚାର ପ୍ରସ୍ତୁତି କକ୍ଷରେ ମଧ୍ୟ କେତେକ ଅତ୍ୟାବଶ୍ୟକ ବୈଷୟିକ ବ୍ୟବସ୍ଥା ପ୍ରସ୍ତୁତି ପ୍ରକ୍ରିୟାକୁ ଅଧିକ ସୁଗମ କରିପାରିବ । ତେବେ ଏଥିପାଇଁ ଲୋଡା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସମୟୋପଯୋଗୀ ସହଯୋଗ । ତା' ଛଡା କିଛି ବର୍ଷ ଧରି ପ୍ରସାରିତ ହେଉଥିବା State Scanର ପୁନଃ ପ୍ରସାରଣ ରାଜ୍ୟକୁ ଜାତୀୟ ସ୍ତରରେ ଅଧିକ ପରିଚିତ କରାଇପାରନ୍ତା ।

ଦୂରଦର୍ଶନ ଓଡ଼ିଆ ସମାଚାର ପାଇଁ ରହିଛି ଅନେକଟି ସ୍ୱପ୍ନ । ଏସବୁକୁ ବାସ୍ତବରୂପ ଦେବାପାଇଁ କେବଳ କେନ୍ଦ୍ର ସରକାର ନୁହେଁ, ରାଜ୍ୟର ବୁଦ୍ଧିଜୀବୀ, କଳାକାର ନେତୃବୃନ୍ଦ, ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ସାଂସଦ ଏବଂ ଦର୍ଶକମାନଙ୍କର ଆନ୍ତରିକ ସହଯୋଗ ଲୋଡ଼ା ।

ସି/୧୨୨୨/ସେକ୍ଟର-୬
ସିଡିଏ, ମର୍କତନଗର, କଟକ, ମୋ: ୯୨୩୮୫୨୬୦୩୦

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇ କରି ରାଜସ୍ଥାନର ଏକ ଗାଁ ପଡିଆ ଜମିରେ ଘଞ୍ଚଜଙ୍ଗଲ ସୃଷ୍ଟି କରିପାରିଛି । ଉଦୟପୁରଠାରୁ ୭୫କି.ମି. ଦୂର କାରେକ୍ ହେଉଛି ପଶ୍ଚିମ ରାଜସ୍ଥାନର ଶେଷ ଗାଁ । ଏହି ଗ୍ରାମର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୩୩୯ ହେକ୍ଟର ଜମିରେ ଏହି ଜଙ୍ଗଲ ହୋଇପାରିଛି । ଏହିସବୁ ଜମି ଗ୍ରାମବାସୀଙ୍କର । ୨୦୦୨ରେ ସେମାନେ ଫାଉଣ୍ଡେଶନ ଅଫ୍ ଇକୋଲୋଜିକାଲ ସିକ୍ୟୁରିଟି ସହଯୋଗରେ ନଷ୍ଟ ହୋଇଯାଉଥିବା ଜଙ୍ଗଲର ସୁରକ୍ଷା ଅଭିଯାନ ଚଳାଇବା ସହ ନୂଆ ଜଙ୍ଗଲ ସୃଷ୍ଟି କରିବା ଲାଗି ପଦକ୍ଷେପ ଗ୍ରହଣ କରିଥିଲେ । ପ୍ରଥମେ ସେମାନେ ୫୦ ହେକ୍ଟର ଜମିରେ ଏହା ଆରମ୍ଭ କରିଥିଲେ । ଏବେ ଜଙ୍ଗଲ ସୁରକ୍ଷା କରିବା ବି ଗ୍ରାମବାସୀଙ୍କ ଦାୟିତ୍ୱ । ଯେଉଁମାନେ ଗୃହପାଳିତ ପ୍ରାଣୀଙ୍କୁ ଛାଡ଼ି ଜଙ୍ଗଲ ନଷ୍ଟ କରୁଛନ୍ତି ସେମାନଙ୍କ ଉପରେ ୫୦ଟଙ୍କା ଜରିମାନା ଲାଗୁ କରାଯାଉଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜୁଲାଇ ୧୯୯୬

- ୟେମେନ୍‌ରେ ଭୟଙ୍କର ବନ୍ୟା ଯୋଗୁ ୩୨୪ ଜଣଙ୍କ ମୃତ୍ୟୁ ।
- ସଂଯୁକ୍ତ ଆରବ ଏମିରେଟ୍ସରେ ବେଆଇନ ଭାବେ ଅଧିକକାଳ ବାସ କରୁଥିବା ବିଦେଶୀ ନାଗରିକଙ୍କୁ କ୍ଷମାପ୍ରଦାନ କରିବା ନେଇ ସରକାରଙ୍କ ନିଷ୍ପତ୍ତି ।
- ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ହୁସେନ ମହମ୍ମଦ ଏର୍ଶାଦଙ୍କ ଘନିଷ୍ଠ ସହଯୋଗୀ ମୌଦୁଦ୍ ଅହମ୍ମଦ ଜାତୀୟ ପାର୍ଟିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ।

## ଚିରନ୍ତନୀ

ରୁଦ୍ଧ ହୃଦୟ ଆବେଗ ନୟନ ଜଳରେ ଦିଏ ଢାଳି,
ପରାହତ କବି ଯଥା ଲୋତକରେ ଦିଅଇ ପଖାଳି
ଅପ୍ରକାଶ ଅନାଗତ ବେଦନାର ଛନ୍ଦ,
ଫାଟି ପଡ଼େ ହୃଦୟର ବନ୍ଧ ।

-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | | | 8 | 9 |
| | 7 | | 5 | | | | | |
| 3 | | 8 | 4 | | | 7 | | |
| 5 | | | 6 | | | | | |
| | | | 3 | 5 | 7 | | | |
| 4 | | | | | 1 | | | 2 |
| | 3 | | 7 | | | | | |
| 8 | | | | | | | 5 | |
| | | 4 | | 9 | | | 2 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 3 | 7 | 2 | 1 | 4 | 5 | 6 |
| 5 | 7 | 6 | 4 | 3 | 9 | 1 | 8 | 2 |
| 4 | 1 | 2 | 5 | 8 | 6 | 3 | 7 | 9 |
| 6 | 5 | 1 | 8 | 9 | 7 | 2 | 3 | 4 |
| 8 | 3 | 9 | 6 | 4 | 2 | 7 | 1 | 5 |
| 2 | 4 | 7 | 1 | 5 | 3 | 9 | 6 | 8 |
| 3 | 6 | 8 | 2 | 7 | 4 | 5 | 9 | 1 |
| 7 | 2 | 5 | 9 | 1 | 8 | 6 | 4 | 3 |
| 1 | 9 | 4 | 3 | 6 | 5 | 8 | 2 | 7 |

ଗତକାଲିର ଉତ୍ତର

# ମାନସିକ ଚାପ ଓ ସଂକ୍ରମଣ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆଧୁନିକ ଜୀବନ ଶୈଳୀର ଅନ୍ୟତମ ଭୟାବହ ପରିଣାମ ହେଲା ମାନସିକ ଚାପ । ଅପରିସୀମ ଲୋଭ, କ୍ରୋଧ, ଈର୍ଷା, ହିଂସା, ଭୟ ଆଦି ନକାରାତ୍ମକ ଭାବପ୍ରବଣତା ଆମଠାରେ ବଢ଼ି ବଢ଼ି ଚାଲିବା ହେଉଛି ଏହାର ପ୍ରଧାନ କାରଣ । ଅନ୍ୟପକ୍ଷରେ, ଏହାର ପରିଣାମ ସ୍ୱରୂପ ବଢ଼ିବାରେ ଲାଗିଛି ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ ଆଦି ରୋଗ ବ୍ୟାଧି ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା । ପୁନଶ୍ଚ ବିପଦ ସମୟରେ ଆମଠାରେ ସୃଷ୍ଟି ହେଉଥିବା ଅସହାୟ ମନୋଭାବ ଏହି ମାନସିକ ଚାପକୁ ବହୁଗୁଣିତ କରିଦେଉଛି, ଯେପରି ଏବେ ଘଟିଛି ମହାମାରୀ କୋଭିଡ୍-୧୯ର ବିଶ୍ୱବ୍ୟାପୀ ସଂକ୍ରମଣ ହେତୁ । ବର୍ତ୍ତମାନ ଆସିଥିବା ଏହାର ଦ୍ୱିତୀୟ ଲହର ଅତି ଗୁରୁତର ଭାବେ ପ୍ରଭାବିତ କରିଛି ଆମ ଦେଶକୁ । ତେଣୁ ଅଧିକାଂଶ ଲୋକଙ୍କଠାରେ ଏହା ମାନସିକ ଚାପ ବୃଦ୍ଧି ଘଟାଇଲା ବେଳେ ପ୍ରତି ତିନିଜଣରୁ ଜଣଙ୍କଠାରେ ତାହା ପ୍ରବଳରୁ ପ୍ରବଳତର ହେଉଛି । କୋଭିଡ୍ -୧୯ ସଂକ୍ରମଣ ଅଧିକ ବ୍ୟାପକ ହେବାର ଅନ୍ୟତମ କାରଣ ରୂପେ ଏହାକୁ ଦାୟୀ କଲେଣି କେତେକ ସ୍ୱାସ୍ଥ୍ୟ ବିଜ୍ଞାନୀ । ସେମାନଙ୍କ ମତରେ ଉଚ୍ଚ ମାନସିକ ଚାପ ଆମ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରି ଦେଉଥିବାରୁ ଏପରି ଘଟୁଛି ।

କେବେ ନା କେମିତି, କୌଣସି ନା କୌଣସି କାରଣ ନେଇ ଆମେ ସମସ୍ତେ ଅଳ୍ପ ବହୁତେ ମାନସିକ ଚାପର ଶିକାର ହୋଇଥାଉ । ଏ ସମୟରେ ଆମର ରକ୍ତଚାପ, ହୃତ୍ ସ୍ପନ୍ଦନ ହାର ତଥା ଆଡ୍ରେନାଲିନ୍ ଓ କୋର୍ଟିସଲ୍ ହରମୋନର ସ୍ତର ବଢ଼ିଯାଏ । ତେବେ ପରିସ୍ଥିତି ବଦଳିଗଲେ ଆମେ ଆପେ ଆପେ ଚାପ ମୁକ୍ତ ହୋଇଯାଉ ଏବଂ ଏଗୁଡ଼ିକର ସ୍ତର ସାଧାରଣ ମାତ୍ରାକୁ ଚାଲିଆସେ । କିନ୍ତୁ ତାହା ନ ହେଲେ ଅର୍ଥାତ୍ ମାନସିକ ଚାପ ଦୀର୍ଘସ୍ଥାୟୀ ହେଲେ ଆମର 'ଲଢ଼ିବା-ଅଥବା ପଳାୟନ କରିବା' ପ୍ରତିକ୍ରିୟା ଲାଗିରହେ । ଅତଏବ ଶରୀରରେ ଆପାତକାଳୀନ ଅବସ୍ଥା ଜରି ରହେ ଏବଂ ତାହା ବିଶେଷକରି କୋର୍ଟିସଲ ତଥା ଅନ୍ୟାନ୍ୟ ଚାପ ହର୍‌ମୋନକୁ ଉନ୍ମୁକ୍ତ ହୁଏ । କ୍ରମେ ଏହା ବିବିଧ ଶାରୀରିକ ବ୍ୟବସ୍ଥା ସହିତ ଆମ ରୋଗ ପ୍ରତିରୋଧକ ବ୍ୟବସ୍ଥାକୁ ଦୁର୍ବଳ କରିଦିଏ ।

ଏ ବ୍ୟବସ୍ଥା ହେଉଛି ଶରୀରର ପ୍ରତିରକ୍ଷା କ୍ରିୟାବିଧି, ଯାହା କି ତହିଁରେ ପ୍ରବେଶ କରୁଥିବା ନାନାଦି ଜୀବାଣୁ, ଭୂତାଣୁ ତଥା ଅନ୍ୟାନ୍ୟ ରୋଗ ସୃଷ୍ଟିକାରୀ ଆଣ୍ଟିଜିନ୍‌ମାନଙ୍କଠାରୁ ଆମକୁ ସୁରକ୍ଷା ପ୍ରଦାନ କରେ । ସେଥିପାଇଁ ଏହାକୁ ଶରୀରର ପ୍ରହରୀ ରୂପେ ବର୍ଣ୍ଣନା କରାଯାଏ ; ଯାହା କି ଏହି ସୂକ୍ଷ୍ମ ଆକ୍ରମଣକାରୀଙ୍କୁ ବିତାଡ଼ିତ କରେ । ଫଳରେ ଆମେ ସୁସ୍ଥ ଜୀବନଯାପନ କରୁ । ଆମଠାରେ ଥିବା ମୁଖ୍ୟ ରୋଗ ପ୍ରତିରୋଧକାରୀ ଜୀବକୋଷ ହେଲା ଶ୍ୱେତ ରକ୍ତ କଣିକା । ଏଗୁଡିକୁ 'ଲେଉକୋସାଇଟ୍ସ' ବୋଲି କହନ୍ତି । ସାଧାରଣତଃ ଆମ ଅସ୍ଥିମଜ୍ଜା, ଲସିକା ଗ୍ରନ୍ଥି ଏବଂ ଗ୍ରୀବାମୂଳଗ୍ରନ୍ଥି ବା ଥାଇମସ୍‌ରେ ତାହା ଥାଏ । ଶରୀରର ଏହି ସତର୍କ ପ୍ରହରୀଗୁଡ଼ିକ ତନ୍ମଧ୍ୟରୁ ପ୍ରବେଶ କରୁଥିବା ରୋଗ ସୃଷ୍ଟିକାରୀ ତତ୍ତ୍ୱମାନଙ୍କ ପ୍ରତି ଦୃଷ୍ଟି ରଖିଥାନ୍ତି ଏବଂ ସେଗୁଡ଼ିକୁ ପାଇଲେ ନିଜର ବଂଶ ବୃଦ୍ଧି କରିବା ସଂଗେ ସଂଗେ ଅନ୍ୟାନ୍ୟ ସମ୍ପୃକ୍ତ ଜୀବକୋଷମାନଙ୍କୁ ଏହାର ସୂଚନା ପ୍ରଦାନ କରନ୍ତି । ଲେଉକୋସାଇଟ୍ସ ମୁଖ୍ୟତଃ ଦୁଇ ପ୍ରକାର-ଫାଗୋସାଇଟ୍ସ ଏବଂ ଲିମ୍ଫୋସାଇଟ୍ସ । ତନ୍ମଧ୍ୟରୁ ପ୍ରଥମଟି ଶରୀର ମଧ୍ୟକୁ ପ୍ରବେଶ କରୁଥିବା ବାହ୍ୟ ତତ୍ତ୍ୱଗୁଡ଼ିକୁ ଶୋଷଣ କରିନିଏ, ତାହାକୁ ବିଖଣ୍ଡିତ କରେ ଏବଂ ଭକ୍ଷଣ କରେ । ନିଉଟ୍ରୋଫାଇଲସ୍, ମନୋସାଇଟସ୍, ମାଇକ୍ରୋଫାଗସ, ମାଷ୍ଟସେଲ୍ ହେଲେ ଏହାର ଅନ୍ତର୍ଭୁକ୍ତ । ଅନ୍ୟପକ୍ଷରେ ଦ୍ୱିତୀୟଟି ଆଗରୁ ଅନୁପ୍ରବେଶ କରିଥିବା ଏ ପ୍ରକାର ତତ୍ତ୍ୱଗୁଡ଼ିକୁ ମନେ ରଖିଥାଏ ଏବଂ ସେଗୁଡ଼ିକ ପୁନଃ ପ୍ରବେଶ କଲେ ତାଙ୍କୁ ଚିହ୍ନଟ କରେ । ଏ ସମୟରେ ଏଥିରୁ ଅସ୍ଥି ମଜ୍ଜାରେ ଥିବା ଅଂଶରୁ ବି-ଲିମ୍ଫୋସାଇଟ୍ସ ବିକଶିତ ହୁଏ ଏବଂ ଅବଶିଷ୍ଟ ଥାଇମସ୍‌କୁ ଯାଇ ଟି-ଲିମ୍ଫୋସାଇଟ୍ସରେ ପରିଣତ ହୁଅନ୍ତି । ବି-ଲିମ୍ଫୋସାଇଟ୍ସ ପ୍ରତିପିଣ୍ଡ ବା ଆଣ୍ଟିବଡି ଉତ୍ପନ୍ନ କରନ୍ତି ଏବଂ ଟି-ଲିମ୍ଫୋସାଇଟ୍ସଙ୍କୁ ସତର୍କ କରାଇ ଦିଅନ୍ତି । ଅନ୍ୟପକ୍ଷରେ, ଟି-ଲିମ୍ଫୋସାଇଟ୍ସ ଶରୀରରେ ପ୍ରଭାବିତ ଜୀବକୋଷଗୁଡ଼ିକୁ ନଷ୍ଟ କରିଦେବା ସଂଗେ ସଂଗେ ଅନ୍ୟ ଲିମ୍ଫୋସାଇଟ୍ସଙ୍କୁ ସତର୍କ ହେବାରେ ସହାୟତା କରନ୍ତି ।

ମାନସିକ ଚାପ ହେତୁ କୋର୍ଟିସଲ ହରମୋନର କ୍ଷରଣ ବୃଦ୍ଧି ପାଏ । ଏହା ଲିମ୍ଫୋସାଇଟ୍ସଙ୍କର ସଂଖ୍ୟା ହ୍ରାସ କରିଦେବା ଫଳରେ ରୋଗ ପ୍ରତିରୋଧକ ବ୍ୟବସ୍ଥା ଦୁର୍ବଳ ହୋଇପଡ଼େ । ବର୍ତ୍ତମାନ ମାନସିକ ଚାପକୁ ଏକ ମହାମାରୀ ରୂପେ ଗଣନା କରାଗଲାଣି । ପ୍ରତିବର୍ଷ ବିଶ୍ୱରେ ଅନ୍ତତଃ ୨୫ରୁ ୨୭ ନିୟୁତ ଲୋକ ଏହାରି ପ୍ରଭାବରେ ନାନାଦି ସଂକ୍ରମଣର ଶିକାର ହେଉଥିବାର ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଆକଳନ କରିଛି । ସେହିପରି ୨୦୧୫-୧୬ରେ ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ ଆମ ଦେଶର ପ୍ରାୟ ୧୫ କୋଟି ଲୋକ ମାନସିକ ଚିକିତ୍ସା ଆବଶ୍ୟକ କରୁଥିଲେ । ଅନ୍ୟପକ୍ଷରେ ୨୦୧୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆକଳନ ଅନୁଯାୟୀ ପ୍ରାୟ ୭.୫ ଶତାଂଶ ଭାରତୀୟ ମାନସିକ ବିକାରଗ୍ରସ୍ତ ଥିଲେ । ବର୍ତ୍ତମାନ ଏହା ଅନେକ ମାତ୍ରାରେ ବଢ଼ିଯିବଣି, କୋଭିଡ୍-୧୯ ମହାମାରୀ ଜନିତ ଆପାତକାଳୀନ ପରିସ୍ଥିତି ହେତୁ । ଗୃହବନ୍ଦୀ ହୋଇ ରହିବା ସଂଗେ ସଂଗେ ବେରୋଜଗାରୀ, ସାମାଜିକ ସମ୍ପର୍କ ବ୍ୟାହତ ହେବା, ସଂକ୍ରମଣର ଭୟ, ଶାରୀରିକ ଶ୍ରମହୀନତା, ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ ଆଦି ଏହାର ଗୋଟିଏ ଗୋଟିଏ କାରଣ ।

ବିଶେଷକରି ଶିଶୁମାନେ ଏହାଦ୍ୱାରା ଅଧିକରୁ ଅଧିକ ପ୍ରଭାବିତ ହେଉଛନ୍ତି । ସ୍କୁଲ ଯିବା ଅବସରରେ ସାଙ୍ଗସାଥୀମାନଙ୍କ ସହିତ ମିଶିବା, ଖେଳ କୌତୁକ କରିବା ଇତ୍ୟାଦି ମାଧ୍ୟମରେ ସେମାନଙ୍କୁ ମିଳୁଥିବା ଆନନ୍ଦର ଅବକାଶ ଏବେ ନାହିଁ । ସେହିପରି ଅନ୍‌ଲାଇନ୍‌ରେ ପାଠପଢ଼ା ଶ୍ରେଣୀ ଗୃହରେ ଶିକ୍ଷକ ପଢ଼ାଇବା ଭଳି ଏତେ ରୋଚକ ହେଉନାହିଁ । ପୁନଶ୍ଚ ମନକୁ ସଦା ଗ୍ରାସ କରୁଛି ଭବିଷ୍ୟତର ଚିନ୍ତା । ଅନେକ ସମୟରେ ତାଙ୍କୁ ଏକା ଏକା ରହିବାକୁ ମଧ୍ୟ ପଡୁଛି ଦୀର୍ଘକାଳ ଧରି । ଏହା ବ୍ୟତୀତ ଅଧିକ ଟିଭି ବା ସ୍ମାର୍ଟଫୋନ୍ ଦେଖିବାରେ ମଧ୍ୟ ଦେହ ଓ ମନ ଉପରେ କୁପ୍ରଭାବ ରହିଛି । ଏସବୁ ପରିଣାମ ସ୍ୱରୂପ, ସେମାନଙ୍କ ମାନସିକ ଚାପ ବୃଦ୍ଧି ପାଉଛି । ଫଳରେ ସେମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟଗତ ସମସ୍ୟା ସହିତ ବିରକ୍ତିଭାବ ଓ ଅପରାଧ ପ୍ରବଣତା ଏବଂ ଏପରି କି ଆତ୍ମହତ୍ୟା ପ୍ରବଣତା ମଧ୍ୟ ବଢ଼ିବାରେ ଲାଗିଛି ।

ମନକୁ ଚାପମୁକ୍ତ କରିବା, ଅନ୍ତତଃ ତାହାକୁ ନିୟନ୍ତ୍ରଣରେ ରଖିବା ପାଇଁ ମନସ୍ତତ୍ତ୍ୱବିତ୍‌ମାନେ ନାନାଦି ଉପାୟ ବତାଉଛନ୍ତି । ସେମାନେ ପ୍ରାକୃତିକ ତଥା ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସଂଗେ ସଂଗେ ନିୟମିତ ବ୍ୟାୟାମ ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି । ପୁନଶ୍ଚ ପରିବାରବର୍ଗଙ୍କ ସହିତ କିଛି ସମୟ ହସଖୁସିରେ ବିତାଇବା ଏବଂ ଭଲ ପାଉଥିବା କାର୍ଯ୍ୟରେ ନିୟୋଜିତ ରହିବା, ଯୋଗ ଓ ପ୍ରାର୍ଥନାରେ କିଛି କିଛି ସମୟ ବିତାଇବା ଭଳି କାର୍ଯ୍ୟ ମଧ୍ୟ ଏଥିରେ ସହାୟକ ହୁଏ । ତେବେ ମହାମାରୀ କୋଭିଡ୍-୧୯ ଏବେ ଉତ୍ପନ୍ନ କରିଥିବା ଆପାତ୍‌କାଳୀନ ପରିସ୍ଥିତିରେ ଏସବୁ ସହଜ ନୁହେଁ । କାରଣ, ଏଥିରୁ ସୃଷ୍ଟି ହେଉଥିବା ଭୌତିକ ପରିବେଶ ଏଥିପାଇଁ ଉପଯୁକ୍ତ ମାନସିକତା ଉତ୍ପନ୍ନ ହେବାକୁ ଦେଉନାହିଁ । ଅତଏବ ଏହି ମହାମାରୀ ହେତୁ ବୃଦ୍ଧି ପାଉଥିବା ମାନସିକ ଚାପ, ଏହାକୁ ଅଧିକ ଭୟାବହ ହେବାରେ ସହାୟତା କରୁଛି ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ:୯୯୩୭୯୮୫୭୬୭

## ପାଠକ ଶ୍ରେଷ୍ଠ ବିଚାରକ

### କେମିତି ପଢ଼ିବେ ଅନ୍‌ଲାଇନ ପାଠ

ମହାଶୟ,

ମହାମାରୀ କରୋନା ଯୋଗୁ ପ୍ରାୟ ଦୁଇ ବର୍ଷ ହେଇଗଲାଣି ସ୍କୁଲ ବନ୍ଦ ରହିଛି । ଏବେ ଅନ୍‌ଲାଇନ କ୍ଲାସ ବିକଳ୍ପ ହୋଇଥିବା ବେଳେ ପ୍ରହସନ ସାଜିଛି ୟୁଟ୍ୟୁବ ପାଠପଢ଼ା । ପିଲାଙ୍କ ପାଠପଢ଼ାରେ ବାଧକ ସାଜିଛି ନେଟ୍‌ୱର୍କ । ଏହା ହେଉଛି ଉପାନ୍ତ ଅଞ୍ଚଳ ମାଲକାନଗିରିର ଛାତ୍ରୀଛାତ୍ରଙ୍କ କାହାଣୀ । ୫୦ ପ୍ରତିଶତ ଗ୍ରାମରେ ନେଟ୍‌ୱର୍କ ନାହିଁ । ଏପରି କିଛି ଅଞ୍ଚଳ ଅଛି, ନେଟ୍‌ୱର୍କ ତ ଦୂରର କଥା ଟାୱାର ମଧ୍ୟ ନାହିଁ । ହେଲେ ସମସ୍ୟା ସେଇଠି ସରୁନି, ସବୁ ପିଲାଙ୍କ ପାଖରେ ମୋବାଇଲ ନାହିଁ । ନେଟ୍‌ୱର୍କ ଯୋଉଠି ପାଠପଢା ସେଇଠି । ଅତି ଦୟନୀୟ ଅବସ୍ଥାରେ ଗଛ ମୂଳେ, ଘର ଛାତ ନ ହେଲେ ପାହାଡ଼ ଚଢ଼ି ପିଲାଏ ନେଟ୍‌ୱର୍କ ଖୋଜି ଖୋଜି ପଢୁଛନ୍ତି ୟୁଟ୍ୟୁବ ପାଠ । ଢ଼ଏପରି ସ୍ଥିତିରେ ରାଜ୍ୟରେ କିପରି ଶତପ୍ରତିଶତ ପିଲା ପାଠ ପଢ଼ିବେ, ତାହା ଏବେ ବଡ଼ ପ୍ରଶ୍ନ ।

-କ୍ରିଷ୍ଣାରାଣୀ ସେଠୀ, ମାଲକାନଗିରି, କାଲିମେଳା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ସୁସ୍ଥ ଜୀବନଶୈଳୀ ପାଇଁ...

ପ୍ରାଚୀନ ସମୟରେ ଉଠିବାଠାରୁ ଶୋଇବା ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିଷର ଗୋଟିଏ ନିୟମ ରହୁଥିଲା, ଯାହାଫଳରେ ମନୁଷ୍ୟର ଜୀବନଶୈଳୀ ସୁସ୍ଥ ରହୁଥିଲା। ଏହିସବୁ ନିୟମ ବିଷୟରେ ଆୟୁର୍ବେଦରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ ରହିଛି। ଆଜିର ସମୟରେ ମଧ୍ୟ ଆମେମାନେ ଏହିସବୁ ନିୟମକୁ ମାନି ଚଳିଲେ ସୁସ୍ଥ ରହିପାରିବା। ଯଦିଓ କୌଣସି ନୂଆ ନିୟମକୁ ଗ୍ରହଣ କରିବା ଏତେ ସହଜ ନୁହେଁ, ତଥାପି ଆୟୁର୍ବେଦର ଦିନଚର୍ଯ୍ୟା ପଦ୍ଧତିକୁ ଗ୍ରହଣ କରିବା ଦ୍ୱାରା ଆମର ସ୍ୱାସ୍ଥ୍ୟାବସ୍ଥାରେ କିଛି ପରିବର୍ତ୍ତନ ଆସିବ।

**ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା :** ଆୟୁର୍ବେଦରେ ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା କିମ୍ବା ସୂର୍ଯ୍ୟଙ୍କ କିରଣ ସହ ଉଠିବାର ନିୟମ ରହିଛି।

**ଉଷୁମ ପାଣି ପିଇବା :** ପ୍ରତ୍ୟେକ ଦିନ ଅଧଗ୍ଲାସ ଉଷୁମ ପାଣି ସେବନ ଦ୍ୱାରା ପାଚନକ୍ରିୟା ଠିକ୍ ରହିବା ସହ ହୃଦୟର ଗତି ମଧ୍ୟ ଠିକ୍ ରହେ।

**ଦନ୍ତଧାବନ:** କଟୁ, ତିକ୍ତ, କଷାୟ ରସ ପ୍ରଧାନ ବୃକ୍ଷର ଶାଖାକୁ ବ୍ରସ୍ ଆକାରରେ ଦିନକୁ ୨ଥର ବ୍ୟବହାର କରିବା ଉଚିତ। ଯଥା– ନିମ୍ବ, ଖଜୁର, କରଞ୍ଜ, ବବୁଲ ଇତ୍ୟାଦି।

**ଜଳଖିଆ:** ଜଳଖିଆକୁ କେବେ ମଧ୍ୟ ଅଣଦେଖା କରିବା ଉଚିତ ନୁହେଁ। କାରଣ ଏହା ହିଁ ଆମର ପ୍ରଥମ ଦିନଚର୍ଯ୍ୟାର ଆରମ୍ଭର ପ୍ରାଥମିକତା। ଜଳଖିଆ ସକାଳ ୭ଟାରୁ ୯ଟା ମଧ୍ୟରେ କରିବା ଉଚିତ। ଏହାଦ୍ୱାରା ମସ୍ତିଷ୍କ ସୁସ୍ଥ ରହିବା ସଙ୍ଗେ ସଙ୍ଗେ ଶରୀରକୁ ପ୍ରଚୁର ଶକ୍ତି ମିଳେ।

**ଖାଇବା ପରେ ପାଣି ନ ପିଇବା:** ଖାଇବା ପରେ ଅନ୍ତତଃ ୪୦ ମିନିଟ୍ ପର୍ଯ୍ୟନ୍ତ ପାଣି ପିଇବା ଅନୁଚିତ।

**ଅଞ୍ଜନ:** ଆଖିପାଇଁପ୍ରତ୍ୟେକଦିନହିତକରଅଞ୍ଜନରାତ୍ରିରେପ୍ରୟୋଗକରିବା ଉଚିତ। ଏହାଦ୍ୱାରା ନେତ୍ରରେ ଥିବା କଫାଦି ଦୋଷଗୁଡ଼ିକ ବାହାରିଥାଏ।

**ନାସ୍ୟ:** ପ୍ରତ୍ୟେକ ଦିନ ଔଷଧିତ ତୈଳକୁ ନାକରେ ପକାନ୍ତୁ। ଏହାଦ୍ୱାରା ମୁଣ୍ଡବ୍ୟଥା ହୋଇ ନ ଥାଏ ଏବଂ କେଶ ପାଇଁ ମଧ୍ୟ ହିତକର ହୋଇଥାଏ।

**ଶିରୋଭଙ୍ଗ:** ପ୍ରତିଦିନ ଶିରରେ ତୈଳ ଅଭ୍ୟଙ୍ଗ ଏକ ଭଲ ଅଭ୍ୟାସ। ଯଦ୍ୱାରା ଶିରଶୂଳ (Headachae) ହୁଏନି। ଦୃଢ଼କେଶ ସହ ଅକାଳରେ ହେଉଥିବା ଧଳାକେଶ ମଧ୍ୟ ବନ୍ଦ ହୋଇଥାଏ। ସୁଖନିଦ୍ରା ହେବାରେ ଅତ୍ୟନ୍ତ ଭାବେ ଉପକାରୀ।

**ସ୍ନାନ:** ସ୍ନାନ ଦ୍ୱାରା ଶରୀର ଏବଂ ଅନ୍ତରାତ୍ମା ପବିତ୍ର ହୁଏ। ଏହା ବୀର୍ଯ୍ୟବର୍ଦ୍ଧକ ତଥା ଆୟୁବର୍ଦ୍ଧକ ଅଟେ।

**କ୍ଷୌରକର୍ମ:** କେଶ, ନଖ, ଶ୍ମଶ୍ରୁ ଆଦିକୁ କାଟିବା ଦ୍ୱାରା ଶରୀର ପୁଷ୍ଟି ହୁଏ। ବୃଷ୍ୟ, ଆୟୁଷ ଏବଂ ସୌନ୍ଦର୍ଯ୍ୟର ମଧ୍ୟ ବୃଦ୍ଧି କରାଏ।

ସୁସ୍ଥ ରହିବାକୁ ଆମେ ପ୍ରତିଦିନ ଏହି ନିୟମ ମାନି ଚଳିବା ଜରୁରୀ।

**– ଡା. ଈପ୍‌ସିତା ମିଶ୍ର**
ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସୋନପୁର
ମୋ : ୯୪୩୮୦୫୬୩୭୬

# ନିରାମୟ ଜୀବନ



ବର୍ତ୍ତମାନ ଅନେକ ନିଜର କାର୍ଯ୍ୟକୁ ନେଇ ବ୍ୟସ୍ତ ରହିଥାଆନ୍ତି। ହେଲେ ତା' ସହ ଆମକୁ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବାକୁ ପଡ଼ିଥାଏ। ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳ ଜଳଖିଆ (ବ୍ରେକ୍‌ଫାଷ୍ଟ) ଖାଇବାକୁ ଭୁଲନ୍ତୁ ନାହିଁ। ସବୁବେଳେ ସୁପାଚ୍ୟ ଖାଦ୍ୟ ହିଁ ଖାଆନ୍ତୁ। ଫାଷ୍ଟଫୁଡ୍, ଅଧିକ ତେଲ ତଥା ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ସବୁବେଳେ ଘରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ। ଖାଦ୍ୟ ଖାଇବା ସହ ପ୍ରତିଦିନ ଅତିକମ୍‌ରେ ୬–୭ ଘଣ୍ଟା ଶୁଅନ୍ତୁ। ଆଉ ଏକ ଖାସ୍ କଥା ରହିଛି। ତାହା ହେଲା ବ୍ୟାୟାମ। ଜଣେ ସୁସ୍ଥ ରହିବା ପଛରେ ବ୍ୟାୟାମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଜର ଦୈନନ୍ଦିନ ରୁଟିନରେ ଏହାକୁ ସାମିଲ କରନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

### ଜାଣି ରଖନ୍ତୁ

- ଦିନକୁ ଦୁଇ ଥର (ସକାଳେ, ସନ୍ଧ୍ୟା) ଦାନ୍ତ ବ୍ରଶ କରିବାକୁ ଭୁଲନ୍ତୁ ନାହିଁ।
- କୌଣସି ଔଷଧ ବିଷୟରେ ସବିଶେଷ ଜାଣି ନ ଥିଲେ କାହାକୁ ଖାଇବାକୁ ପରାମର୍ଶ ଦିଅନ୍ତୁ ନାହିଁ। ସବୁବେଳେ ଡାକ୍ତରଙ୍କ ସହ ପରାମର୍ଶ କରି ହିଁ ଔଷଧ ଖାଆନ୍ତୁ।
- ଶୋଇବାକୁ ଯିବା ପୂର୍ବରୁ ମନକୁ ଶାନ୍ତ ରଖନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।
- ସକାଳେ ବିଛଣାରୁ ଉଠିବା ପୂର୍ବରୁ ବିଛଣାରେ ବସି କିଛି ସମୟ ଷ୍ଟ୍ରେଚିଂ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ରକ୍ତ ସଞ୍ଚାଳନ ଏବଂ ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ।
- ସୁସ୍ଥ ଶରୀର ପାଇଁ ନିଜକୁ ଅବସାଦଠାରୁ ଯେତେ ଦୂରେଇ ରଖିବେ ସେତେ ଭଲ।



















ଭାରତୀୟ ରେଲୱେ ମାଲଗୋଦାମ
ଶ୍ରମିକ ସଂଘର ସମସ୍ତ ଶ୍ରମିକଙ୍କ ତରଫରୁ ରାଷ୍ଟ୍ରୀୟ ପ୍ରଭାରୀ
ମନୋରଞ୍ଜନ ପାଶୱାନ
ଏବଂ
ସାଉଥ୍ ଇଷ୍ଟର୍ଣ୍ଣ ଜୋନ୍‌ର ମୁଖ୍ୟ
ମନମୋହନ ସେଠୀ,
ଓଡ଼ିଶା ମୁଖ୍ୟ କର୍ମକର୍ତ୍ତା ନବଜୀବନ ଭୋଇଙ୍କ ସମେତ ରାଜ୍ୟ କମିଟି ତରଫରୁ ଦେଶର ସମସ୍ତ ଡାକ୍ତରଙ୍କୁ **ଚିକିତ୍ସକ ଦିବସ** ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ।






















## ଡକ୍ଟର୍ସ ଦିବସର କୃତଜ୍ଞତା

- ମୋର ବହୁତ ଦିନ ହେଲା ପ୍ରୋଷ୍ଟେଟ୍‌ଜନିତ ସମସ୍ୟା ଥିଲା। ବହୁତ ଚିକିତ୍ସା ପରେ ମଧ୍ୟ ଅବସ୍ଥା ସୁଧୁରି ନ ଥିଲା। ଡଃ ପବିତ୍ର ସାର୍ ମୋର ପ୍ରୋଷ୍ଟେଟ୍ ସର୍ଜରୀ ବାଇପୋଲାର Methodରେ କରିବା ପରେ ମୁଁ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥଅଛି।
  – ଅମୂଲ୍ୟ କୁମାର ଘଡେଇ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
- ବହୁତ ଦିନରୁ ମୋର କିଡ୍‌ନୀ ଷ୍ଟୋନ୍ ଥିଲା ଯାହାକି ମୋତେ କଷ୍ଟ ହେଉଥିଲା। ପବିତ୍ର ସାର୍ ମୋର ଷ୍ଟୋନ୍‌ର ଚିକିତ୍ସା ଲେଜର ଦ୍ୱାରା ନୂତନ ପଦ୍ଧତିରେ କଲେ ଏବଂ ବର୍ତ୍ତମାନ ମୋର ଆଉ ଷ୍ଟୋନ୍ ସମସ୍ୟା ନାହିଁ।
  – ମମତା ସାହୁ, ଗୋବିନ୍ଦପୁର, କଟକ
- ମୋର ବାପା ପେଟ ବଥା ପାଇଁ ultrasound କରିବା ପରେ ତାଙ୍କର ବାମ Kidneyରେ କ୍ୟାନ୍‌ସର ଥିବା ଜଣାପଡିଥିଲା। ବହୁତ ଡାକ୍ତର ଦେଖାକରିବା ପରେ ମୁଁ ଡକ୍ଟର ପବିତ୍ର ସାର୍‌ଙ୍କୁ ଦେଖାକଲି ଓ ସେ Laparoscopy ପଦ୍ଧତିରେ ମୋ ବାପାଙ୍କର Kidney ବାହାର କଲେ। ବର୍ତ୍ତମାନ ମୋ ବାପା ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି।
  –ସରୋଜ କୁମାର ଜେନା, ବିରିବାଟି, କନ୍ଦରପୁର, କଟକ
- ମୋର ସବୁବେଳେ ପରିସ୍ରା ଲିକ୍ ହେଇଯାଉଥିଲା। ବହୁତ ଡାକ୍ତରଙ୍କୁ ଦେଖା କରିବା ପରେ ମଧ୍ୟ ଭଲ ହେଉ ନ ଥିଲା। ତା'ପରେ ମୁଁ ଡକ୍ଟର ପବିତ୍ର ସାର୍‌ଙ୍କୁ ଦେଖାକଲି ଏବଂ ତାଙ୍କଠୁ ମେଡିସନ୍ ନେଇ ମୁଁ ଏବେ ସମ୍ପୂର୍ଣ୍ଣ ଭଲଅଛି।
  – ସନ୍ତୋଷ କୁମାର ଧଳ, ଅଡଶପୁର, କଟକ
- ମୋର ବାରମ୍ବାର Urine infection (ପରିସ୍ରା ସଂକ୍ରମଣ) ହେଉଥିଲା। ମୋର ଡାଇବେଟିସ୍ ଅଛି। ମୁଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲି । ଏହା ପରେ ମୁଁ ଡକ୍ଟର ପବିତ୍ର ସାର୍‌ଙ୍କ ସହିତ ପରାମର୍ଶ କଲି ଓ ସେ ଦେଇଥିବା medicine ଯୋଗୁ ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଛି।
  – ଅନୀତା ବେହେରା, ସୁକିନ୍ଦା, ଯାଜପୁର

**ଆମ୍ଭେ ପବିତ୍ର ସାର୍‌ଙ୍କୁ ଧନ୍ୟବାଦ ଦେବା ସହ ଆପଣମାନଙ୍କର କିଛି ସମସ୍ୟା ଥିଲେ ଆପଣମାନେ ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ।**



ଡକ୍ଟର ପବିତ୍ର କୁମାର ମିଶ୍ର
ୟୁରୋଲୋଜିଷ୍ଟ ଓ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ସର୍ଜନ
କେୟାର ହସ୍ପିଟାଲ, ଭୁବନେଶ୍ୱର, Mob. No.-7325922940

# ସାଧାରଣ କଥାରେ ଥାଏ ଅସାଧାରଣ ଗପ

## ସୃଜନ-ଆଳାପ


ଜୟନ୍ତୀ ରଥ

**ଜୟନ୍ତୀ ରଥ ଏଇ ସମୟର ଅନ୍ୟତମ ପରିଚିତ ଲେଖିକା, ଯାହାଙ୍କ ଲେଖନୀରେ ଖୁବ୍ ଭଲ ଉତୁରେ ଗଳ୍ପ ଓ କବିତା- ଉଭୟ। 'ଯାତ୍ରାରମ୍ଭ', 'ଶବ୍ଦ ଖେଳ', 'ଭିନ୍ନ ବର୍ଣ୍ଣବୋଧ', 'ରାଗ ବିରାଗ', 'ଶୂନ୍ୟ ଅରଣ୍ୟ', 'ଜ୍ୟାମିତି ପରିମିତି', 'ଦୀପ ଧୂପ', 'ମିଛ ସାକ୍ଷୀ', 'ମହୀ ମଣ୍ଡନା' ଓ 'ଝିଅର ଚିଠି' ଆଦି ତାଙ୍କର ଚର୍ଚ୍ଚିତ ଗଳ୍ପ ସଙ୍କଳନ 'ଶାଳିନୀ', 'ଜୀବନ ପାତ୍ର ମୋ', 'ଜୀବନ ଗୀତ' ଆଦି କବିତା ସଙ୍କଳନ ଏବଂ 'ଜୀବନ ସେପାଖେ ଜୀବନ', 'ଝୁମ୍‌ଝୁମ୍ ଝୁମୁରାରେ' ଭଳି ଉପନ୍ୟାସର ସେ ରଚୟିତ୍ରୀ। ଗୁଣାତ୍ମକ ଗଳ୍ପ ରଚନା ପାଇଁ ପାଇଛନ୍ତି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ୧୯୯୫ରେ। ଜୟନ୍ତୀଙ୍କ ସହ ସୃଜନ-ଆଳାପରେ ଏଥର ସୁଲେଖିକା ଛନ୍ଦା ମିଶ୍ର...**

**ପ୍ର:** ଆପଣଙ୍କୁ ଯେତିକି ଜାଣେ, ସାହିତ୍ୟ ମଧ୍ୟରେ ଜୀବନକୁ ଓ ଜୀବନ ମଧ୍ୟରେ ସାହିତ୍ୟକୁ ଖୋଜି ପାଇବାରେ ଆପଣ ଧୁରନ୍ଧର। କିନ୍ତୁ ବ୍ୟକ୍ତି ଜୟନ୍ତୀ ରଥ ସ୍ରଷ୍ଟା ଜୟନ୍ତୀ ରଥଙ୍କୁ କିପରି ଦେଖନ୍ତି?

**ଉ:** ଜୀବନ ଭିତରୁ ସାଉଁଟି ଆଣିଛି ରାଶିରାଶି ଅନୁଭବ। ତାକୁ ନେଇ ଲେଖିଛି ଗପ, କବିତା। ମୋ' ଅଲକ୍ଷ୍ୟରେ ସାହିତ୍ୟ ପାଲଟିଯାଇଛି ଜୀବନର ଅବଲମ୍ବନ। ତେବେ ମୋ' ବ୍ୟକ୍ତିତ୍ୱ ଓ ସର୍ଜନ ସତ୍ତାକୁ କେବେ ବ୍ୟବଚ୍ଛେଦ କରିନାହିଁ। ଜୀବନ ଶିଖେଇଛି ଲୁହ ସମ୍ଭାଳିବା କୌଶଳ। ବିନା ବାକ୍ୟରେ ଅବଜ୍ଞାକୁ, କୃତଜ୍ଞତାକୁ ଚାହାଣିରେ ଫୁଟାଇବାକୁ ବି ଶିଖାଇଛି ମତେ ଜୀବନ।

**ପ୍ର:** ଶୈଶବର କେଉଁ ଘଟଣାଟି ଆପଣଙ୍କ ସାହିତ୍ୟିକ ପ୍ରାଣକୁ ଅଧିକ ଆନ୍ଦୋଳିତ କରେ?

**ଉ:** ମାତ୍ର ବାଉନ ବର୍ଷ ବୟସରେ ମୋ' ବାପାଙ୍କର ଅକାଳ ମୃତ୍ୟୁ। ସେତେବେଳେ ମୋର ବୟସ ମାତ୍ର ଚଉଦ ବର୍ଷ। ବୋଉର ଶୂନ୍ୟ ସୀମନ୍ତ, ସଫେଦ ଶାଢ଼ି, ନିଦାରୁଣ ବାସ୍ତବକୁ ମାନି ନେଉନେଉ ମୋ' ଭିତରୁ ନିଖୋଜ ହୋଇ ଯାଇଥିଲା ସ୍ୱପ୍ନପ୍ରବଣତା। ହଜି ଯାଇଥିଲା ସ୍ୱତଃସ୍ଫୂର୍ତ୍ତ ଆବେଗ। ସେଇ ବେଦନା ଲିଭି ନାହିଁ ଅଦ୍ୟାବଧି ମୋ' ସ୍ମୃତିରୁ।

**ପ୍ର:** ଆପଣ କବିତା ଓ ଗଳ୍ପ ଉଭୟ ଲେଖନ୍ତି। କେଉଁଟି ଆପଣଙ୍କୁ ଅଧିକ ଆତ୍ମତୃପ୍ତି ପ୍ରଦାନ କରିଛି?

**ଉ:** ଗୋଟିଏ ଭଲ କବିତା ବିଶୁଦ୍ଧ ମନ୍ତ୍ରଟିଏ ପରି ସିକ୍ତ, ଶୀତଳ କରିଦିଏ ମନକୁ। ବାଟରେ ଯାଉଥିଲାବେଳେ, ଘର କାମ କରୁଥିବାବେଳେ, ମୁଁ ଗୁଣୁଗୁଣୋଉଥାଏ କବିତା, କେତେବେଳେ ମୋ' ନିଜର ତ କେତେବେଳେ ପ୍ରିୟ କବିମାନଙ୍କର କବିତା ମତେ ଶକ୍ତିଦିଏ ଆଗକୁ ଯିବାକୁ।

**ପ୍ର:** ଆପଣଙ୍କ ସାହିତ୍ୟରେ ଆମେ ସାଧାରଣ ମଣିଷ ଓ ସାଧାରଣ ଘଟଣାଗୁଡ଼ିକର ଅସାଧାରଣ ରୂପ ଦେଖିବାକୁ ପାଉ। ଏହା ସମ୍ଭବ ହୁଏ କିପରି?

**ଉ:** ସାଧାରଣ ମଣିଷର ସ୍ୱପ୍ନ, ସ୍ୱପ୍ନଭଙ୍ଗ, ସଂଘର୍ଷ, ସମସ୍ୟା ବହୁତ ଦେଖିଛି ଜୀବନର ଚଲାପଥରେ। ଦେଖିଛି, ବାରମ୍ବାର ଗର୍ଭପାତ କରିବାକୁ ଯାଇ ନର୍ସିଂହୋମ୍‌ର ଡାକ୍ତର ଓ ସିଷ୍ଟରଙ୍କ ଭର୍ତ୍ସନା କିପରି ଶୁଣେ ବିବାହିତା ସ୍ତ୍ରୀଲୋକଟିଏ। ପାଖରେ ନଥାଏ ତା'ର କାମୁକ ସ୍ୱାମୀ, ଏକୁଟିଆ ଲାଞ୍ଛନା ଓ ଯନ୍ତ୍ରଣା ସହିବାକୁ ତାକୁ ଛାଡ଼ିଦେଇ ଆସିଥାଏ। ଦେଖିଛି, ପଥ ହୁଡ଼ିଥିବା ମଣିଷର ପଶ୍ଚାତ୍ତାପ, ଅନୁଶୋଚନା। ଦେଖିଛି, ଉପରକୁ ବହୁତ ସାଧାରଣ ଲାଗୁଥିବା ଚରିତ୍ର ଓ ଘଟଣା ଭିତରେ ଲୁଚିଥିବା ଅସାଧାରଣ ଗପ ଓ ଉପନ୍ୟାସର ବୀଜ।

**ପ୍ର:** ଆପଣଙ୍କ ଦୃଷ୍ଟିରେ ଜଣେ ସଚ୍ଚା ସୃଜନ-ଶିଳ୍ପୀ ପାଇଁ ପୁରସ୍କାର କେତେ ମହତ୍ତ୍ୱ ରଖେ?

**ଉ:** ପୁରସ୍କାର ଓ ସମ୍ମାନ ନିଶ୍ଚିତ ଭାବେ ଜଣେ ସ୍ରଷ୍ଟାକୁ ପ୍ରୋତ୍ସାହିତ କରେ। ତେବେ ପୁରସ୍କାର ସାଧନାର ଶେଷ ଲକ୍ଷ୍ୟ ନୁହେଁ।

**ପ୍ର:** ଇତିହାସର ଅନେକ ଚରିତ୍ର ଆପଣଙ୍କ ଲେଖନୀରେ ପୁନର୍ଜନ୍ମ ପାଇଛନ୍ତି। ଆପଣ ଏପରି ଇତିହାସମୁଖୀ କାହିଁକି?

**ଉ:** ମୁଁ ଇତିହାସର ଛାତ୍ରୀ। ରାଜ୍ୟ ସଂଗ୍ରହାଳୟରେ ଆରମ୍ଭ ଓ ଶେଷ ମୋର ବୃତ୍ତିଜୀବନ। ଏଠି ବିଶାଳ ଲାଇବ୍ରେରୀରେ ଇତିହାସ, କଳା, ସଂସ୍କୃତି ଉପରେ ବହୁ ବହି ପଢ଼ିବାକୁ ପାଇଲି। ପ୍ରାଚୀନ ଲିପି, ଶିଳାଲେଖ, ଅଭିଲେଖ ଉପରେ ତାଲିମ ନେଲି। ପ୍ରଥିତଯଶା ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ସୁସାହିତ୍ୟିକା ନନ୍ଦିନୀ ଶତପଥୀ ଏବଂ ଆହୁରି ବହୁ ଅଗ୍ରଜ ସାହିତ୍ୟିକ ମତେ କହିଥିଲେ, "ମ୍ୟୁଜିୟମ୍‌ରେ ଅଛ, ଯାଅ ଇତିହାସ ଭିତରକୁ, ଇତିହାସର ଚରିତ୍ରମାନଙ୍କୁ ଲୋକଲୋଚନକୁ ଆଣ"। ମୁଁ ଅନୁପ୍ରାଣିତ ହେଲି ସେମାନଙ୍କ କଥାରେ। ରାଣୀ କର୍ପୂରଶ୍ରୀ, ସୋମବଂଶୀ ମହାରାଣୀ ଭାସଜ୍ଞା, ଦେବଦାସୀ ସୁତନୁକା, ବକାଟକ ରାଜବଂଶର ମହାରାଣୀ ପ୍ରଭାବତୀ, ପରମ ବୈଷ୍ଣବୀ କବି ମାଧବୀ ଦାସୀ, ବୃନ୍ଦାବତୀ ଦାସୀ ଏମାନଙ୍କ ଚରିତ୍ରକୁ ନେଇ ଗପ ଲେଖିଲି।

**ପ୍ର:** ବ୍ୟକ୍ତିଗତ ଜୀବନରେ ଆପଣଙ୍କୁ କିଏ ବେଶୀ ପ୍ରଭାବିତ କରିଛି?

**ଉ:** ମୋର ସବୁଠାରୁ ପ୍ରିୟ ମଣିଷ, ଆଦର୍ଶ ମଣିଷ ମୋର ବାପା ପ୍ରବୀଣ ପ୍ରଧାନ ଶିକ୍ଷକ ସ୍ୱର୍ଗତ ନିତ୍ୟାନନ୍ଦ ପଣ୍ଡା। ସ୍ୱଳ୍ପ ଜୀବନକାଳ ମଧ୍ୟରେ ନିଜର ତ୍ୟାଗ, ନିଷ୍ଠା ଓ ଶିକ୍ଷାଦାନ କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋବୃତ୍ତି ଯୋଗୁଁ ସେ ବହୁ ଜୀବନକୁ ଆଲୋକିତ କରିଥିଲେ। ତାଙ୍କର ସାହିତ୍ୟାନୁରାଗ ଥିଲା ଗଭୀର। ତାଙ୍କ ପ୍ରେରଣା ଭିତ୍ତି ପକାଇଥିଲା ମୋ' ସର୍ଜନ କ୍ରିୟାର। ପରେ ବୋଉ ସେଇ ଭିତ୍ତିକୁ ସୁଦୃଢ଼ କରିଥିଲା।

**ପ୍ର:** ପାଠକୀୟ ସ୍ୱୀକୃତିକୁ ଆପଣ କିପରି ଗ୍ରହଣ କରନ୍ତି?

**ଉ:** ପାଠକୀୟ ସ୍ୱୀକୃତିକୁ ମୁଁ ପ୍ରକୃତ ପ୍ରାପ୍ତି ମନେକରେ। ପାଠିକାପାଠକଙ୍କ ଚିଠିରୁ, ଫୋନ୍‌ରୁ ଅଧିକରୁ ଅଧିକ ଲେଖିବା ପାଇଁ ପ୍ରେରଣାପାଏ। ମୋର ମନେଅଛି ପଲ୍ଲୀ ଗାଁରୁ ବୋହୂଟିଏ କୋହଭରା ଚିଠିଟିଏ ଦେଇଥିଲା, ମୋର ଗପଟିଏ ପଢ଼ି। ଲୁହରେ ଭିଜି ଯାଇଥିଲି ମୁଁ ତା'ର ଅନ୍ତର୍ବେଦନା ପଢ଼ି। 'ପର ପୃଥିବୀ' ଗପଟି ପଢ଼ି ପର ଘରେ ଖଟି ପେଟ ପୋଷୁଥିବା ଯୁବକଟିଏ ଚିଠି ଲେଖିଥିଲା।

**ପ୍ର:** ଆପଣ ଅଜସ୍ର ସୃଷ୍ଟି କରିଛନ୍ତି, ମାତ୍ର ଆପଣଙ୍କୁ ଦେଖିଲେ ଲାଗେ ଆହୁରି ଅନେକ କଥା ଯେପରି ବାକି ରହିଯାଇଛି। କ'ଣ କହିବେ?

**ଉ:** ମୋ' ଭିତରେ ବହୁ କଥା, ବହୁ ବ୍ୟଥା- ଯାହା ମୁଁ ଏଯାଏଁ କହି ପାରିନାହିଁ। ସେଥିପାଇଁ ଏକ ସାରସ୍ୱତ ଅସନ୍ତୋଷ ଭାବ ମୋତେ ସଦା ଆଚ୍ଛନ୍ନ କରି ରଖିଥାଏ।

ମୋ: ୯୮୬୧୧୮୪୫୧୯

## କବିତା

### ଅନ୍ଧକାରର ଆତତାୟୀ

ନିରାକାର ଦାସ

ମାନବିକତାର ମୁଣ୍ଡରେ
ମୁଦ୍‌ଗର ମାରି ମାରି
ମହାରାଜା ସାଜୁଥିବା ମଣିଷ
କାହୁଁ ବୁଝିବ
ମାଟିରେ ମୁହଁମାଡ଼ି ପଡ଼ିଥିବା
ଶ୍ରମିକର ବ୍ୟଥା?
ସଂକଟର ଶଯ୍ୟାରେ ଶୋଇ ଶୋଇ
କୁନ୍ଥେଇ କୁନ୍ଥେଇ କାନ୍ଦୁଥିବା
ସର୍ବହରାଙ୍କ ହରାଇବାର ଭାଷା?
ସଞ୍ଜ ସକାଳେ ସାଆନ୍ତଙ୍କ ଘରେ
ସଙ୍କୁଡ଼ି ସଫା କରି କରି
ଶତାବ୍ଦୀ ଶତାବ୍ଦୀ ଧରି ବଞ୍ଚୁଥିବା
ବଞ୍ଚିତର ଅବାଞ୍ଛିତ ଜୀବନ
ଜିଇବାର କଥା?

ଶୋଷକର ଶଙ୍ଖା, ଶାଢ଼ି, ସିନ୍ଦୂର ପିନ୍ଧି
ସଧବା ସାଜି ବୁଲୁଥିବା ବିଧିର
ବିଧବାମାନେ
କାହୁଁ ବୁଝିବେ
ମୁକ୍ତିର ମହାଦ୍ରୁମ
ମଉଳି ଯିବାର ଗାଥା?
ଆଲୋକର ଆଢୁଆଳରେ
ଉହୁଙ୍କିମାରି ଉଣ୍ଡୁଥିବା
ଅନ୍ଧକାରର ଆତତାୟୀମାନେ
କ'ଣ ବା ଦେଖିବେ
ମରିଯାଉଥିବା ମଣିଷର ପ୍ରାଞ୍ଜଳତା,
ଉଜୁଡ଼ି ଯାଉଥିବା ସୁଜଳା, ସୁଫଳା,
ଶସ୍ୟଶ୍ୟାମଳା
ମାଟିର ମମତା?

ସେଇଥିପାଇଁ
ମୁଁ ବାରମ୍ବାର କହୁଛି:
ଚଉଦ ଭୁବନକୁ
ଚଳୁ କରିବାକୁ ବସିଥିବା
ଏ ପୁଞ୍ଜିର ପୂଝାରୀ,
ଆମ ଚେତନାକୁ ଚଉପଟ
ବନଉଥିବା
ଏ ସମ୍ଭ୍ରାନ୍ତ ବେପାରୀଙ୍କ ତୁଣ୍ଡରେ
ଶଣ୍ଢୁଆସି ଯୋଚି ଦଉଡ଼ାଅ
ବୁଭୁକ୍ଷିତ ଜୀବନର
ଦଗ୍‌ଧିଭୂତ ଯେତେସବୁ ରାସ୍ତା।

ଦେଖେଇ ଦିଅ
ପ୍ରଦୂଷଣର ପରାଗ କେମିତି
ଗିଳିବାକୁ ବସିଲାଣି
ତାଙ୍କ ଅମରାବତୀର ସଭା
ନଚେତ୍,
କଷଣର କାରିଗରଟିଏ ହୋଇ
ଗଢୁଥିବ ଏମିତି ଦୈନ୍ୟର ଗାଳିଚା।
ଶୋଷଣର ସଂଗୀତକାରଟିଏ ହୋଇ
ଶୁଣଉଥିବ ଧ୍ୱଂସର ମାଳିକା।

ମୋ: ୮୪୫୫୮୮୫୦୧୩

### ବର୍ଷା

ରବି ଶତପଥୀ

ତୁମେ ଆସ
ମେଘକୁ ଆଖିରେ ବାନ୍ଧି
ବିଜୁଳିର ହସ ହସି
ପାହାଡ଼ ଡଙ୍ଗର ଡେଇଁ
ସଂଜବତୀ ଲିଭିଗଲା ପରେ,

ଆସ ତୁମେ
ଥୁଣ୍ଟାଗଛ ପିଠି ଥାପୁଡ଼େଇ
ଶୁଖିଲା ନଈକୁ ଛୁଇଁ
ଲୁଚିଲୁଚି ଓଦା କର ମୋତେ
ଅସରାଏ କାକର ଲୁହରେ।

ତୁମେ ଆସ
ନିଦାଘକୁ ନିଦରେ ଶୁଆଇ
ପୁଣି ଥରେ ଫେରିବାର କଥା ଦେଇ
ଲାଜଲାଜ ଲାଗୁଥିବା
ପବନର ମେଘ ସବାରିରେ,

ଆସ ତମେ
ଆକାଶ ପଣତ ଛାଡ଼ି
ମାଟିର ମୋହରେ ପଡ଼ି
ଗାଇବାକୁ ମିଳନର ଗୀତଟିଏ
ଭିଜାଭିଜା ମଧୁର ଲଗ୍ନରେ॥

ମୋ: ୯୪୩୭୭୮୪୮୫୯

### ପ୍ରତିଶ୍ରୁତି

ତପସ୍ୱିନୀ ମିଶ୍ର

ସଞ୍ଜର ଛନ୍ଦରେ ରାତିର ଛାତିରେ
କେହି ଜଣେ ସମ୍ପର୍କର ଦେହ ପଖାଳୁଛି
ଆଖିରେ ତା' ଆଶ୍ୱାସନାର ନରମପଣ
ଲୁହର ତାତିକୁ ଭାଙ୍ଗି
ଜହ୍ନର ଶୀତଳ ଛୁଆଁରେ ଭରୁଛି।

ଭାରି ବ୍ୟସ୍ତତା ସେ ଆଖିରେ
ଏ ମନ ପାଇଁ ଖେଳେଇ ପଡ଼ିଛି
ଅନାମିକା ସମ୍ପର୍କରେ
ଅନୁରାଗର କାନ୍‌ଭାସ ଢାଙ୍କି ରହିଛି
ସଞ୍ଜର ନହକା ଛାତିରେ
କାମନାର ସଲଜ୍ଜ ଛନ୍ଦ
ମିଳନର ରାଗିଣୀ ତୋଳୁଛି।

କେତେ ଆତ୍ମୀୟତା
ଧାରେ ଅନ୍ଧାର ଭିତରେ
ହାଲ୍‌କା ହାଲ୍‌କା ଯୋଡ଼ିହୁଏ ଇଚ୍ଛା ଓ ଅସ୍ତିତ୍ୱ
ସକଳ ସମ୍ପୂର୍ଣ୍ଣତାରେ
ଦେହ ଅଗଣାର ଅୟୁତ ଆୟୁଷ।

କେଉଁଠି ଘାସରେ
ବିନ୍ଦୁଏ କାକର
ଶେଷସୀମା ଭରିଆସୁଥିବା ଶୋଷର
ତୃପ୍ତିରେ ଢଳି ଆସେ ବହଳେ ଅନ୍ଧାର...
ମହମହ ବାସ୍ନା ତୋଳେ
ପ୍ରତିଶ୍ରୁତି ପାହାନ୍ତି ପହର।

ମୋ: ୮୦୧୮୭୯୭୧୪୭

## ପୁସ୍ତକ ପରିଚୟ

### ଅରଣ୍ୟର ଅଧିକାର




**ମୂଳ ବଙ୍ଗଳା:** ମହାଶ୍ୱେତା ଦେବୀ
**ଅନୁବାଦ:** ଅମିୟବାଳା ପଟ୍ଟନାୟକ
**ପ୍ରକାଶକ:** ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୨୨୫/-

ଗ୍ରନ୍ଥର 'ଭୂମିକା'ରେ ମହାଶ୍ୱେତା ଲେଖିଛନ୍ତି: "ଜୀବନ, ବିଦ୍ରୋହ, ଯାହା କିଛି ଚଳମାନ, ତା'ର ସତ୍ୟତା, କେଉଁ ଦେଶରେ କେଉଁ କାଳରେ ନେତାର ମୃତ୍ୟୁରେ ଶେଷ ହୋଇଯାଏ ନାହିଁ। କାଳେକାଳେ ଉତ୍ତରାଧିକାର ଧାରାରେ ଅବ୍ୟାହତ ଥାଏ ତା'ର ଅଗ୍ରଗତି। ବିଦ୍ରୋହରୁ ଜନ୍ମନିଏ ବିପ୍ଳବ।" ପ୍ରାକ୍ ସ୍ୱାଧୀନତାକାଳର ସଂଗ୍ରାମୀ ଆଦିବାସୀ ନେତା ବିର୍ସା ମୁଣ୍ଡାର ଜୀବନ କାହାଣୀକୁ ଭିତ୍ତିକରି ଆଲୋଚ୍ୟ ଉପନ୍ୟାସ 'ଅରଣ୍ୟର ଅଧିକାର' ବିରଚିତ। ଏହା ହେଉଛି ପ୍ରକୃତିଦତ୍ତ ଅଧିକାରରୁ ବଞ୍ଚିତ ହୋଇ କ୍ଷୁଧା, ଦାରିଦ୍ର୍ୟ ଓ ଅଶିକ୍ଷାରେ କବଳିତ ଜଙ୍ଗଲୀ ମଣିଷର କରୁଣ ଶବ୍ଦଲିପି। ଉପନ୍ୟାସର ପ୍ରଥମ ଧାଡ଼ି କେଇଟି ହେଲା: "ନଅ ଜୁନ୍ ଊଣେଇଶ ମସିହା। ରାଞ୍ଚି ଜେଲ୍। ସକାଳ ଆଠଟା ବେଳେ ବିର୍ସା ରକ୍ତ ବାନ୍ତିକରି ଅଚେତ ହୋଇପଡ଼ିଲା। ବିର୍ସା ମୁଣ୍ଡା, ସୁଗାନା ମୁଣ୍ଡାର ପୁଅ। ବୟସ ପଚିଶ ବର୍ଷ, ବିଚାରାଧୀନ ବନ୍ଦୀ।" ଜେଲ୍‌ରେ ବିର୍ସା ତା'ର ମୃତ୍ୟୁ ପୂର୍ବରୁ ଶରୀରରେ ହାତକଡ଼ି ଟାଣି ଚିଲାଇ ଚିଲାଇ ଅନ୍ୟ ସହବନ୍ଦୀ ମୁଣ୍ଡାମାନଙ୍କ ଉଦ୍ଦେଶ୍ୟରେ କହିଛି: "ଶୁଣରେ ମୁଣ୍ଡାମାନେ। ମୁଁ ଧରିତ୍ରୀର ଆବା, ଏହି ଦେହ ନ ଛାଡୁଣୁ ତୁମର ଉଦ୍ଧାର ନାହିଁ। ସାହସ ଛାଡ଼ ନାହିଁ। କହିବନି ଭଗବାନ୍ ଆମକୁ ଜେଲ୍‌ରେ ଠୁଙ୍କି ଚାଲିଗଲା। ସବୁ ହତିଆର ତମକୁ ଦେଇଛି, କଲିଜାରେ ସାହସ ଦେଲି, କିଏ ଶତ୍ରୁ ତମକୁ ଚିହ୍ନାଇ ଦେଲି। ହତିଆର ଛାଡ଼ିବ ନାହିଁ। ଦିନ ଆସିବ ତମେ ହିଁ ଜିତିବ।" ଉପନ୍ୟାସଟିର ଭାଷା ସରଳ, ବାକ୍ୟ ଛୋଟଛୋଟ, କାରୁଣ୍ୟ ଓ କରୁଣାରେ ଭରା ପ୍ରତ୍ୟେକଟି ଉଚ୍ଚାରଣ। ଅନୁବାଦ ମୂଳ ଭାଷା ପ୍ରତି ଅନୁଗତ ଆମୂଳଚୂଳ।

### ସମୟର ସାତରଙ୍ଗ




**କବି:** ରଞ୍ଜନ କୁମାର ଦାସ
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୯୯/-

ମୋଟ ୪୬ଟି କବିତା ବହିଟିରେ, ଯହିଁରେ ସମୟର ସାତରଙ୍ଗ ଫୁଟିଉଠିଛି। ପ୍ରଚ୍ଛଦଲେଖରେ ସୂଚିତ ହୋଇଛି ଯେ ଏହା କବିଙ୍କର ଦ୍ୱାଦଶ କବିତା ସଂକଳନ। ଶାଶ୍ୱତ ଓ ପ୍ରତିବଦ୍ଧ ପ୍ରେମରେ ବୁଡ଼ିଥିବାବେଳେ ପ୍ରେମିକ ଏ ଚରାଚରର ସବୁଠୁ ଅଭୀକ ଉପସ୍ଥିତିଟିଏ ହୋଇ ଉଠିଥାଏ। ରଞ୍ଜନଙ୍କ କବିତା ସେହି ପ୍ରେମର ଏକ କାଳଜୟୀ ସ୍ୱାକ୍ଷର। ତାଙ୍କ ହୃଦୟ-ସଂପୁଟରେ ଆତୁର ମଣିଷପଣଟି ସଦା ସଞ୍ଚିତ ହୋଇ ରହିଥାଏ। ତା' ହୋଇ ନ ଥିଲେ ସେ କ'ଣ ଲେଖିପାରନ୍ତେ: "ଆ ଜହ୍ନମାମୁ ସରଗଶଶି କହି/ ଆକାଶ ସହ ସମ୍ପର୍କ ଯୋଡ଼ିଥାନ୍ତି ଛୁଆଙ୍କର/ ମା'ମାନେ ଭାବନ୍ତି/ କାଲି ଯଦି ମୁଁ ଚାଲିଯାଏ ତାରାଟିଏ ହେଇ/ ଜହ୍ନକୁ ଚିହ୍ନିଥିଲେ ଅନ୍ତତଃ/ ମୋ' ପିଲା ତାକୁ ହିଁ ପଚାରି ବୁଝିପାରିବ ମୋ' ଠିକଣା।" ('ଝିଅ ପାଇଁ ନାନାବାୟା': ପୃ: ୧୧)। ମଣିଷର ଅସହାୟତାକୁ ସେ ବୁଝନ୍ତି। ମଣିଷର ଏକୁଟିଆପଣର ଛବି ଫୁଟେଇବାକୁ ଯାଇ କହନ୍ତି: "ମଣିଷର ଭାଗ୍ୟ ହିଁ ତ ସେମିତି/ ଯାହା ଖୋଜେ/ ସେସବୁ ମିଳେନା କେବେହେଲେ/ ଯାହାକୁ ଅପେକ୍ଷା କରେ/ ସେ ଆସେନା କେବେ।" (କେଡ଼େ ଏକୁଟିଆ: ପୃ: ୭୫)। ଅନ୍ୟ ଏକ କବିତାରେ ଜୀବନର ନଶ୍ୱରତାକୁ ନେଇ କବିଙ୍କର ପ୍ରେମିକ ସ୍ୱର ଉଦାସ ହୋଇଉଠେ: "ଆସ ହାତ ଧରାଧରି ହେଇ/ ଯିବା ସମୁଦ୍ର କୂଳକୁ/ ଗଢ଼ିବା ବାଲିର ଘରଟିଏ/ କିଏ ଜାଣେ କାଲି ଆମେ ଥିବା କି ନ ଥିବା" ('ଥିବା କି ନ ଥିବା କାଲି': ପୃ: ୫୩)। କବି ରଞ୍ଜନ ପ୍ରେମ ଓ ମୃତ୍ୟୁର ହେବା ସତ୍ତ୍ୱେ ଗୋଟିପଣେ ଜୀବନର- ତାଙ୍କ କବିତା ସବୁକୁ ପଢ଼ିଲେ ଏପରି ଲାଗେ। ମାୟା ଏଞ୍ଜେଲୋଙ୍କ ପରି ନିଜ ଭିତରେ ବରାବର ଏକ ଅକୁହା କାହାଣୀକୁ ଚାପିଧରି କଷ୍ଟ ଭୋଗନ୍ତି ସେ, ଯେଉଁ କଷ୍ଟଠାରୁ ବଳି କଷ୍ଟ ଆଉ ଜଗତରେ ନ ଥାଏ।

## ମିନିଗଳ୍ପ

### ଚୋର

ଜ୍ୟୋସ୍ନାରାଣୀ ଦାଶ

ହଇରେ ତୋତେ ଲାଜ ମାଡୁ ନାହିଁ, ତୁ ପଢ଼ାପିଲା ହୋଇ ବାପାଙ୍କ ପକେଟରୁ ଚୋରି କରୁଛୁ। ଛିଃ! କେଡ଼େ ବାଜେ ପିଲା ତୁ। ମାଆର ତିରସ୍କାରରେ ପୁଅଟି ନ ଡରି କହିଲା- ମା', ବାପା ସ୍କୁଲ୍ ପିଲାଙ୍କ ମଧ୍ୟାହ୍ନଭୋଜନ ଟଙ୍କାକୁ ହଡ଼ପ କରି ହଜାର ହଜାର ଟଙ୍କା ଆଣୁଛନ୍ତି, ସେଇଟା କ'ଣ ଚୋରି ନୁହେଁ? ମୋ' ସାଙ୍ଗ ଦିନାର ମା'ଟା ପେଟ ବେମାରିରେ ଘାଣ୍ଟି ହେଉଥିଲା, ତା'ର ଅପରେଶନ ପାଇଁ ମୁଁ ୨୦ ହଜାର ଟଙ୍କା ସାହାଯ୍ୟ କଲି, ମୁଁ କେମିତି ଚୋର ହେଲି ମାଆ? ମା' ଭାବୁଥିଲେ, ଚୋରଠାରୁ ଚୋରି କରି ମୋ' ପୁଅ ଭଲ କାମରେ ଲଗାଇଛି, ସେ କିଆଁ ଚୋର ହେବ? ଅସଲ ଚୋର ତ ଘରେ ନା।

**- ପାଲଲହଡ଼ା, ଅନୁଗୋଳ**

## କାଳକାଳକୁ



"ଏପରି ବଂଧୁ ନାହିଁ,
ଯିଏ ବହିଠୁଁ ବଳି ବିଶ୍ୱସ୍ତ"
-ଆର୍ନେଷ୍ଟ ହେମିଙ୍ଗ୍‌ୱେ

**ଆର୍ନେଷ୍ଟ ହେମିଙ୍ଗ୍‌ୱେଙ୍କ** ଜନ୍ମ ୨୧ ଜୁଲାଇ ୧୮୯୯ରେ, ଆମେରିକାରେ ଓ ପରଲୋକ ୨ ଜୁଲାଇ ୧୯୬୧ରେ। ତାଙ୍କର ପ୍ରମୁଖ କତିପୟ ଗ୍ରନ୍ଥ: "ସ୍ନୋ ଅଫ୍ କିଲିମାଞ୍ଜାରୋ ଆଣ୍ଡ ଅଦର୍ ଷ୍ଟୋରିଜ୍", "ହିଲ୍ସ ଲାଇକ୍ ଏଲିଫାଣ୍ଟ୍ସ", "ଅପ୍ ଇନ୍ ମିଚିଗାନ୍ ଗ୍ରୀନ୍ ହିଲ୍ସ ଅଫ୍ ଆଫ୍ରିକା" ଓ "ଦ ହେଭ୍ ଆଣ୍ଡ ହେଭ୍‌ନଟ୍"। ବହୁ ପ୍ରସିଦ୍ଧ ଗଳ୍ପ/ ଉପନ୍ୟାସର ଏହି ସ୍ରଷ୍ଟା କହିଥିଲେ: "ମଣିଷର ଜନ୍ମ ପରାଜୟ ପାଇଁ ନୁହେଁ। ସେ ଧ୍ୱଂସ ହୋଇଯାଇ ପାରେ କିନ୍ତୁ ପରାଜିତ ହେବ ନାହିଁ।" ଉପନ୍ୟାସ ସାହିତ୍ୟକୁ ନିଜର ମୂଲ୍ୟବାନ ଅବଦାନ ପାଇଁ ୧୯୫୩ରେ ତାଙ୍କୁ ମିଳିଛି ପୁଲିଜର ପ୍ରାଇଜ୍ ଓ ୧୯୫୪ରେ ସେ ପାଇଛନ୍ତି ସାହିତ୍ୟରେ ନୋବେଲ।

## ଗଳ୍ପ

### ଦୁଃଖ ସାଉଁଟା ମଣିଷ

ଝରଣା ପଟ୍ଟନାୟକ

"ହେଁ ପାହାର ଖାଇଲି ପଛେ କେସ୍ ଠୁଙ୍କି ଦେଇଛି ଫାଣ୍ଡିରେ" କହିଦେଇ ଆଖି ବନ୍ଦକରି ବାରଣ୍ଡାରେ ପଡ଼ିରହିଲା ଯୋଗୀ ମଳିକ। ଦେହରେ ବଥା। କାହାଲ ହୋଇ ଗଡ଼େଇ ଦେଇଛି ଦେହଟାକୁ। ଯେତେ ଅନିଭୋଗ ଯେମିତି ତା'ରି ପାଇଁ ରଖାହୋଇଛି।

ଗୁରୁବାରୀ ବୋଉ ମାଉସୀର କାନ ଭାରି ପ୍ରଖର। ଶୁଣିଦେଇଛି ଯୋଗୀର ବିଳିବିଳା। ତା' ଦେହରେ ହାତ ମାରି କହିଲା, ଏଇଟା ସଂଜବେ! ସପନ ଦେଖୁଛୁ ନା କ'ଣ? ତତେ ମାରିଲା କିଏ?

ଆରେ କ'ଣ ହେଉଛି ଯୋଗୀର? ଆସୁଆସୁ ଟିକିଏ ଡେରି ହୋଇଗଲା ମାଉସୀ! କ'ଣ ଜ୍ୱର? ଆଜିକାଲି ତ କେତେ ପ୍ରକାର ଜ୍ୱରର ତାଲିକା ଡାକ୍ତରଖାନାରେ। ଜାପାନୀ ଜ୍ୱର କୁଆଡ଼େ ପ୍ରାଣ ନେଇଯିବ।

ଗୁରୁବାରୀ ବୋଉ ମାଉସୀ କ୍ଷେପିଗଲା ବାଙ୍କୁ ବାବୁଙ୍କ ଉପରକୁ। କହିଲା- ପାଞ୍ଚ ଡାକରାରେ ଆସୁଛ ବାଙ୍କୁ ବାବୁ? ଲୋକଟାର କେହି ନାହିଁ ଜାଣିଛ!

ସର୍ବରାକାର ଜେଜେଙ୍କର ଗୁପାଛାଉଣି ବାଡ଼ିଟାରେ ଟିକିଏ କେଞ୍ଚିଦେଲେ ତା' ପିଠିକୁ ବାଙ୍କୁ ବାବୁ। ଉଠିଲାନି ଯୋଗୀ। ମାଉସୀ! ଖୁସିବାସିଆ ଲୋକଟାର କ'ଣ କୋଉଠି ଅଟକିଗଲା କି? କଥା ନାହିଁ। ଆଖି ଲୁହରେ ଭିଜେଇଲାଣି ମୁରୁଳା। ତା'ର ଆଗକୁ ପଛକୁ କେହି ନାହିଁ। କିଏ ମଲା କି? ମାଉସୀ! ଘୋଡ଼ିହେଲା ଖଣ୍ଡେ ଆଣି ତାକୁ ଢାଙ୍କିଦିଅ।

ଶୀତୁଆ ପବନଟା ପାଗଳ ହୋଇଗଲାଣି। ରାତି ଛାତିରେ ବି ଗୁମାଗୁମା ଜ୍ୱର। ଏ ଭିତରେ ରାଧୁ ସୁନାରି, ଚଇତା କେଉଟ, ନଟ ପରିଡ଼ା ଆସି ପହଞ୍ଚି ସାରିଥିଲେ। ଘୋଡ଼ିହୋଇ ନାକ କାନ ବି ଢାଙ୍କି ପକେଇଥିଲେ। ଏତେ ଥଣ୍ଡା! ଲୋକଟା ପଡ଼ିଛି ବାରଣ୍ଡାରେ। ପଖାଳ ତବତ ସରି ତା' ମୁଢ଼ିର ପର୍ବ ବି ସରିଲାଣି ଗାଁ ଲୋକଙ୍କର। ଲୋକଟା ଅଖିଆ ପଡ଼ିଛି ସଂଜଯାଏ। ବାରଣ୍ଡା ସାମ୍ନାରେ ଥିବା ନଡ଼ିଆ ଗଛ ପୁଂଜାକ ବାହୁଙ୍ଗା ଏମିତି ଦୋହଲଉଛନ୍ତିଯେ ଚତୁର୍ଥୀ ତିଥିର ଜହ୍ନ ଚିରୁଡାକ ବି ଉହାଡ଼ରେ ରହିଯାଉଛି। ପୁଷଥଣ୍ଡାରେ ଛେଦାଛେଦା ଅନ୍ଧାର ଡାଳ ପତରକୁ ଜାବୁଡ଼ିଲାଣି। ଆଖି ଖୋଲିଦେଇ ନଜର ଲମ୍ବେଇ ପୁଷ କୁହୁଡ଼ି ଜଗୁଆଳି ହେଲାଣି ଧରାର ଆକାଶର। ଉଠୁନି ତଳୁ ଯୋଗୀ ମଳିକ। ମାଲଭାଇଙ୍କ ସାଂଗେ ହରିବୋଲ କହୁଥିବା କିଛି ଲୋକ ବାଁଖେଡ଼ିଆ ଦେଇ ଅନ୍ତର୍ଦ୍ଧାନ ହେଲାପରି ଯୋଗୀ ଦୁଆରୁ ବି ଜଣେ ଜଣେ ଖସି ପଳଉଛନ୍ତି।

ସାହେବୀ କୋଟ୍‌ଟାର ପଞ୍ଚମ ଜର୍ଜମାର୍କା ପିତଳ ବୋତାମ ଉପରେ ବାରମ୍ବାର ଟିପ ରଖି ବାଙ୍କୁ ବାବୁ କହୁଥିଲେ ଲୋକଟାର ମହତପଣିଆ ବିଷୟରେ। ସବୁ କରେ। ସମସ୍ତଙ୍କୁ ସବୁ ଦିଏ। ତୁଷ୍ଟ କରେ ସମସ୍ତଙ୍କୁ। ଶୁକତରା ବୁଡ଼ିବା ଆଗରୁ ଯୋଗୀ ମଳିକ ଖାଲେଇଏ ମାଛ ଧରି ଫି' ଦିନ ପହଞ୍ଚିଯାଏ ତାଙ୍କ ଦୁଆରେ। ବର୍ଷାପାଣିକୁ ଡର ନ ଥାଏ। ଏଥର ବାଆ ଯୋଗୁ ଯୋଉ ଫସଲହାନି ହେଲା, ସେଥିରେ ବି ସେ ହାରିଲାନି। ଯାହା ଦି' ଗଣ୍ଡା କଳେଇଥିଲା କିଆରିରେ, ପହିଲି ମଗୁଶିରରେ ଅମଳକରି ଗାଁର ସବୁ ଘରେ ଧାନ ମୋଫତ୍‌ରେ ଦେଇଆସିଲା କହିଲେ ଚଳେ। ଲକ୍ଷ୍ମୀମାଣ ଲାଗି ମାଗଣା ନେବେନି ବୋଲି ଘରର ସ୍ତ୍ରୀଲୋକମାନେ ତା' ହାତରେ ଆଠଣା ଟଂକେ ଗୁଞ୍ଜିଦେଲେ। ସବୁ କରେ ସିଏ। ହେଲେ ହେଲା କ'ଣ? କିଛି ସମୟ ପରେ ବାଙ୍କୁ ବାବୁ ପୁଣି କହିଲେ- ଆରେ! ଉଠାଅ ତାକୁ। ନ ଉଠିଲେ ଟାଣି ଓଟାରି ଠିଆକରାଅ। ପଚାର କ'ଣ ହଜିଯାଇଛି ତା'ର। ମୁଁ ବାଙ୍କୁ କହୁଛି। ହଜିଥିଲେ ଖୋଜିଦେବି।

ଗୁରୁବାରୀ ବୋଉ ମାଉସୀ ଏତେବେଳକୁ ପାଟି ଖୋଲିଲା। କହିଲା- ମୁରବି ନାହାନ୍ତି ଘରେ ବୋଲି ଭାଆ ହେଇ ନ ଥିଲା। ଦୋଭେଇ ବରକୁ ଛାଡ଼ି ଚାଲିଆସିଲାଣି ସୁନାମଣି। ତା' ସଂଗେ ଛନ୍ଦିହେବ ବୋଲି ଗାଁ ମାଇପେ ଟୁପୁରୁଟାପର ହେଉଛନ୍ତି। ହେଇଥିଲେ ହୋଇଥାଆନ୍ତା ଭାଆ। କିଏ ମନାକଲା କି?

ବାଙ୍କୁ ବାବୁ ନିଶ ଉପରେ ହାତ ଚଳେଇ କଣିକିଆ ହସଟେ ଓଠରେ ଖେଳେଇ ଦେଲେ। କହିଲେ- ଆରେ ବାଃ। ଏଇ କଥା? ଆରେ ନରିଆ, ସୁବଳ। ଆଗକୁ ମାଘ। ତିଥିବାର ପାଇଁ ନାହାକ ପାଖକୁ କାଲି ସକାଳେ ଯାଅ।

ଯୋଗୀ ହାତଯୋଡ଼ି ଏ ଭିତରେ ଛିଡ଼ା ହୋଇ ସାରିଥିଲା। ପୁଣି ଭୁସ୍ କରି ତଳେ ବସିଯାଇ ବାଙ୍କୁ ବାବୁଙ୍କ ଦୁଇଗୋଡ଼କୁ ଜାବୁଡ଼ି ଧରିଲା। କହିଲା- ମତେ ରକ୍ଷାକର ଆପଣେ। ମୋର ଯଦି ଭୁଲ୍, ତିରଣ ଦାନ୍ତରେ ଚାପିବି। ଆପଣଙ୍କଠୁଁ ଗୋଇଠା ଖାଇବି। ଖାଲି ଯାହା ରିପୋର୍ଟ ଲେଖେଇଛି।

ଆରେ! କ'ଣ କଲୁ କି ତୁ? ଉ'ଠୁ। ବସ। ଆଗ ଖାଇଦେ। କହି ଭାତକଂସା ତା' ଆଗରେ ରଖିଦେଲେ ବାଙ୍କୁ ବାବୁଙ୍କ ସ୍ତ୍ରୀ। କହିଲେ- ଏ ସରକାରଙ୍କୁ କହିବା ବା କ'ଣ। ଡାଲିରେ ଛୁଙ୍କ ଦବାକୁ ପିଆଜ କୋଲେ ନାହିଁ। ଏବେ ତ ଭୋଟ୍ ନାହିଁ। ଯେତେ ଦର ବଢ଼ିବ ବଢୁ। ହଉ, ଖାଇଦେ।

ବାଙ୍କୁ ବାବୁଙ୍କ ଆଡ଼କୁ ଚାହିଁ ତାଙ୍କ ସ୍ତ୍ରୀ କହିଲେ- ଆମ ଯୋଗୀଟା କାହା ଉପରେ ଖରାପ ନଜର ପକେଇବନି। ଯିଏ ବି ନଜର ପକେଇବାକୁ ଚେଷ୍ଟା କରିବ, ତାକୁ ଧୂଳି ଚଟେଇ ଦେବ। ଖାଇଦେ, ଖାଇଦେ। ଭୋକ ଉପାସରେ ପଡ଼ିଲେ କ'ଣ ସବୁ ମେଣ୍ଟିଯିବ? ଧୈର୍ଯ୍ୟ ଧର।

ସମସ୍ତେ ଯୋଗୀ ମୁହଁକୁ ଚାହିଁଥିଲେ। ସମୟ ଖସୁଥିଲା। ରାତି ବଢୁଥିଲା। ଉଦ୍‌ବିଗ୍ନ ସମସ୍ତଙ୍କ ମନ। କଥାଟା କ'ଣ? ରାଣୀ କୈକେୟୀ କ'ଣ ଅଡ଼ି ବସିଛନ୍ତି ରାମଙ୍କୁ ବଣକୁ ପଠେଇବା ଲାଗି?

ଯୋଗୀ ମଳିକ ତୁଣ୍ଡ ଖୋଲିଲା। ସେଠି ପଡିଆରା ଦେଖଉଥିବା ଟୋକା, ଦରବୁଢ଼ା ଅନେଇ ରହିଥିଲେ। ଯେମିତି ପିଇଯିବେ ତା' କଥାକୁ।

ଯୋଗୀ କହିଲା- ଆଜ୍ଞା! ଦି'ପା ଜମିରେ ବାଡ଼ ବୁଜି ମଞ୍ଜି ପୋତିଥିଲି। ରାତିରେ ନ ଶୋଇ ନବ ମଉସା ଘରୁ ସେଣା ଆଣି ପାଣି ମଡ଼େଇଥିଲି। ବୁଦାମାରି ଫୁଲୁଫୁଲିଆ ହୋଇ ଗଛ ବଢୁଥିଲା। ଫୁଟାଲଟା କାଟିନେଲେ।

ଏତିକି କହିଦେଇ ଯୋଗୀ ହାତ ପାପୁଲିରେ ମଥାକୁ ପିଟିଲା। କହୁଥିଲା-ଧରାପଡ଼ିବେନି କୁଆଡ଼େ ଯିବେ? ଏ ତିରୋଟ ବେଳରେ ଦି' ପଇସା କରିଥାଆନ୍ତି। ହାୟରେ ବିଧାତା!

ବାଙ୍କୁ ବାବୁ ଯୋଗୀର ହାତ ପାପୁଲିକୁ ଧରି ପକେଇ ପଚାରିଲେ, ଆରେ! କି ଚାଷ କରିଥିଲୁ? ଆଜ୍ଞା ପିଆଜ। କ୍ଷେତଟା ବିବାକ୍ ଶୂନ୍। ରାତାରାତି କାଟି ନେଇଛନ୍ତି ପଲେ ଯୋଗିନୀଖିଆ।

ମୋ: ୯୪୩୭୫୪୪୦୪୫



## ପୂର୍ବତନ ଉପବାଚସ୍ପତି ଗୁରୁତର

ମାଲକାନଗିରି, (ଡି.ଏନ୍.ଏ.): ଓଡ଼ିଶା ବିଧାନସଭାର ପୂର୍ବତନ ଉପ ବାଚସ୍ପତି ତଥା ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରହ୍ଲାଦ ଦୋରା ମଙ୍ଗଳବାର ରାତିରେ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ତାଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଦୀର୍ଘ ଦିନ ହେବ ସେ ପେଟରୋଗ ଓ ଶ୍ୱାସ ରୋଗରେ ପୀଡିତ ଥିଲେ। ତାଙ୍କ ପେଟରେ ଏକ ଟ୍ୟୁମର ଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ କହିଛନ୍ତି।

# ଭୂମିହୀନ ୧୮ ଲକ୍ଷ କୃଷକ ପରିବାରଙ୍କୁ ୩୮୬ କୋଟି ସହାୟତା

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'କାଳିଆ' ଯୋଜନା ଅନ୍ତର୍ଗତ ଭୂମିହୀନ କୃଷକ ପରିବାରଙ୍କୁ ବୁଧବାର ୩୮୬ କୋଟି ଟଙ୍କାର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯାଇଛି। ଏହାଦ୍ୱାରା ୧୮ ଲକ୍ଷ ଭୂମିହୀନ କୃଷକ ପରିବାର ଉପକୃତ ହେବେ। ଏଥିରେ ପ୍ରତ୍ୟେକ ଭୂମିହୀନ ଚାଷୀ କାଳିଆ ଯୋଜନାର କିସ୍ତି ସହିତ ଅତିରିକ୍ତ ଭାବେ ୧୦୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସହାୟତା ପାଇବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀ, ଶ୍ରମିକମାନଙ୍କ ପରି ଖଟିଖିଆ ବର୍ଗ ହେଉଛନ୍ତି ଆମ ଅର୍ଥନୀତିର ନାଭିକେନ୍ଦ୍ର । ଏ ସମସ୍ତଙ୍କ ତ୍ୟାଗ ହିଁ ଆମ ଅର୍ଥନୀତିକୁ ସମୃଦ୍ଧ କରିଥାଏ । କୃଷି କ୍ଷେତ୍ରର ସବୁ ସଫଳତା ପଛରେ ଭୂମିହୀନ ଚାଷୀର ତ୍ୟାଗ ଓ ପରିଶ୍ରମ ରହିଛି । ଆମେ ତା'ର ତ୍ୟାଗକୁ ସମ୍ମାନ କରୁ । ତା'ର ସ୍ୱାର୍ଥର ସୁରକ୍ଷା ପାଇଁ ଆମ ଲଢ଼େଇ ଜାରି ରହିଛି । ଏମ୍.ଏସ୍. ସ୍ୱାମୀନାଥନ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ ସବୁବେଳେ ଦାବି କରି ଆସିଛି । ଏହା ପୂରଣ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚାଷୀ ହେଉଛନ୍ତି ଆମର ଗର୍ବ ଓ ଗୌରବ । ତେଣୁ ଚାଷୀ ସ୍ୱାର୍ଥର ସୁରକ୍ଷା ସବୁବେଳେ ତାଙ୍କର ପ୍ରାଥମିକତା ହୋଇ ରହି ଆସିଛି। କାଳିଆ ଯୋଜନା ଯୋଗୁ ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ପରିବାର ମୁହଁରେ ହସ ଫୁଟିଛି ଓ ମନରେ ଭରସା ଦେଇଛି । ଏଥିପାଇଁ କାଳିଆ ମୋର ସବୁଠାରୁ ପ୍ରିୟ ଯୋଜନା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋଭିଡ୍ ଲଢ଼େଇରେ ବିଜୟ ପାଇଁ ଚାଷୀମାନେ ସମସ୍ତେ ଟିକା ନେବା ସହିତ କୋଭିଡ୍‌ର ନିୟମ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି କୃଷକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦୃଢ଼ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଛନ୍ତି।

କାର୍ଯ୍ୟକ୍ରମରେ କାଳିଆ ଯୋଜନା ଓ ଭୂମିହୀନ ଚାଷୀମାନଙ୍କ ସମ୍ପର୍କରେ ଏକ କ୍ଷୁଦ୍ର ଭିଡିଓଚିତ୍ର ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କୃଷି ବିଭାଗ ସଚିବ ଏସ୍ . କେ. ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର.କେ. ଶର୍ମା ଏବଂ ୩୦ ଜିଲାର ଭୂମିହୀନ ଚାଷୀମାନେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗ ଦେଇଥିଲେ।



**କୃଷି କ୍ଷେତ୍ରର ସଫଳତା ପଛରେ ରହିଛି ଭୂମିହୀନ ଚାଷୀର ତ୍ୟାଗ: ମୁଖ୍ୟମନ୍ତ୍ରୀ**

# 'ବର୍ଷକରେ ୮ଲକ୍ଷ ଶିଶୁଙ୍କୁ ଟିକା ଲକ୍ଷ୍ୟ'

**ଝାରସୁଗୁଡ଼ା ଅଫିସ,୩୦।୬**

୫ବର୍ଷରୁ କମ୍ ବୟସର ଶିଶୁ, କମ୍ ରୋଗ ପ୍ରତିରୋଧକ ଶକ୍ତିଥିବା ଶିଶୁ, ଅପପୁଷ୍ଟିର ଶିକାର ହୋଇଥିବା ଶିଶୁଙ୍କୁ ନିମୋକୋକାଲ ରୋଗ ହେବା ଆଶଙ୍କା ରହିଥାଏ। ଏହି ରୋଗ ପ୍ରତିହତ କରିବା ପାଇଁ ସମସ୍ତ ଯୋଗ୍ୟ ଶିଶୁମାନଙ୍କୁ ପିସିଭି (ନିମୋକୋକାଲ କଞ୍ଜୁଗେଟ୍ ଟିକା) ଟିକାକରଣ ବୁଧବାରଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ୟୁନିଟ-୪ ୟୁପିଏଚ୍‌ସିଠାରେ ଆୟୋଜିତ ରାଜ୍ୟସ୍ତରୀୟ ଟିକାକରଣ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପରାମର୍ଶଦାତା ପ୍ରଦୀପ ହାଲଦାର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ବିଜୟ କୁମାର ପାଣିଗ୍ରାହୀ, ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ଓ ନେଲସନ୍ ଉପସ୍ଥିତ ଥିଲେ।



ଟିକାକରଣ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

**ଶିଶୁଙ୍କୁ ପିସିଭି ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ**

ଝାରସୁଗୁଡା ମଙ୍ଗଳବଜାରସ୍ଥିତ ହସ୍ପିଟାଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଉଦ୍‌ଘାଟନ କରି କହିଥିଲେ, ପିସିଭି ଟିକାକରଣ ଅପପୁଷ୍ଟିର ଶିକାର ଓ ଦୁର୍ବଳ ଶିଶୁମାନଙ୍କୁ ନିମୋନିଆ ଭଳି ଫୁସ୍‌ଫୁସ୍‌ଜନିତ ସଂକ୍ରମଣରୁ ରକ୍ଷା କରିବ। ଟିକାର କୌଣସି ପାର୍ଶ୍ୱପ୍ରତିକ୍ରିୟା ରହିବ ନାହିଁ। ବର୍ଷକ ମଧ୍ୟରେ ରାଜ୍ୟର ୮ଲକ୍ଷ ଶିଶୁଙ୍କୁ ଏହି ଟିକା ଦିଆଯିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୮୮ହଜାର ୪ଶହ ଟିକା ରାଜ୍ୟ ସରକାରଙ୍କ ନିକଟରେ ଗଚ୍ଛିତ ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସରୋଜ ସାମଲ, ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲମୋହନ ରାଉତରାୟ, ଏଡିପିଏଚ୍‌ଓ (ଏଫ୍‌ଡବ୍ଲ୍ୟୁ) ଡା. ସୁପ୍ରଭା ବାରିକ, ଡା. ଡୋଲାମଣି ପଟେଲ, ଡା. ବ୍ରଜକିଶୋର ଭୋଇ, ଡିପିଏମ୍ ବୁଲୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱରୂପା ମହାନ୍ତିଙ୍କୁ ୟୁଏଇର ଗୋଲ୍‌ଡେନ୍ ଭିଜା

**ଭୁବନେଶ୍ୱର, ୩୦।୬(ବ୍ୟୁରୋ) –** ମୟୂରଭଞ୍ଜ ଜିଲା ବାରିପଦାର କଳାକାର ବିଶ୍ୱରୂପା ମହାନ୍ତିଙ୍କୁ ୟୁଏଇର ସମ୍ମାନଜନକ ଗୋଲଡେନ୍ ଭିଜା ମିଳିଛି। ୟୁଏଇ ସରକାରଙ୍କ ପକ୍ଷରୁ ତାଙ୍କୁ ୧୦ ବର୍ଷ ଲାଗି ଏହି ଭିଜା ପ୍ରଦାନ କରାଯାଇଛି। ଗୋଲଡେନ୍ ଭିଜା ପାଇଥିବା ବ୍ୟକ୍ତି କୌଣସି ଜାତୀୟ ପ୍ରାୟୋଜକ ବିନା ୟୁଏଇରେ ବସବାସ ସହ ପାଠ ପଢ଼ିପାରିବେ ଓ ବ୍ୟବସାୟର ୧୦୦% ମାଲିକାନା ହାସଲ କରିପାରିବେ। ଏହି ଭିଜା ୫ କିମ୍ବା ୧୦ ବର୍ଷ ପାଇଁ ଦିଆଯାଏ ଓ ତାହା ସ୍ୱୟଂକ୍ରିୟ ଭାବେ ନବୀକରଣ ହୁଏ। ୟୁଏଇର ଗୋଲ୍‌ଡେନ ଭିଜା ପାଇବାରେ ବିଶ୍ୱରୂପା ହେଉଛନ୍ତି ଓଡ଼ିଶାର ପ୍ରଥମ କଳାକାର। ୨୦୦୭ରୁ ଦୁବାଇରେ ରହୁଥିବା ବିଶ୍ୱରୂପା ପ୍ରାୟ ୮ ବର୍ଷ ଧରି ଏକାଡେମିକ୍ କ୍ଷେତ୍ରରେ ଏବଂ ଡିଜାଇନ୍ ଇଣ୍ଡଷ୍ଟ୍ରିରେ କାର୍ଯ୍ୟ କରିଥିଲେ। କିନ୍ତୁ ସେ ହୃଦୟଙ୍ଗମ କଲେ ଯେ, କଳା ହେଉଛି ତାଙ୍କର ପ୍ରକୃତ ଆହ୍ୱାନ। ତେଣୁ ୨୦୧୬ରେ ବିଶ୍ୱରୂପା ଡିଜାଇନ୍ କ୍ଷେତ୍ର ଛାଡ଼ି ଜଣେ କଳାକାର ଭାବରେ ନୂଆ ଯାତ୍ରାରମ୍ଭ କରିଥିଲେ। ଏବେ ସେ ଦୁବାଇ ଅର୍ଥନୈତିକ ବିଭାଗରେ ସ୍ୱ-ନିଯୁକ୍ତ କଳା ଅଭ୍ୟାସକାରୀ ଭାବେ ପଞ୍ଜୀକୃତ। ସେ ଦିଲ୍ଲୀ ଏନ୍‌ଆଇଏଫ୍‌ଟିରୁ ଫ୍ୟାଶନ ଡିଜାଇନିଂରେ ବ୍ୟାଚେଲର ଡିଗ୍ରୀ, ଆଇଇଡି ମିଲାନରୁ ଫ୍ୟାଶନ ଓ ଟେକ୍ସଟାଇଲ ଡିଜାଇନରେ ମାଷ୍ଟର ଡିଗ୍ରୀ ଏବଂ ବାରିପଦାର ସ୍କୁଲ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟସରୁ ଫାଇନ୍ ଆର୍ଟସ୍‌ରେ ଡିପ୍ଲୋମା କରିଛନ୍ତି। ଗୋଲ୍‌ଡେନ୍ ଭିଜା ପ୍ରଦାନ କରିଥିବାରୁ ବିଶ୍ୱରୂପା ୟୁଏଇ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଏଥିପାଇଁ ସେ ନିଜ ପରିବାରବର୍ଗଙ୍କ ସମେତ ମେଣ୍ଟର, ଶୁଭେଚ୍ଛୁ, ପୃଷ୍ଠପୋଷକ ଓ ଅନୁଗାମୀଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଏହି ସଫଳତା ମୋ ଜୀବନ ପାଇଁ ବହୁତ ବଡ଼। ଏହି ସଫଳତାରୁ ମୁଁ ବୁଝିଲି ଯେ, ଯଦି ତୁମେ ତୁମର ହୃଦୟକୁ ଅନୁସରଣ କର ଏବଂ ତୁମର ଆତ୍ମାକୁ ତୁମର ପେସାରେ ରଖ, ତେବେ ଧୀରେ ଧୀରେ ଏବଂ ଶେଷରେ ତୁମେ କଳ୍ପନାଠାରୁ ଅଧିକ ପୁରସ୍କୃତ ହୋଇପାରିବ।



# ମହାନଦୀରୁ ୩୫ କେଜିର ମାଛ ଉଦ୍ଧାର



**କଟକ ଅଫିସ, ୩୦।୬:** କଟକସ୍ଥିତ ମୁଣ୍ଡଳି ପୋଲ ନିକଟ ମହାନଦୀରୁ ବୁଧବାର ୩୫ କେଜି ଓଜନର ଏକ ମାଛ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳର ଭୀମସେନ ନାମକ ଜଣେ ମତ୍ସ୍ୟଜୀବୀ ମଙ୍ଗଳବାର ରାତିରେ ମୁଣ୍ଡଳି ନିକଟ ମହାନଦୀରେ ମାଛ ଧରିବା ପାଇଁ ଜାଲ ପକାଇଥିଲେ। ବୁଧବାର ସକାଳେ ତାଙ୍କ ଜାଲରେ ଉକ୍ତ ମାଛ ପଡିଥିଲା। ଏହାର ଓଜନ ୩୫ କେଜି ହୋଇଥିବାବେଳେ ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ ଲାଗିଥିଲା। ଏହି ମାଛର ନାଁ ସାଲନ୍ଦ ଓ ଏହାକୁ କିଲୋ ପ୍ରତି ୪୦୦ ଟଙ୍କା ଦରରେ ବିକ୍ରି କରିଥିବା ଭୀମସେନ କହିଛନ୍ତି।

































## ୩ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର କୁଲଗାମ ଜିଲାରେ ସୁରକ୍ଷା ଯବାନଙ୍କ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ପ୍ରଥମେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ତୃତୀୟ ଆତଙ୍କବାଦୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଯବାନଙ୍କ ସହ ଗୁଳିବିନିମୟ ଜାରି ରଖିଥିଲା। ଶେଷରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୁରକ୍ଷା ବଳ ପକ୍ଷରୁ ଉକ୍ତ ଜିଲାର ଚିମେର ଗ୍ରାମରେ ତଲାସି ଅଭିଯାନ ଚାଲିଥିବାବେଳେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି।

### ସଂକ୍ଷେପରେ

## ନେପାଳ ସୀମାରୁ ୮ କ୍ୟାମେରା ଡ୍ରୋନ୍ ଠାବ

**ପାଟନା, ୩୦।୬:** ଜମ୍ମୁ-କଶ୍ମୀର ବାୟୁସେନା ଘାଟିରେ ଡ୍ରୋନ୍‌ରୁ ବୋମାମାଡ଼ ହେବାର ୩ ଦିନ ପରେ ନେପାଳ ସୀମା ନିକଟବର୍ତ୍ତୀ ବିହାରରୁ ୮ଟି କ୍ୟାମେରା ଡ୍ରୋନ୍ ଜବତ ହୋଇଛି। ଚାଇନା ନିର୍ମିତ ଏହି ଡ୍ରୋନ୍‌ଗୁଡ଼ିକୁ ଏକ କାର୍‌ରେ ନେଉଥିବା ୩ ଚୋରା ବେପାରିଙ୍କୁ ସଶସ୍ତ୍ର ସୀମା ବଳ ଗିରଫ କରିଛି। ଗୋଇନ୍ଦା ସୂଚନା ପାଇବା ପରେ ସଶସ୍ତ୍ର ସୀମା ବଳର ଯବାନମାନେ ମୋତିହାରିଠାରେ ଉକ୍ତ କାର୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଡ୍ରୋନ୍ କ୍ୟାମେରା କ'ଣ ପାଇଁ ଅଣାଯାଇଥିଲା ଓ କେଉଁଠିକୁ ନିଆଯାଉଥିଲା ତା'ର ତଦନ୍ତ ଜାରି ରହିଛି।

## ତୁରନ୍ତ ଅଶ୍ଳୀଳ ଚିତ୍ର ହଟାଅ

### ଟୁଇଟରକୁ କହିଲେ ଏନ୍‌ସିଡବ୍ଲ୍ୟୁ

**ନୂଆଦିଲ୍ଲୀ, ୩୦।୬:** ଟୁଇଟର୍‌ରୁ ସପ୍ତାହେ ମଧ୍ୟରେ ସମସ୍ତ ପ୍ରକାର ଅଶ୍ଳୀଳ ବିଷୟବସ୍ତୁ (ପର୍ନୋଗ୍ରାଫିକ୍ କଣ୍ଟେଣ୍ଟ) ହଟାଇବାକୁ ଟୁଇଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ମନୀଷ ମହେଶ୍ୱରୀଙ୍କୁ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) କହିଛି। ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମା ଏ ନେଇ ଦିଲ୍ଲୀ ପୋଲିସ କମିଶନରଙ୍କୁ ମଧ୍ୟ ଚିଠି ଲେଖି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଚାଇଲ୍ଡ ପର୍ନୋଗ୍ରାଫି(ଶିଶୁଙ୍କୁ ନେଇ ଅଶ୍ଳୀଳ ଚଳଚ୍ଚିତ୍ର) ଆକ୍‌ସେସ୍‌କୁ ଅନୁମତି ଦେବା ଅଭିଯୋଗରେ ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟଫର୍ମ ବିରୋଧରେ ମଙ୍ଗଳବାର ଦିଲ୍ଲୀ ପୋଲିସ ଏଫ୍‌ଆଇଆର୍ ରୁଜୁ କରିଥିଲା। ଏ ନେଇ ଶିଶୁଙ୍କ ଅଧିକାର ସୁରକ୍ଷା ପାଇଁ ଜାତୀୟ କମିଶନ (ଏନ୍‌ସିପିସିଆର୍) ପକ୍ଷରୁ ଦାୟର ଅଭିଯୋଗ କ୍ରମେ ପୋକ୍ସୋ ଆଇନ୍ ବଳରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି।

## ସିଦ୍ଧୁଙ୍କୁ ମିଳିବ ନୂଆ ଦାୟିତ୍ୱ

**ନୂଆଦିଲ୍ଲୀ, ୩୦।୬(ପି.ଟି.):** ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ ବରିଷ୍ଠ କଂଗ୍ରେସ ନେତା ନବଜୋତ୍ ସିଂ ସିଦ୍ଧୁଙ୍କର ବିବାଦ ଲାଗି ରହିଥିଲାବେଳେ ବୁଧବାର ସେ ନୂଆଦିଲ୍ଲୀରେ ଦଳର ନେତା ରାହୁଲ ଗାନ୍ଧୀ ଓ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଭେଟିଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଦଳରେ ବଡ଼ ଦାୟିତ୍ୱ ଦିଆଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ପ୍ରିୟଙ୍କାଙ୍କ ପ୍ରସ୍ତାବିତ ସୂତ୍ରରେ ସିଦ୍ଧୁ ରାଜି ହୋଇଛନ୍ତି। ସିଦ୍ଧୁଙ୍କ ନୂଆ ଦାୟିତ୍ୱ ସମ୍ପର୍କରେ କଂଗ୍ରେସ ହାଇକମାଣ୍ଡ ୪୮ ଘଣ୍ଟା ମଧ୍ୟରେ ଘୋଷଣା କରିପାରନ୍ତି।



## ଜାମିଆ ଛାତ୍ରଙ୍କୁ ଡାଏନା ପୁରସ୍କାର

**ନୂଆଦିଲ୍ଲୀ, ୩୦।୬:** ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ର କୈଫ୍ ଅଲି ୨୦୨୧ ବର୍ଷ ଲାଗି ସମ୍ମାନଜନକ ଡାଏନା ପୁରସ୍କାର ପାଇଛନ୍ତି। ଏହି ଚତୁର୍ଥ ବର୍ଷ ବ୍ୟାଚେଲର ଅଫ୍ ଆର୍କିଟେକ୍‌ଚର ଛାତ୍ର ଏପରି ଏକ ସ୍ଥାୟୀ ଆଶ୍ରୟର ଡିଜାଇନ କରିଛନ୍ତି, ଯାହା କରୋନା ଭୂତାଣୁ ସଂକ୍ରମଣକୁ ହ୍ରାସ କରିପାରିବ। ୱେଲ୍ସ ଯୁବରାଣୀ ଡାଏନାଙ୍କ ସ୍ମୃତିରେ ଏକ ଚ୍ୟାରିଟି ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।



## ପଞ୍ଚାୟତ ବୈଠକରେ ବଳାତ୍କାରୀଙ୍କୁ ଚପଲ ମାଡ଼, ୫୦ ହଜାର ଜରିମାନା

### ପୀଡ଼ିତା ଥାନାର ଦ୍ୱାରସ୍ଥ

**ଲକ୍ଷ୍ନୌ, ୩୦।୬:** ଜଣେ ନାବାଳିକାଙ୍କ ବଳାତ୍କାର ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶର ଏକ ପଞ୍ଚାୟତ ବୈଠକରେ ୫ ଥର ଚପଲ ମାଡ଼ ଓ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିଷ୍ପତ୍ତି ନିଆଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୀଡ଼ିତାଙ୍କ ପରିବାର ଏହାକୁ ନ ମାନି ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି ଯେ, ତାଙ୍କ ଗ୍ରାମର ଜଣେ ଯୁବକ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ସେ ପଞ୍ଚାୟତ ମୁଖ୍ୟଙ୍କୁ ଜଣାଇବା ପରେ ଗତ ୨୩ ତାରିଖରେ ଏକ ବୈଠକ ବସିଥିଲା। ସମ୍ପୃକ୍ତ ଯୁବକଙ୍କୁ ପୀଡ଼ିତା ୫ ଥର ଚପଲରେ ମାଡ଼ ମାରିବା ଏବଂ ଦୋଷୀଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବାକୁ ପଞ୍ଚାୟତରେ ନିଷ୍ପତ୍ତି ହୋଇଥିଲା। ଏ ନେଇ ଗତ ୨୪ ତାରିଖରେ ପୀଡ଼ିତାଙ୍କ ପରିବାର ଥାନାରେ ଏତଲା ଦେଇଥିଲେ।



## ବାଲାଜୀ ଶ୍ରୀବାସ୍ତବ ଦିଲ୍ଲୀ ସିପି

ବରିଷ୍ଠ ଆଇପିଏସ୍ ଅଫିସର ବାଲାଜୀ ଶ୍ରୀବାସ୍ତବ ଦିଲ୍ଲୀ ପୋଲିସ କମିଶନର(ସିପି) ଭାବେ ବୁଧବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏସ୍. ଏନ୍. ଶ୍ରୀବାସ୍ତବ ଏହି ପଦବୀରୁ ଅବସର ନେବା ପରେ ବାଲାଜୀଙ୍କୁ କମିଶନର ଦାୟିତ୍ୱ ମିଳିଛି। ୧୯୮୮ ବ୍ୟାଚ୍‌ର ବାଲାଜୀ ଦିଲ୍ଲୀ ପୋଲିସର ଭିଜିଲାନ୍ସ ବିଭାଗରେ ସ୍ୱତନ୍ତ୍ର କମିଶନର ନିଯୁକ୍ତ ହୋଇଥିଲେ। ପୂର୍ବରୁ ସେ ପଣ୍ଡିଚେରୀ ଓ ମିଜୋରାମରେ ଡିଜିପି ରହିବା ସହ ଦିଲ୍ଲୀରେ ସ୍ୱତନ୍ତ୍ର କମିଶନର, ଗୋଇନ୍ଦା, ଅର୍ଥନୈତିକ ଅପରାଧ ଶାଖା ଏବଂ ସ୍ୱତନ୍ତ୍ର ସେଲ୍‌ରେ କାର୍ଯ୍ୟ କରିଛନ୍ତି। ସେ କ୍ୟାବିନେଟ ସଚିବ ଭାବେ ୯ ବର୍ଷ ଧରି ଦାୟିତ୍ୱ ତୁଲାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ମୁକୁଲ ଗୋୟଲ ୟୁପି ଡିଜିପି

ଉତ୍ତରପ୍ରଦେଶର ନୂଆ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ହୋଇଛନ୍ତି ଆଇପିଏସ୍ ଅଫିସର ମୁକୁଲ ଗୋୟଲ। ବୁଧବାର ଯୋଗୀ ଆଦିତ୍ୟନାଥଙ୍କ ସରକାର ଏହି ପଦରେ ମୁକୁଲଙ୍କ ନାମ ଉପରେ ମୋହର ମାରିଛନ୍ତି। ୧୯୮୭ ବ୍ୟାଚ୍‌ର ମୁକୁଲ ଏବେ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ଏଡିଜି ରହିଛନ୍ତି। ଡିଜିପି ପଦ ପାଇଁ ୟୁପିଏସ୍‌ସି ୩ ଜଣ ଅଧିକାରୀଙ୍କ ନାମ ପ୍ୟାନେଲରେ ରଖିଥିଲା। ମଙ୍ଗଳବାର ସନ୍ଧ୍ୟାରେ ମୁକୁଲ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଭେଟିବା ପରେ ସେ ୟୁପିର ପରବର୍ତ୍ତୀ ଡିଜିପି ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ବୁଧବାର ଡିଜିପି ୧୯୮୫ ବ୍ୟାଚ୍‌ର ଆଇପିଏସ ଅଫିସର ହିତେଶ ଚନ୍ଦ୍ର ଅବସ୍ଥି ଅବସର ନେଇଛନ୍ତି।



# ତାଲିବାନ୍: ବଦଳୁଛି ଭାରତର ନୀତି

**ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନକୁ ନେଇ ତାଲିବାନର ପକ୍ଷ ମଜଭୁତ ହେବାରେ ଲାଗିଥିବା ବିଶ୍ୱ ସମୁଦାୟ ମାନିନେଇଛି। ପଡ଼ୋଶୀ ଦେଶର ପରିବର୍ତ୍ତିତ ବାସ୍ତବତାକୁ ସ୍ୱୀକାର କରିବା ସହ ଭାରତ ମଧ୍ୟ ତାଲିବାନକୁ ଗୁରୁତ୍ୱ ଦେବାରେ ଲାଗିଛି। ଭିତ୍ତିଭୂମି ବିକାଶ, ଯାତାୟାତ ଓ ସୁରକ୍ଷା କ୍ଷେତ୍ରରେ ଭାରତ ପକ୍ଷରୁ ଆଫଗାନିସ୍ତାନରେ ବିପୁଳ ଅର୍ଥ ନିବେଶ କରାଯାଇଥିବାରୁ ତାଲିବାନ ସହ ପଛଦ୍ୱାର ଦେଇ ଆଲୋଚନାରେ ନୂଆଦିଲ୍ଲୀ ବ୍ୟସ୍ତ। ଏକ ଆକଳନ ଅନୁସାରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ବାର୍ଷିକ ପ୍ରାୟ ୧.୫ ଅରବ ଡଲାର ବାଣିଜ୍ୟିକ କାରବାର ଚାଲିଛି। ଆଫଗାନିସ୍ତାନର ବିଭିନ୍ନ ପ୍ରକଳ୍ପରେ ଭାରତ ପ୍ରାୟ ୩ ବିଲିୟନ୍ ଡଲାର ଖର୍ଚ୍ଚ କରୁଛି।**



ପରଓ୍ୱାନ ପ୍ରଦେଶର ଘୋରବନ୍ଧ ଜିଲାରେ ଆଫଗାନ୍ କମାଣ୍ଡୋ ବଳକୁ ନେଇ ଯାଉଥିବା ସାମରିକ ଗାଡ଼ି।



**କାବୁଲ,୩୦।୬**

ଆଫଗାନିସ୍ତାନରୁ ଦୀର୍ଘ ୨ ଦଶନ୍ଧି ପରେ ଫେରୁଛି ଆମେରିକା ସେନା। ଆସନ୍ତା ସେପ୍ଟେମ୍ବର ୧୧ ସୁଦ୍ଧା ସମସ୍ତ ସୈନ୍ୟ ଆମେରିକାକୁ ଫେରିଯିବେ। ଏହି ସୈନ୍ୟ ପ୍ରତ୍ୟାହାରକୁ ନେଇ ସେଠାରେ ଅନେକ କିଛି ବଦଳିବା ସହ ତାଲିବାନ ମଜଭୁତ ହେବାରେ ଲାଗିଛି। ଆଫଗାନିସ୍ତାନର ୪ ପ୍ରମୁଖ ସହରକୁ ତାଲିବାନ ଘେରି ରହିଥିବାବେଳେ ଆଫଗାନ୍ ନ୍ୟାଶନାଲ ଆର୍ମି ଓ ପୋଲିସ ବଳ ଭ୍ରଷ୍ଟାଚାର ତଥା ଦୁର୍ବଳ ମାନସିକତାରୁ ମୁକୁଳିପାରି ନାହାନ୍ତି। ଇତିମଧ୍ୟରେ ତାଲିବାନ ୫୦ ଜିଲାକୁ ଦଖଲ କରିସାରିଲାଣି। କାବୁଲଠାରୁ ମିଳୁଥିବା ସହାୟତା ହ୍ରାସ ଯୋଗୁ ସୁରକ୍ଷା ବଳ ମୂଳରୁ ହିଁ ତାଲିବାନ ଆଗରେ ଆତ୍ମସମର୍ପଣ କରିଛି। ଯେଉଁମାନେ ଲଢ଼େଇ କରିବାକୁ ଚାହୁଁଛନ୍ତି, ସେମାନେ ଆତଙ୍କବାଦୀଙ୍କ ଆତ୍ମଘାତୀ କାର୍ ବିସ୍ଫୋରଣ ଏବଂ ଆଇଇଡି ବ୍ଲାଷ୍ଟକୁ ସାମ୍ନା କରିବାକୁ ଅସମର୍ଥ। ପଡ଼ୋଶୀ ଦେଶରେ ଭାରତ ପକ୍ଷରୁ ଅନେକ ବିକାଶମୂଳକ କାର୍ଯ୍ୟ ଜାରି ରହିଥିବାରୁ ତାଲିବାନ ଆତଙ୍କବାଦୀମାନେ ସେଗୁଡ଼ିକୁ ଟାର୍ଗେଟ କରିବା ଆଶଙ୍କା ରହିଛି। ଫଳରେ ଭାରତ ପକ୍ଷରୁ ନିବେଶ କରାଯାଉଥିବା ପ୍ରାୟ ୩ ବିଲିୟନ୍ ଡଲାର ବାଜିରେ ଲାଗିଛି। ନିକଟରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟର ୨ ବରିଷ୍ଠ ଅଧିକାରୀ ଯୋଗେଶ ଗୁପ୍ତା ଓ ନିରଞ୍ଜନ ଦେଶାଇ ତାଲିବାନ ନେତାଙ୍କୁ ଭେଟିବା ପାଇଁ କାତାର ରାଜଧାନୀ ଦୋହାକୁ ଯାଇଥିଲେ। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ୨ ସପ୍ତାହରେ ୨ ଥର ଦୋହା ଗସ୍ତ କରି କାତାରର ଶୀର୍ଷ ନେତାଙ୍କୁ ଭେଟିଥିଲେ। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏନେଇ ନୀରବ ଥିବାବେଳେ ତାଲିବାନ ସହ ଭାରତ ଯୋଗାଯୋଗ ଆରମ୍ଭ କରିଥିବା କାତାରରେ ମୁଖ୍ୟ ବାର୍ତ୍ତାକାର ସୁତଲାକ୍ ବିନ୍ ମାଜିଦ ଓ ଅଲ୍ କହତାନି ସ୍ପଷ୍ଟ କରିଛନ୍ତି।

### ବାଜି ଲାଗିଛି ୩ ବିଲିୟନ୍ ଡଲାର

### ଆତଙ୍କବାଦୀଙ୍କ ଦଖଲରେ ୫୦ ଜିଲା

## ଫେରିଗଲେ ଶେଷ ଜର୍ମାନ ସୈନ୍ୟ

ଯୁଦ୍ଧ ବିଧ୍ୱସ୍ତ ଆଫଗାନିସ୍ତାନରେ ପ୍ରାୟ ୨୦ ବର୍ଷ ଧରି ମୁତୟନ ଥିବା ଜର୍ମାନୀର ସମସ୍ତ ସୈନ୍ୟ ସେଠାରୁ ବିଦାୟ ନେଇଛନ୍ତି। ଆଫଗାନିସ୍ତାନରେ ଥିବା ଜର୍ମାନୀର ଶେଷ ସୈନ୍ୟ ମଙ୍ଗଳବାର ସନ୍ଧ୍ୟାରେ କାବୁଲ ଛାଡ଼ିଥିବା ଏହାର ପ୍ରତିରକ୍ଷା ମନ୍ତ୍ରୀ ଆନେଗ୍ରେଟ କ୍ରାମ୍-କାରେନ୍‌ବୁଏର୍ କହିଛନ୍ତି। ୨୦୦୧ରୁ ଆଫଗାନିସ୍ତାନରେ ମୁତୟନ ରହିଥିବା ୧,୫୦,୦୦୦ରୁ ଊର୍ଦ୍ଧ୍ୱ ସୈନ୍ୟଙ୍କୁ ଆନେଗ୍ରେଟ୍ ଧନ୍ୟବାଦ ଜଣାଇଛନ୍ତି। ଗତ ମେ'ରୁ ଆମେରିକା ନେତୃତ୍ୱାଧୀନ ନାଟୋ ସେନା ପ୍ରତ୍ୟାହାର ଆରମ୍ଭ ହୋଇଥିଲା।

## ଭାରତୀୟଙ୍କୁ ଆକ୍ରମଣ, ହତ୍ୟା, ଅପହରଣ ଭୟ

ଆଫଗାନିସ୍ତାନ ବିଶ୍ୱର ସବୁଠୁ ବିପଜ୍ଜନକ ଦେଶରେ ପରିଣତ ହୋଇଛି। ସେଠାରେ ଥିବା ଭାରତୀୟମାନଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ସେମାନଙ୍କୁ ଅପହରଣ, ଆତଙ୍କବାଦୀ ଆକ୍ରମଣ ଓ ହତ୍ୟା କରାଯାଇପାରେ। ତେଣୁ ସତର୍କ ରହିବା ପାଇଁ କାବୁଲସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ ସତର୍କତା ଜାରି କରାଯାଇଛି।

ଆଫଗାନିସ୍ତାନକୁ ଭାରତ ପକ୍ଷରୁ ୩ ବିଲିୟନ୍ ଡଲାର ଖର୍ଚ୍ଚ କରାଯାଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ସେଠାରେ ବର୍ତ୍ତମାନ ୩,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଭାରତ ପକ୍ଷରୁ ଆଫଗାନିସ୍ତାନରେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକରେ ନିୟୋଜିତ ଥିବା ଇଞ୍ଜିନିୟର ଓ କର୍ମଚାରୀ। ଭାରତୀୟ ଦୂତାବାସ ପକ୍ଷରୁ ଜାରି ୧୩ ସୂତ୍ରୀ ଆଡ୍‌ଭାଇଜରିରେ କୁହାଯାଇଛି ଯେ, ଆଫଗାନିସ୍ତାନରେ ରହୁଥିବା, ସେଠାକୁ ଯାଉଥିବା ଓ କାର୍ଯ୍ୟରତ ଭାରତୀୟମାନେ ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ସତର୍କ ରହିବା ଉଚିତ। ଦେଶର ବିଭିନ୍ନ ଭାଗରେ ହିଂସା ଲାଗି ରହିଥିବାରୁ ସେମାନେ ସମସ୍ତ ପ୍ରକାର ଅଣଜରୁରୀ ଯାତ୍ରା ବାତିଲ କରନ୍ତୁ। କାରଣ ସେମାନଙ୍କୁ ଅପହରଣ, ଆକ୍ରମଣ ଓ ହତ୍ୟାର ଶିକାର ହେବାକୁ ପଡ଼ିପାରେ। ଦେଶର ଅନେକ ପ୍ରଦେଶରେ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଯାଇଛି। ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଆଫଗାନିସ୍ତାନର ପ୍ରତିରକ୍ଷା ଓ ସୁରକ୍ଷା ବଳ, ସରକାର ତଥା ନାଗରିକଙ୍କୁ ଟାର୍ଗେଟ କରୁଛନ୍ତି। ଏଥିରୁ ଭାରତୀୟ ନାଗରିକ ବାଦ୍ ପଡ଼ିନାହାନ୍ତି। ସେମାନଙ୍କ ପ୍ରତି ଅପହରଣ ଭୟ ଅଧିକ ରହିଛି। ବିଶେଷକରି ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ଦୂରେଇ ରହିବାକୁ ଏଥିରେ ପରାମର୍ଶ ଦିଆଯାଇଛି।

## ୫.୩୭ ଲକ୍ଷକୁ ଖସିଲା ସକ୍ରିୟ ମାମଲା

**ନୂଆଦିଲ୍ଲୀ, ୩୦।୬(ପି.ଟି.)**

ଦିନକରେ ୪୫,୯୫୧ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ମୋଟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୩,୦୩,୬୨,୮୪୮ରେ ପହଞ୍ଚିଛି। ସେହିପରି କରୋନାଜନିତ ମୃତ୍ୟୁସଂଖ୍ୟା କ୍ରମାଗତ ୩ ଦିନ ହେଲା ୧୦୦୦ ତଳେ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୮୧୭ ଜଣଙ୍କ ଜୀବନ ଯାଇଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୩,୯୮,୪୫୪କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ସକ୍ରିୟ ମାମଲା ସଂଖ୍ୟା ୫,୩୭,୦୬୪କୁ ହ୍ରାସ ପାଇଛି, ଯାହା ମୋଟ ସଂକ୍ରମଣର ୧.୭୭ ପ୍ରତିଶତ। ଦେଶରେ ଆରୋଗ୍ୟ ହାର ୯୬.୯୨ ପ୍ରତିଶତକୁ ବୃଦ୍ଧି ପାଇଛି। ବୁଧବାର ସକାଳ ୭ଟା ସୁଦ୍ଧା ପ୍ରକାଶିତ ତଥ୍ୟ ଅନୁଯାୟୀ ସାରା ଦେଶରେ ମୋଟ ୩୩.୨୮ କୋଟି ଡୋଜ୍ ଟିକା ଦିଆଗଲାଣି।

## ୧୦ ପ୍ରତିଶତରୁ ଅଧିକ ସଂକ୍ରମଣ ଥିବା ଜିଲାରେ କଟକଣା ବଢ଼ାଅ: କେନ୍ଦ୍ର



**ନୂଆଦିଲ୍ଲୀ, ୩୦।୬(ପି.ଟି.)**

ଯେଉଁ ଜିଲାଗୁଡ଼ିକରେ ଜୁନ୍ ୨୧ରୁ ୨୭ ମଧ୍ୟରେ କୋଭିଡ୍-୧୯ ସଂକ୍ରମଣ ହାର ୧୦ ପ୍ରତିଶତରୁ ଅଧିକ ରହିଛି, ସେଠାରେ ଆବଦ୍ଧାଞ୍ଚଳ କଟକଣାକୁ କଡ଼ାକଡ଼ି ଲାଗୁ କରିବା ଲାଗି କେନ୍ଦ୍ର ସରକାର ବୁଧବାର ଓଡ଼ିଶା ସମେତ ୧୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖି ଜଣାଇଛନ୍ତି। ଏହି ରାଜ୍ୟଗୁଡ଼ିକ ହେଲେ ରାଜସ୍ଥାନ, ତ୍ରିପୁରା, ଆସାମ, ପଶ୍ଚିମବଙ୍ଗ, କେରଳ, ମଣିପୁର, ସିକ୍କିମ, ପଣ୍ଡିଚେରୀ, ଓଡ଼ିଶା, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଅରୁଣାଚଳପ୍ରଦେଶ, ହିମାଚଳପ୍ରଦେଶ। ଦେଶରେ ସଂକ୍ରମଣ କମୁଥିଲେ ମଧ୍ୟ ସ୍ଥିତି ଉପରେ କଡ଼ା ନଜର ରଖିବା ଜରୁରୀ ହୋଇପଡ଼ିଛି। ଅଧିକ ସଂକ୍ରମିତ ଜିଲା ଓ ଉପଖଣ୍ଡ ସ୍ତରରେ କଟକଣା କଡ଼ାକଡ଼ି କରିବାକୁ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଲକ୍‌ଡାଉନ କଟକଣା କୋହଳ କରାଯାଇ ବିଭିନ୍ନ କାର୍ଯ୍ୟ କରିବା ଲାଗି ରାଜ୍ୟଗୁଡ଼ିକ ଅନୁମତି ଦେଉଛନ୍ତି। ତେବେ ସେଗୁଡ଼ିକ ସତର୍କତାର ସହ କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ପତ୍ରରେ ଲେଖିଛନ୍ତି।

## ମନ୍ତ୍ରୀ କହିଲେ ଯାଅ, ମର

**ଭୋପାଳ,୩୦।୬**

ଶିକ୍ଷା ବିଭାଗ ସମସ୍ୟାର ସମାଧାନ ନ କଲେ ସେମାନେ କ'ଣ କରିବେ? ସ୍କୁଲ୍ ଫିଜ୍ ବୃଦ୍ଧିକୁ ବିରୋଧ କରି ମଧ୍ୟପ୍ରଦେଶର ବିଦ୍ୟାଳୟ ଶିକ୍ଷାମନ୍ତ୍ରୀ ଇନ୍ଦର ସିଂ ପରମାରଙ୍କ ପାଖକୁ ଗୁହାରି କରିବାକୁ ଯାଇଥିବା ଅଭିଭାବକମାନଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ଯାଅ ଓ ମର।



ଇନ୍ଦର ସିଂ

ଛାତ୍ରୀଛାତ୍ରଙ୍କ ମା'ବାପାଙ୍କ ପ୍ରତି ମନ୍ତ୍ରୀଙ୍କ ଏଭଳି ବ୍ୟବହାରର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇ ବିବାଦ ସୃଷ୍ଟି କରିଛି। ବିରୋଧୀ ଦଳଗୁଡ଼ିକ ପରମାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଘରୋଇ ସ୍କୁଲଗୁଡ଼ିକ ଅତ୍ୟଧିକ ଫିଜ୍ ଆଦାୟ କରୁଥିବା ନେଇ ଦୀର୍ଘ ସମୟ ଧରି ଅଭିଯୋଗ ହୋଇଆସୁଛି। କେବଳ ଟ୍ୟୁଶନ ଫିଜ୍ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ଅନେକ ସ୍କୁଲ ଭିନ୍ନ ଭିନ୍ନ ହେଡ୍‌ରେ ଫିଜ୍ ପଇଠ କରିବାକୁ ବାଧ କରୁଛନ୍ତି।

## ବାର୍-ବେଞ୍ଚ୍ ସମ୍ପର୍କ ସମୁଦ୍ର ଓ ବାଦଲ ଭଳି

**ନୂଆଦିଲ୍ଲୀ, ୩୦।୬(ପି.ଟି.)**

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅଶୋକ ଭୂଷଣ ଜୁଲାଇ ୪ରେ ଅବସର ନେଉଥିଲାବେଳେ ବୁଧବାର ଥିଲା ତାଙ୍କର ଶେଷ କାର୍ଯ୍ୟଦିବସ। ଜଷ୍ଟିସ ଭୂଷଣ ସବୁବେଳେ ଜଣେ ମୂଲ୍ୟବାନ ସହକର୍ମୀ ରହିଆସିଛନ୍ତି ଓ ସେ ପ୍ରଦାନ କରିଥିବା ରାୟ ତାଙ୍କ କଲ୍ୟାଣବାଦୀ ଓ ମାନବତାବାଦୀ ଆଭିମୁଖ୍ୟର ପ୍ରମାଣ ବୋଲି ଭାରତର ପ୍ରଧାନ ବିଚାରପତି ଏନ୍.ଭି. ରମନା ଜଷ୍ଟିସ୍ ଭୂଷଣଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ଅବସରରେ କହିଛନ୍ତି। ସୁପ୍ରିମକୋର୍ଟର ଅଂଶବିଶେଷ ହେବା ବଡ଼ ଗର୍ବର ବିଷୟ ବୋଲି ଜଷ୍ଟିସ ଭୂଷଣ କହିଥିଲେ। ବାର୍ ଓ ବେଞ୍ଚ୍ ମଧ୍ୟରେ ସମ୍ପର୍କ ସମୁଦ୍ର ଓ ବାଦଲ ଭଳି ବୋଲି ସେ କହିଥିଲେ।



ଜଷ୍ଟିସ୍ ଅଶୋକ ଭୂଷଣ

# ଦଳକୁ କାଳ ଜିନ୍‌ପିଙ୍ଗଙ୍କ କାର୍ଯ୍ୟକାଳ

**ବେଜିଂ, ୩୦।୬**

ଚାଇନାର ଶାସକ ଦଳ କମ୍ୟୁନିଷ୍ଟ ପାର୍ଟି ଜୁଲାଇ ୧ରେ ଏହାର ଶତବାର୍ଷିକୀ ପାଳନ କରୁଛି। ତେବେ ସିପିସିର ମୁଖ୍ୟ ଭାବେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଦୀର୍ଘବର୍ଷ ଧରି ରହିବା ଭବିଷ୍ୟତରେ ଦଳ ପାଇଁ କାଳ ହୋଇପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଉତ୍ତରାଧିକାରୀ ଅଭାବ ଯୋଗୁ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ରେ ଅସ୍ଥିରତା ଦେଖାଦେବା ଆଶଙ୍କା କରାଯାଉଛି।

୨୦୧୨ରେ ଶି ଜିନ୍‌ପିଙ୍ଗ୍ ସିପିସିର ନେତୃତ୍ୱ ନେଇଥିଲେ। ୨୦୧୮ରେ ରାଷ୍ଟ୍ରପତିଙ୍କ ଦୁଇ ଟର୍ମ ବ୍ୟବସ୍ଥାକୁ ହଟାଇ ଦିଆଯାଇ ୬୮ ବର୍ଷୀୟ ଜିନ୍‌ପିଙ୍ଗଙ୍କୁ ଆଜୀବନ କ୍ଷମତାରେ ରହିବା ଲାଗି ସୁଯୋଗ ସୃଷ୍ଟି କରାଯାଇଥିଲା। ଏହା ଚାଇନା ପାଇଁ ସମୟର ଆବଶ୍ୟକତା ବୋଲି ସେତେବେଳେ ଜିନ୍‌ପିଙ୍ଗଙ୍କ ସମର୍ଥକମାନେ କହିଥିଲେ। ତେବେ ଦୁଇ ପାଳି ପରେ ଜିନ୍‌ପିଙ୍ଗ କ୍ଷମତାରେ ରହିବା ଦଳରେ ଅସ୍ଥିରତା ସୃଷ୍ଟି କରିବା ଆଶଙ୍କା ଥିବା ରାଜନୀତି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସାଧାରଣତଃ ଦଳୀୟ ନେତାଙ୍କ ଦୁଇ ପାଳି ଶେଷ ହେବା ପରେ ପରବର୍ତ୍ତୀ ସାଧାରଣ ସମ୍ପାଦକ ବଛାଯିବା କଥା। ତେବେ ଉପଯୁକ୍ତ ଉତ୍ତରାଧିକାରୀ ଅଭାବରୁ ଆସନ୍ତା ବର୍ଷ ଦଳ ଗଭର୍ନିଂ ବଡ଼ି ଅଚଳବଦଳରେ ଜିନ୍‌ପିଙ୍ଗ ସର୍ବୋଚ୍ଚ ନେତା ପଦରେ ରହିବା ନେଇ ପର୍ଯ୍ୟବେକ୍ଷକମାନେ ଆଶାବାଦୀ ଅଛନ୍ତି। ଆସନ୍ତା ପାର୍ଟି କଂଗ୍ରେସରେ ଜିନ୍‌ପିଙ୍ଗଙ୍କ କାର୍ଯ୍ୟଯୋଜନା ଏବଂ ଦଳକୁ ସଙ୍କଟରୁ ରକ୍ଷା କରିବା ଲାଗି ସେ ନେଇଥିବା ପଦକ୍ଷେପର ସମୀକ୍ଷା କରାଯିବ। ଏହା ତାଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବା ସହ ପରବର୍ତ୍ତୀ ଦଶକ ପାଇଁ ଦଳକୁ ନୂଆ ରୂପ ଦେଇପାରେ ବୋଲି ହଂକଂରୁ ପ୍ରକାଶିତ ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ଆସନ୍ତା ବର୍ଷ ଯଦି ନୂଆ ନେତା ବଛା ନ ହୁଅନ୍ତି, ତେବେ ଦଳରେ ସମସ୍ୟା ଦେଖାଦେବ ବୋଲି ଷ୍ଟିଭ୍ ସାଙ୍ଗ୍ କହିଛନ୍ତି। ଉତ୍ତରାଧିକାରୀ ଚୟନ ଲାଗି ଢାଞ୍ଚା ଓ ପ୍ରକ୍ରିୟା ସ୍ପଷ୍ଟ ନ ହେଲେ ଅସ୍ଥିରତା ସୃଷ୍ଟି ହୋଇପାରେ ବୋଲି ସେ ସତର୍କ କରାଇଦେଇଛନ୍ତି। ଅଧ୍ୟକ୍ଷ ପଦରେ ରହିବା ସମୟସୀମା ଏବଂ ଉତ୍ତରାଧିକାରୀ ଚୟନ ନିୟମ ଉଠାଇଦେଇ ଜିନ୍‌ପିଙ୍ଗ୍ ଅଧିକ ସମୟ କ୍ଷମତାରେ ରହିବା ଲାଗି ସୁଯୋଗ ସୃଷ୍ଟି କରିଛନ୍ତି। ସେ ଦଳ, ରାଷ୍ଟ୍ର ତଥା ଜାତୀୟ ପ୍ରକଳ୍ପକୁ ନିଜ ବିଚାରଧାରାରେ ଚଳାଇବା ଲାଗି ଅଧିକ ସମୟ ପାଇଛନ୍ତି ବୋଲି ଅନ୍ୟ ଜଣେ ରାଜନୀତି ବିଶାରଦ ନିସ୍ ଗ୍ରୁଏନବର୍ଗ କହିଛନ୍ତି। ତେବେ ନେତୃତ୍ୱ ବ୍ୟବସ୍ଥାରେ ଏହା ପୁଣିଥରେ ଅନିଶ୍ଚିତତା ଆଣିପାରେ। ଅପରିବର୍ତ୍ତିତ ପାୱାର ସେଣ୍ଟର ଜିନ୍‌ପିଙ୍ଗ୍ କ୍ଷମତାରୁ ଯିବା ପରେ ନେତୃତ୍ୱ ବ୍ୟବସ୍ଥାରେ ଅସ୍ଥିରତା ଦେଖାଦେବ ବୋଲି ଗ୍ରୁଏନ୍‌ବର୍ଗ ଚେତାଇଦେଇଛନ୍ତି।



## ଆଜି ସିପିସିର ଶତବାର୍ଷିକୀ

୧୯୨୧ ଜୁଲାଇ ୧ରେ ସିପିସି ପ୍ରତିଷ୍ଠା ହୋଇଥିଲା। ମାଓ ଜେଡୋଙ୍ଗ ଥିଲେ ଏହାର ପ୍ରତିଷ୍ଠାତା ନେତା ଏବଂ ଅଧ୍ୟକ୍ଷ। ଦଳ ମାଓଙ୍କ ଉପରେ ଏପରି ନିର୍ଭରଶୀଳ ଥିଲା ଯେ ୧୯୭୬ରେ ତାଙ୍କର ମୃତ୍ୟୁ ହେବା ପର୍ଯ୍ୟନ୍ତ ସେ ଏହାକୁ ନିୟନ୍ତ୍ରଣରେ ରଖିଥିଲେ। ୧୯୫୮ରେ କୃଷି ଓ ଶିଳ୍ପ ଉତ୍ପାଦନ ବଢ଼ାଇବା ପାଇଁ 'ଗ୍ରେଟ୍ ଲିପ୍ ଫରୱାର୍ଡ' ନାମରେ ଏକ ଅଭିଯାନ ଆରମ୍ଭ ହୋଇଥିଲା। ତେବେ ଦୁର୍ଭିକ୍ଷ ଯୋଗୁ ଉତ୍ପାଦନ କମ୍ ହେବା ଫଳରେ ଉକ୍ତ ଅଭିଯାନକୁ ବନ୍ଦ କରିଦିଆଯାଇଥିଲା। ସେହିପରି ୧୯୬୬ରେ ଆରମ୍ଭ ହୋଇଥିଲା ସାଂସ୍କୃତିକ ବିପ୍ଳବ, ଯେଉଁଥିରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ମାଓଙ୍କର ଉପରୋକ୍ତ ୨ ବିଫଳ ଚିନ୍ତାଧାରା ଦଳକୁ ବିପର୍ଯ୍ୟୟ ଆଡ଼କୁ ନେଇଯାଇଥିଲା। ପରେ ମଧ୍ୟମପନ୍ଥୀ ନେତା ଡେଙ୍ଗ୍ ଜିଆଓପିଙ୍ଗଙ୍କ ଉଦ୍ୟମ ବଳରେ କମ୍ୟୁନିଷ୍ଟ ପାର୍ଟି ପୁଣିଥରେ ସୁଦୃଢ଼ ହୋଇଥିଲା। ୧୯୯୭ ପର୍ଯ୍ୟନ୍ତ ଡେଙ୍ଗ ଦଳର ନେତୃତ୍ୱ ନେଇଥିଲେ ଏବଂ ମାଓଙ୍କ କଠୋରପନ୍ଥୀ ମାର୍କ୍ସବାଦ ନୀତି ବଦଳରେ ସମାଜବାଦ ଚିନ୍ତାଧାରା ପ୍ରଚଳନ କରିଥିଲେ। ତାଙ୍କର ଏହି ପଦକ୍ଷେପ ଯୋଗୁ ବିଶ୍ୱର ସବୁଠୁ ଜନବହୁଳ ଦେଶ ଦ୍ୱିତୀୟ ବୃହତ୍ ଅର୍ଥନୀତିରେ ପରିଣତ ହୋଇଥିଲା। ଡେଙ୍ଗ୍‌ଙ୍କ ସାମୂହିକ ନେତୃତ୍ୱ ଢାଞ୍ଚା ଯୋଗୁ ଦଳରେ ସବୁ ଗୋଷ୍ଠୀର ନେତା ସାମିଲ ହୋଇପାରିଥିଲେ ଏବଂ ସିପିସି ୯ କୋଟି ସଦସ୍ୟ ବିଶିଷ୍ଟ ଦଳରେ ପରିଣତ ହୋଇଥିଲା। ୧୯୯୭ରେ ଡେଙ୍ଗଙ୍କ ପରଲୋକ ପରେ ପୁଣିଥରେ ଦଳକୁ ଏକକ ନେତୃତ୍ୱ ଫେରିଥିଲା। ଶହେ ବର୍ଷ ପୁରୁଣା ଏହି ଦଳ ଗୁରୁବାର ଶତବାର୍ଷିକୀ ପାଳନ କରୁଛି।

## ଫର୍ମ ଫିଲ୍ଅପ୍ ଫି' ଫେରାଇବାକୁ ଦାବି

ଭୁବନେଶ୍ୱର, (ବ୍ୟୁରୋ)- ଚଳିତ ବର୍ଷ କରୋନା ପାଇଁ ମାଟ୍ରିକ ଓ ଦ୍ୱାଦଶ ପରୀକ୍ଷା ବାତିଲ ହେବାପରେ ପୂର୍ବରୁ ନିଆଯାଇଥିବା ଫର୍ମ ଫିଲ୍ଅପ୍ ଫି' ଫେରେଇବାକୁ ସିବିଏସ୍ଇ ଓ ଆଇସିଏସ୍ଇ ନିକଟରେ ଦାବି କରିଛି ଓଡ଼ିଶା ଅଭିଭାବକ ମହାସଂଘ। ସାଧାରଣ ବର୍ଗ ଛାତ୍ରୀଛାତ୍ର ପାଇଁ ୧୫୦୦, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ପାଇଁ ୧୨୦୦ ଟଙ୍କା ଓ ସମସ୍ତଙ୍କ ପଞ୍ଜୀକରଣ ପାଇଁ ୩୦୦ ଟଙ୍କା ଦିଆଯାଇଥିଲା। ବିଳମ୍ବ ପାଇଁ ୨୦୦୦ଟଙ୍କା ପର୍ଯ୍ୟନ୍ତ ଜରିମାନା ନିଆଯାଇଥିଲା। ତାହାକୁ ଫେରସ୍ତ କରିବାକୁ ସିବିଏସ୍ଇ ଓ ଆଇସିଏସ୍ଇର ଅଧକ୍ଷଙ୍କୁ ଚିଠି ମାଧ୍ୟମରେ ଦାବି କରିଛନ୍ତି ସଂଘ ଅଧକ୍ଷ ବାସୁଦେବ ଭଟ୍ଟ। କେନ୍ଦ୍ର ଶିକ୍ଷା ସଚିବ ଅନିତା କରୱାଲ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ରାଜ୍ୟ ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ପ୍ରମୁଖ ସଚିବଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଭିଜିଲାନ୍ସ ଆଇଜିଭାବେ ଦାୟିତ୍ୱ ଗ୍ରହଣ କଲେ ଅସିତ ପାଣିଗ୍ରାହୀ



**କଟକ ଅଫିସ, ୩୦।୬:** ଭିଜିଲାନ୍ସ ଆଇଜି ଭାବେ ୧୯୯୭ ବ୍ୟାଚ୍ର ଆଇପିଏସ୍ ଅଫିସର ଅସିତ୍ ପାଣିଗ୍ରାହୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଅଗ୍ନିଶମ ବିଭାଗ, ରାଜ୍ୟ ପୋଲିସ ମୁଖ୍ୟାଳୟ, କ୍ରାଇମବ୍ରାଞ୍ଚ ଓ ପୂର୍ବାଞ୍ଚଳ ରେଞ୍ଜ ଆଇଜିଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି। ଏଥିସହ ସେ ମାଲକାନଗିରି, ଅନୁଗୋଳ, ପୁରୀ, କେନ୍ଦୁଝର, ସମ୍ବଲପୁର ଓ ଯାଜପୁରରେ ଏସ୍ପି ଭାବେ କାର୍ଯ୍ୟ କରିସାରିଛନ୍ତି। ଜଣେ ଦକ୍ଷ ଅଧିକାରୀ ଭାବେ ୨୦୧୬ରେ ସେ ରାଷ୍ଟ୍ରପତି ପଦକରେ ସମ୍ମାନିତ ହୋଇଥିଲେ।

### ଜେଲ୍ ବିଭାଗରେ ମିଳିବ 'ଡିଜି ଡିସ୍କ' ସମ୍ମାନ

#### ପ୍ରତିବର୍ଷ ୨୦ଜଣଙ୍କୁ ଦିଆଯିବ

**ଭୁବନେଶ୍ୱର,୩୦।୬(ବ୍ୟୁରୋ):** ପୋଲିସ ବିଭାଗ ଭଳି ଜେଲ ବିଭାଗରେ ମଧ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ଡିଜି ଡିସ୍କ' ସମ୍ମାନ ମିଳିବ। ଏନେଇ ଗୃହ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତିବର୍ଷ ଜେଲ ବିଭାଗରେ ବିଭିନ୍ନ ପାହ୍ୟାର ସର୍ବାଧିକ ୨୦ଜଣଙ୍କୁ 'ଡିଜି ଡିସ୍କ' ସମ୍ମାନ ପ୍ରଦାନ କରାଯାଇପାରିବ। କାରାଗାର ଓ ସୁଧାର ସେବା ଡିଜି ଏହି ସମ୍ମାନ ପ୍ରଦାନ ନିମନ୍ତେ ନିଷ୍ପତ୍ତି ନେବେ। ଏହାପୂର୍ବରୁ ସମ୍ମାନ ପାଇବାକୁ ଥିବା କର୍ମଚାରୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଆଦି ସମ୍ପର୍କରେ ଜେଲ୍ର ବରିଷ୍ଠ ଅଧିକାରୀମାନେ ଡିଜିଙ୍କୁ ଲିଖିତ ଭାବେ ପ୍ରଦାନ କରିବେ। ବର୍ଷର କୌଣସି ବି ସମୟରେ କର୍ମଚାରୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ସାମ୍ନାକୁ ଆସିଲେ ସେମାନଙ୍କୁ ଏଥିପାଇଁ ମନୋନୀତ କରାଯାଇପାରିବ। ତାଙ୍କ ନାମରେ ଯଦି ନିଲମ୍ବନ, ପ୍ରୋସିଡିଂ କିମ୍ବା କୌଣସି ଅଭିଯୋଗ ସାମ୍ନାକୁ ଆସେ ତେବେ ଏଥିରୁ ବଞ୍ଚିତ ହେବେ।

# ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ପାଇଁ କ୍ରାଇମବ୍ରାଞ୍ଚର ଆଡ୍ଭାଇଜରି

କଟକ ଅଫିସ, ୩୦।୬

- ଅଜଣା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ନାହିଁ
- ନିଜର ଗୋପନୀୟ ତଥ୍ୟ ଦିଅନ୍ତୁନି

ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ଉଦ୍ଦେଶ୍ୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବୁଧବାର ଟୁଇଟର ମାଧ୍ୟମରେ ଆଡ୍ଭାଇଜରି ଜାରି କରାଯାଇଛି। ଏଥିରେ କୁହାଯାଇଛି, ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲିବା ସମୟରେ ସେହି ୱେବ୍ସାଇଟ୍ର ପ୍ରିଭେସି ପଲିସିକୁ ଭଲଭାବେ ପଢି ତୃତୀୟ ପକ୍ଷ ଆପ୍ଲିକେଶନ ବାବଦରେ ଧ୍ୟାନ ଦିଅନ୍ତୁ। ସୋସିଆଲ ମିଡିଆ ଆକାଉଣ୍ଟରେ ନିଜର ଅତ୍ୟନ୍ତ ଗୋପନୀୟ ତଥ୍ୟ ଦିଅନ୍ତୁ ନାହିଁ। ଏଥିରେ ଅଜଣା ମହିଳାପୁରୁଷଙ୍କୁ ବନ୍ଧୁଭାବେ ଗ୍ରହଣ କରନ୍ତୁ ନାହିଁ ଓ କୌଣସି ତଥ୍ୟ ପୋଷ୍ଟ କରିବା ପୂର୍ବରୁ ଭଲଭାବେ ପରଖନ୍ତୁ। ସାମାଜିକ ଗଣମାଧ୍ୟମରେ ଖରାପ ତଥ୍ୟ ପୋଷ୍ଟ କରନ୍ତୁ ନାହିଁ କିମ୍ବା ଆପଣ ପାଉଥିବା ମେସେଜକୁ ଅନ୍ଧଭଳି ଫରୱାର୍ଡ କରନ୍ତୁ ନାହିଁ। ଏହା ଆଇନତଃ ଅପରାଧ। ପ୍ରତିଥର ସୋସିଆଲ ମିଡିଆ ଖୋଲି ଦେଖିସାରିବା ପରେ ଆକାଉଣ୍ଟ ବନ୍ଦ କରନ୍ତୁ। ସେହିପରି ଅଜଣା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ନାହିଁ, ଅଜଣା ମେଲ୍ରୁ ଡାଉନ୍ଲୋଡ କରନ୍ତୁ ନାହିଁ। ଏଥିରେ ଭାଇରସ ଥାଇପାରେ ଓ ଆପଣଙ୍କ ତଥ୍ୟ ଚୋରି ହୋଇଯାଇପାରେ। ମାଗଣା ୱାଇଫାଇ ଜୋନ୍ରେ ନିଜର ସୋସିଆଲ ମିଡିଆ ଆକାଉଣ୍ଟ ଖୋଲିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ହ୍ୟାକରମାନେ ଫ୍ରି ୱାଇଫାଇ ଜୋନ୍ରେ ଆପଣଙ୍କ ୟୁଜର ଆଇଡି ତଥା ପାସ୍ୱାର୍ଡ ଓ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟକୁ ହ୍ୟାକ୍ କରିବାର ବହୁ ସମ୍ଭାବନା ରହିଛି। ତେଣୁ ମାଗଣା ୱାଇଫାଇ ଜୋନ୍ରେ ନିଜର ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟ କରନ୍ତୁ ନାହିଁ ବୋଲି ଉକ୍ତ ଆଡ୍ଭାଇଜରିରେ କୁହାଯାଇଛି।

## ୧୮ ଲକ୍ଷ ଭୂମିହୀନ ଚାଷୀଙ୍କ ତାଲିକା ସାର୍ବଜନୀନ କରନ୍ତୁ ସରକାର: ଭାଜପା

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ କାଳିଆ ଯୋଜନାରେ ୧୮ ଲକ୍ଷ ଭୂମିହୀନ କୃଷକ ପରିବାରଙ୍କୁ ୩୧୮ କୋଟି ଟଙ୍କାର କୋଭିଡ ସହାୟତା ଦେଇଛନ୍ତି। ଏହା ଏକ ଭଲ ପଦକ୍ଷେପ। କିନ୍ତୁ ବାସ୍ତବରେ ଆଜି ୧୮ ଲକ୍ଷ ଭୂମିହୀନ ଚାଷୀଙ୍କୁ ରାଜ୍ୟ ସରକାର ସହାୟତା ଦେବେ ନାହିଁ। ପୁଣିଥରେ ଦଳୀୟ କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହା ଏକ ଭେଳିକି ବୋଲି ଭାଜପା ଅଭିଯୋଗ କରିଛି। ଭୂମିହୀନ ଚାଷୀଙ୍କ ତାଲିକା ବିନା କୋଭିଡ ସହାୟତା ରାଶି ଘୋଷଣା କରିବା ରାଜ୍ୟବାସୀଙ୍କୁ ଦିନରେ ଲଣ୍ଠନ ଦେଖାଇବା ସଦୃଶ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ଗୋଲକ କହିଛନ୍ତି, ରାଜ୍ୟରେ ଭୂମିହୀନ ଚାଷୀ କିଏ ଏବଂ ସେମାନଙ୍କୁ ରାଜ୍ୟ ସରକାର କେବେ ଚିହ୍ନଟ କଲେ କୁହନ୍ତୁ। ପ୍ରଥମେ ପଞ୍ଚାୟତ ୱାରି କାଳିଆ ହିତାଧିକାରୀ ଏବଂ ଭୂମିହୀନ ଚାଷୀଙ୍କ ତାଲିକାକୁ ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ସେ କହିଛନ୍ତି।

# ଧାନ କ୍ରୟ ସମୟ ବୃଦ୍ଧି ଦାବିରେ ଆଜି କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

ସରକାର ରବିରେ ଉତ୍ପାଦିତ ଚାଷୀର ସମସ୍ତ ବଳକା ଧାନ କ୍ରୟ କରିବା ପାଇଁ ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ବୁଧବାର ଧାନ କିଣା ଅବଧି ଶେଷ ହୋଇଛି। ମାତ୍ର ସରକାର ଚାଷୀଙ୍କ ଠାରୁ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିଥିବା ବେଳେ ବଳକା ଧାନ କରିବେ କ'ଣ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) କିଷାନ ସେଲ୍ ଅଧକ୍ଷ ଅମିୟ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଚାଷୀଙ୍କ ସବୁ ବଳକା ଧାନ ନିର୍ଦ୍ଧାରିତ ମୂଲ୍ୟରେ କ୍ରୟ କରିବା ଓ ଏହାର ସମୟ ସୀମା ଆସନ୍ତା ୧୫ ତରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କିଷାନ କଂଗ୍ରେସ ଦାବି କରିଛି। ସରକାର ଏହି ଚାଷୀଙ୍କ ଧାନ କ୍ରୟ କରିବାର ସମୟ ବୃଦ୍ଧି ଦାବିରେ ଜିଲା କିଷାନ କଂଗ୍ରେସ ପକ୍ଷରୁ ସବୁ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିବ। ସେହିପରି ଏଆଇସିସି ନିର୍ଦ୍ଦେଶ ମୁତାବକ ପିସିସି ପକ୍ଷରୁ ଆସନ୍ତା ୭ରୁ ୧୭ ପର୍ଯ୍ୟନ୍ତ ରାଜ୍ୟବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଆନ୍ଦୋଳନ କରାଯିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ତୈଳ, ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି: ୭ରୁ ୧୭ ଯାଏ କଂଗ୍ରେସର ଆନ୍ଦୋଳନ

# କରୋନା ପରିଚାଳନା ତ୍ରୁଟି ଲୋକଙ୍କ ଆଗରେ ରଖିବ ଯୁବ କଂଗ୍ରେସ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)



କେନ୍ଦ୍ର ସରକାରଙ୍କ ତ୍ରୁଟିଗତ ପରିଚାଳନା, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଖାଇବା ତେଲ ଇତ୍ୟାଦିର ଅହେତୁକ ଦରଦାମ ବୃଦ୍ଧି ପ୍ରସଙ୍ଗ ଲୋକଲୋଚନକୁ ଆଣିବାକୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପ୍ରୟାସ କରୁଛି। ଯୁବ କଂଗ୍ରେସ ପକ୍ଷରୁ ବୁଧବାର ରାଜ୍ୟ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ୱେବିନାରରେ ରାଜ୍ୟ ପଦାଧିକାରୀ, ସବୁ ଜିଲାର ସଭାପତି ଓ ବିଭିନ୍ନ ବ୍ଲକରୁ ଯୁବ କଂଗ୍ରେସ ନେତାମାନେ ଯୋଗଦେଇଛନ୍ତି। କେନ୍ଦ୍ର ସରକାରଙ୍କ କୋଭିଡ ପରିଚାଳନାରେ ତ୍ରୁଟି ଯଥା ୨ୟ ଲହରରେ ମେଡିକାଲରେ ବେଡ ସମସ୍ୟା, ଅକ୍ସିଜେନର ଓ ଭେଣ୍ଟିଲେଟର ଅଭାବ ପରିଲକ୍ଷିତ ହୋଇଥିଲା। ଫଳରେ ହଜାର ହଜାର ଲୋକଙ୍କ ଜୀବନ ଯାଇଥିଲା। କିନ୍ତୁ ଏହିସବୁ ସମସ୍ୟା ନ ଥିଲେ ସେମାନଙ୍କୁ ବଞ୍ଚାଯାଇ ପାରିଥାଆନ୍ତା ବୋଲି ସ୍ମୃତି କହିଛନ୍ତି। କରୋନା ପରିଚାଳନାରେ ତ୍ରୁଟିକୁ ଲୋକଙ୍କ ଆଗରେ ରଖିବ ଯୁବ କଂଗ୍ରେସ ରଖିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡର ୨ୟ ଲହର ପାଇଁ ପ୍ରସ୍ତୁତ ହୋଇ ନ ଥିଲେ। ଆଗରୁ ବାରମ୍ବାର ରାହୁଲ ଗାନ୍ଧୀ ୨ୟ ଲହରର ପୂର୍ବାନୁମାନ କରି ସତର୍କ କରାଇଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଇ ନାହାନ୍ତି। ଆଗକୁ କରୋନାର ୩ୟ ଲହର ଆସିବାର ପୂର୍ବାନୁମାନ କରାଯାଉଥିବା ବେଳେ ସେଥିପାଇଁ ରାଜ୍ୟର ସବୁ ଜିଲା ଏବଂ ବ୍ଲକର ଯୁବ କଂଗ୍ରେସ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ ସ୍ମୃତି କହିଛନ୍ତି।

## ବିସିଆଇର ବିଜ୍ଞପ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

**କଟକ ଅଫିସ, ୩୦।୬:** ବାର୍ କାଉନ୍ସିଲ ଅଫ ଇଣ୍ଡିଆ(ବିସିଆଇ)ର ଏକ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ପୁରୀର ଆଇନଜୀବୀ ଗୋପାଳ ଚନ୍ଦ୍ର ପଣ୍ଡା ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ବିଜ୍ଞପ୍ତି ଦ୍ୱାରା ବାକ୍ ସ୍ୱାଧୀନତା କ୍ଷୁଣ୍ଣ ହେଉଛି ବୋଲି ସେମାନେ ପିଟିଶନରେ ଦର୍ଶାଇଛନ୍ତି। ତୁରନ୍ତ ଏହାକୁ ରଦ୍ଦ କରିବାକୁ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତ ୨୬ରେ ବିସିଆଇ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲା। ସେଥିରେ ଉଲ୍ଲେଖ ରହିଥିଲା, ଆଇନଜୀବୀମାନେ ବିଚାର ବ୍ୟବସ୍ଥା ବା ବିଚାରପତିଙ୍କୁ ବିରୋଧାଚରଣ କରିବାଭଳି କୌଣସି ମନ୍ତବ୍ୟ ଦେବେ ନାହିଁ। କିନ୍ତୁ ଏହାଦ୍ୱାରା ଆଇନଜୀବୀଙ୍କ କଣ୍ଠରୋଧ କରାଯିବା ସହ ବାକ୍ ସ୍ୱାଧୀନତା କ୍ଷୁଣ୍ଣ ହେଉଥିବା ଦର୍ଶାଇ ଉପରୋକ୍ତ ୨ ଆଇନଜୀବୀ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି।

## ୬୭ ଲକ୍ଷ ଠକେଇ: ବିଲ୍ଡର ଜେଲ ଗଲେ

**ଭୁବନେଶ୍ୱର,୩୦।୬(ବ୍ୟୁରୋ):** ଇନ୍ଫୋସିଟି-୨ ଅଞ୍ଚଳରେ ପ୍ଲଟ୍ ଦେବାକୁ ପ୍ରତିଶ୍ରୁତି ଦେଇ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କଠାରୁ ୬୭ ଲକ୍ଷରୁ ଅଧିକ ଟଙ୍କା ଠକିନେଇଥିବା ଅଭିଯୋଗରେ ବୁଧବାର ନୟାପଲ୍ଲୀ ଥାନା ପୋଲିସ ଜୟଗୁରୁ କନ୍ଷ୍ଟ୍ରକ୍ସନ ଅଫ୍ ପ୍ରାଇଭେଟ ଲିମିଟେଡର ଏମ୍ଡିଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସିମୁଳିଆ ତାଳପଦାର ଦୈତାରୀ ମହାନ୍ତି (୩୫)। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଝାରପଡା ଜେଲ ହାଜତକୁ ପଠାଇ ଦିଆଯାଇଛି।

**National Entrance Screening Test 2021**
**NEST 2021**
Admission to 5-year Integrated M.Sc. Programmes in Biology, Chemistry, Mathematics, and Physics at NISER (Bhubaneswar) and UM-DAE CEBS (Mumbai)
(Autonomous institutions under the Department of Atomic Energy, Government of India)
The new date of examination for NEST 2021 is : 14th of August, 2021
Candidates can continue to apply online till : 15th of July, 2021
For online application and all other details please visit: www.nestexam.in

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
Tender Notice No. TPWODL/WORKS/21-22/016 Date: 01.07.2021
TP Western Odisha Distribution Limited invites tender (2 part bidding) from eligible vendors for the following packages:
**SHIFTING OF LINES & SUB-STATION FROM THE PREMISES OF SCHOOL & ANGANWADI**
Bidders Interested to Participate are required to pay the tender fee & confirm the same by email on or before **08.07.2021, 1500 hrs** by email. The tender participation link will be shared with them those who have conformed.
The bidders are requested to visit website: **www.tpwesternodisha.com** for detailed tender paper along with terms & conditions.
All future correspondences will only take place with the eligible to participate bidders for bid submission, last date extension & corrigendum's if any.
Sd/- Chief Contracts and Stores

**CITY HEALTH SOCIETY, NUHM, BHUBANESWAR**
**Office of the ADUPHO, Bhubaneswar**
Department of Health & Family Welfare, Government of Odisha
MCW Center, Unit-II, Ashok Nagar, Janapath, Bhubaneswar-751009
Phone: 0674- 2532033, E-Mail- cpmunhmbbsr4@gmail.com
Adv. No. :33/CPMU/BBSR/2021 Date: 29.06.2021
**CORRIGENDUM**
**Extension date of Supply of Laptop & Desktop and Peripherals for City Health Society, Bhubaneswar**
No. E-189:- This refers to the Advertisement No. 31/CPMU/NUHM/BBSR/ Dated. 14.06.2021 published in the website www.bmc.gov.in on 14th June 2021 for "Supply of Laptop & Desktop and Peripherals for City Health Society, Bhubaneswar". The date for submission of tender is extended upto 13th July 2021, 2.00PM and tender will be opened on same date at 3.30PM. The other terms & conditions will remain unchanged.
Sd./- ADUPHO, Bhubaneswar
OIPR-10103/11/0001/2122

## ପାରାଦୀପ ବେଳାଭୂମିରୁ ବିରଳ ମୃତ ସ୍ନିନର ଡଲ୍ଫିନ ଜବତ



**ପାରାଦୀପ, ୩୦।୬(ସ୍ୱ.ପ୍ର.):** ପାରାଦୀପ ବେଳାଭୂମିର ହନୁମାନ ମନ୍ଦିର ପଛପଟେ ବୁଧବାର ସକାଳୁ ଏକ ମୃତ ସ୍ନିନର ଡଲ୍ଫିନ ଦେଖିବାକୁ ମିଳିଥିଲା। ସେହି ଡଲ୍ଫିନକୁ କେତେଜଣ ଲୋକ ବାଲିରେ ପୋତି ଦେଇଥିଲେ। ଏହି ଖବର ଗଣମାଧ୍ୟମ ପ୍ରତିନିଧିମାନେ ଜାଣିବା ପରେ ବନ ବିଭାଗକୁ ସୂଚନା ଦେଇଥିଲେ। ପରେ କୁଜଙ୍ଗ ବନାଞ୍ଚଳ ପକ୍ଷରୁ କର୍ମଚାରୀମାନେ ଆସି ବାଲିରେ ପୋତା ଯାଇଥିବା ଡଲ୍ଫିନକୁ ଜବତ କରିଥିଲେ। ମୃତ୍ୟୁର କାରଣ ଜାଣିବାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ରେଞ୍ଜର ମନୋଜ ମିଶ୍ର କହିଛନ୍ତି। ମୃତ ଡଲ୍ଫିନ ଅତ୍ୟନ୍ତ ବିରଳ ପ୍ରଜାତିର ବୋଲି ସେ କହିଛନ୍ତି। ମୃତ ଡଲ୍ଫିନର ଓଜନ ୩୦ କିଗ୍ରା, ଲମ୍ବ ସାଢ଼େ ୪ ଫୁଟ। ଏହି ଡଲ୍ଫିନ ବ୍ରାଜିଲ, ଫ୍ରାନ୍ସ ସମୁଦ୍ର ସୀମାରେ ଅଧିକ ଦେଖାଯାଇଥାନ୍ତି। ଏହି ଡଲ୍ଫିନର ଥଣ୍ଟ ଲମ୍ବା ଓ ଗୋଜିଆ। ଉପରି ଭାଗ କଳା। କେହି ମତ୍ସ୍ୟଜୀବୀ ଜାଲରେ ଛନ୍ଦି ହୋଇ ମୃତ୍ୟୁ ଘଟିଛି ବୋଲି ଆଲୋଚନା ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଞ୍ଜର ମିଶ୍ର କହିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା କରାଯିବ। ସୂଚନାଯୋଗ୍ୟ, ପାରାଦୀପର ମହାନଦୀ ମୁହାଣ ନିକଟରେ କିଛିବର୍ଷ ହେଲା ଥଣ୍ଡିଆ ଡଲ୍ଫିନ୍ ଦଳ ଦଳ ହୋଇ ଶୀତଦିନେ ଖେଳୁଥିବା ଦେଖିବାକୁ ମିଳିଥାଏ।

## କବି ରାଜେନ୍ଦ୍ର ପଣ୍ଡା ପାଇବେ ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର

**ଭୁବନେଶ୍ୱର, ୩୦।୬(ବ୍ୟୁରୋ) –** ଖ୍ୟାତନାମା ଓଡ଼ିଆ କବି ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ୨୦୨୦ ମସିହା ପାଇଁ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ତାଙ୍କୁ ୫ଲକ୍ଷ ଟଙ୍କା, ରୌପ୍ୟ ପଦକ ଓ ମାନପତ୍ର ମିଳିବ। ବିଶିଷ୍ଟ କନ୍ନଡ଼ କବି ଏଚ୍ଏସ୍ ଶିବପ୍ରକାଶ, କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଏ. କ୍ରିଷ୍ଣମୂର୍ତ୍ତି ଓ ବଙ୍ଗୀୟ ଲେଖକ ଶ୍ୟାମଲ ଭଟ୍ଟାଚାର୍ଯ୍ୟଙ୍କୁ ନେଇ ଗଠିତ ତିନିଜଣିଆ କମିଟି ପ୍ରଫେସର ହମ୍ପା ନାଗାରାଜାୟାଙ୍କ ଅଧ୍ୟକ୍ଷତାରେ ଡ. ପଣ୍ଡାଙ୍କ ନାମକୁ ଏଥିପାଇଁ ଚୂଡ଼ାନ୍ତ କରିଥିଲେ ବୋଲି ରାଷ୍ଟ୍ରକବି କୁଭେମ୍ପୁ ପ୍ରତିଷ୍ଠାନର ସଚିବ କାଦିଦାଲ ପ୍ରକାଶ ସୂଚନା ଦେଇଛନ୍ତି। ପ୍ରଥମଥର ଜଣେ ଓଡ଼ିଆଙ୍କୁ ଏହି ଜାତୀୟ ପୁରସ୍କାର ମିଳିବାକୁ ଯାଉଛି। ଡ. ପଣ୍ଡାଙ୍କ ୧୬ କବିତା ସଙ୍କଳନ ଓ ଗୋଟିଏ ଉପନ୍ୟାସ ପ୍ରକାଶ ପାଇଛି। ସାହିତ୍ୟର ପ୍ରଚାର, ପ୍ରସାର ପାଇଁ ଏହି ପୁରସ୍କାର ରାଶିକୁ ମୁଁ 'ବର୍ଣ୍ଣମାଳା'କୁ ଦାନ କରିବି ବୋଲି ଡ. ପଣ୍ଡା କହିଛନ୍ତି।



**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ**
**ODISHA STATE OPEN UNIVERSITY**
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ✵ ୟୁ.ଜି.ସି ଦ୍ୱାରା ମାନ୍ୟତା ପ୍ରାପ୍ତ

**PROGRAMMES ON OFFER**

**MASTER DEGREE PROGRAMMES**
Eligibility: +3 Pass
Duration: 2 Years
MA in Political Science (MAPS)
MA in Sociology (MASO)
MA in History (MAHI)
MA in Public Administration (MAPA)
MA in English (MAEG)
MA in Odia (MAOD)
MA in Hindi (MAHD)
MA in Rural Development (MARD)
MA in Journalism and Mass Com. (MJMC)
MA in Public Policy (MAPP)
MA in Economics (MAEC)
MA in Sanskrit (MASK)
Master of Commerce (MCOM)
MSc. in Cyber Security (MSCS)

**BACHELOR DEGREE PROGRAMMES**
Eligibility: +2 Pass
Duration: 3 Years
BA (Honours) in History
BA (Honours) in English
BA (Honours) in Odia
BA (Honours) in Political Science
BA (Honours) in Sociology
BA (Honours) in Hindi
BBA (Bachelor of Business Administration)
BA (Honours) in Economics
B Com. (Honours)
BA (Honours) in Journalism & Mass Com.
BA (Honours) in Sanskrit

**DIPLOMA PROGRAMMES**
Eligibility: +2 Pass
Duration: 1 Year
Disaster Management (DDM)
Functional Hindi & Translation (DFHT)
Accounting (DIA)
Journalism and Mass Com. (DJMC)
Odia Language and Com. (DOLC)
Rural Development (DRD)
Computer Applications (DCA)
Cyber Security (DCS)
Tribal Studies (DTBS)
Banking and Insurance (DBI)

**CERTIFICATE PROGRAMMES**
Eligibility: +2 Pass
Duration: 6 Months
Communication Skills (CCS)
Translation (English-Odia) (CIT)
Journalism & Mass Com. (CJMC)
Rural Development (CRD)
e-Commerce (CEC)
Soft Skill and IT Skill (CSSITS)
Functional Sanskrit (CFS)
Legal Awareness (CLA)
Geriatric Care (CGC)*
Digital Library (CDL)*
Research Methodology (CRSM)*

* Check website for eligibility.

"Even the greatest were beginners. Don't be afraid to take that first step."

**2021-22 ADMISSION OPEN**
VISIT OUR WEBSITE www.osou.ac.in
REGISTER NOW

Students Handbooks & Prospectus can be downloaded from website.
Admission form is to be submitted through the online portal of Odisha State Open University, Sambalpur

WHO CAN JOIN:
Those who have already completed or are pursuing any U.G. and P.G. programme from a recognised Institute /University who would like to pursue a Dual Degree or acquire additional degree, diploma or certificate to enhance their skill and employability.
Those who have completed 10 + 2 or equivalent can also join the U.G., diploma and certificate programmes.
All programmes are recognised by UGC & are same in status with Degrees offered by the Regular Universities.
[Age: No Bar]

**Contact Address:**
Odisha State Open University, Sambalpur
Phone: 0663-2521600, 0663-2521700
Whatsapp: 8895903525
TOLL FREE No: 1800 34567 58
Email: admission@osou.ac.in

**Regional Centres**
Bhubaneswar (0674-2970779)
Berhampur (0680-2222169)
Jeypore (06854-230213)
Balasore (06782-263871)

GET IT ON Google Play
DOWNLOAD 'OSOU' MOBILE APP

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର- ୭୫୧୦୦୧
ପତ୍ର ସଂଖ୍ୟା 22671/ ଭୁ.ଉ.କ., ଭୁବନେଶ୍ୱର CPM-II-106/90 ତା24.06.2021ରିଖ
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ଗୃହ ପ୍ରକଳ୍ପର ଗୃହ ନଂ. MIG-II-S-5/24କୁ ଶ୍ରୀ ବିରେଶ କୁମାର ମହାପାତ୍ର, ପିତା- ଦିବାକର ମହାପାତ୍ର, ଗ୍ରାମ- କସର୍ଦା, ପୋଅ- କସର୍ଦା, ଥାନା- ଗୋବିନ୍ଦପୁର, ଜିଲ୍ଲା- କଟକ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବିରେଶ କୁମାର ମହାପାତ୍ର ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସ୍ରୋତସ୍ୱିନୀ ମହାରଣା, ସ୍ୱାମୀ- ଶ୍ରୀ ପଙ୍କଜ କୁମାର ବେହେରା, ଗ୍ରାମ- ସେରାପୁର, ପୋଅ- ଶୁକ୍ଳେଶ୍ୱର, ଥାନା- ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ, ତାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**OFFICE OF THE GENERAL MANAGER, DISTRICT INDUSTRIES CENTRE, KEONJHAR**
MSME Deptt., Govt. of Odisha
DIC, Keonjhar-758001; email id- dickjr@nic.in
**SEALED TENDER CALL NOTICE FOR SUPPLY OF APIS CERENE INDICA BEE BOXES**
No. 2238/DIC(K) Date: 28.06.21
No. h-08:- Sealed tenders are invited in the prescribed format exclusively from local MSMEs/PMEGP/REGP units for supply of Apis Cerena Indica Bee Boxes & equiptments to the Bee Keeping Trainees in different Blocks of Keonjhar District as per specifications. The detail specifications along with terms and condition can be obtained from the office of GM, DIC, Keonjhar on payment of Rs.10,000/- (Rupees Ten Thousand) only by DD/BC drawn in favour of the General Manager, DIC, Keonjhar which is non refundable. The details can be seen/available in the NIC website **www.kendujhar.nic.in** w.e.f. 5th, July, 2021. The undersigned reserves the right to cancel any or all tender without assigning any reasons thereon.

| Date of commencement of Tender | Last date & time of submission of Tender | Date & time of opening Tender paper |
|---|---|---|
| 05.07.2021 | 28.07.2021 at 5.00 PM | 30.07.2021 at 11.00 AM |

Sd./- General Manager, DIC, Keonjhar
OIPR-14081/11/0002/2122



ଦ୍ୟୁତୀ ଚାନ୍ଦ

# ଟାର୍ଗେଟ ୧୧.୧୦ ସେକେଣ୍ଡ

**ଭୁବନେଶ୍ୱର, ୩୦।୬(କ୍ରୀଡ଼ା ପ୍ରତିନିଧି)**

ସ୍ପ୍ରିଣ୍ଟ କୁଇନ ଦ୍ୟୁତୀ ଚାନ୍ଦ ଯାହା ଆଶା କରୁଥିଲେ ତାହା ହେଲା। ଯୋଗ୍ୟତା ଟାଇମିଂ ନ ହେଲେ ବି ବିଶ୍ୱ ର୍ୟାଙ୍କିଙ୍ଗ୍ ଅନୁସାରେ ତାଙ୍କୁ ଟୋକିଓ ଅଲିମ୍ପିକ୍ସର ୧୦୦ ଓ ୨୦୦ ମିଟରରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ମିଳିଛି। କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବାରୁ ଉଲ୍ଲସିତ ହୋଇ ପଡ଼ିଛନ୍ତି ଏହି ଓଡ଼ିଆ ଆଥ୍‌ଲେଟ। ଇଣ୍ଡିଆନ ଗ୍ରାଁ ପ୍ରିର ୧୦୦ ମିଟରରେ ସେ ୧୧.୧୭ ସେକେଣ୍ଡ ସମୟ ନେଇ ଅଲିମ୍ପିକ୍ସ ଯୋଗ୍ୟତାଠାରୁ ମାତ୍ର ୨ ସେକେଣ୍ଡ ଦୂରରେ ରହି ଯାଇଥିଲେ। ମାତ୍ର ଅଲିମ୍ପିକ୍ସରେ ୧୧.୧୦ ସେକେଣ୍ଡ ତାଙ୍କର ଟାର୍ଗେଟ ରହିବ। ଏହା ହୋଇପାରିଲେ ସେ ଅତିକମ୍‌ରେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇପାରିବେ। ଫଳରେ ଫାଇନାଲରେ ପ୍ରବେଶ କରିବାର ସୁଯୋଗ ରହିବ ବୋଲି ସମ୍ପ୍ରତି ପଟିଆଲାରେ ଟ୍ରେନିଂ ଜାରି ରଖିଥିବା ଦ୍ୟୁତୀ ପ୍ରକାଶ କରିଛନ୍ତି। ଟୋକିଓରେ ଭଲ ଟ୍ରାକ୍ ମିଳିବ। ମୁଁ ସେତେବେଳକୁ ମାଂସପେଶୀ ସମସ୍ୟାରୁ ମଧ୍ୟ ମୁକୁଳି ସାରିଥିବି। ତେଣୁ ନିଶ୍ଚିତ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଅଛି ବୋଲି ସେ କହିଛନ୍ତି। ଅଲିମ୍ପିକ୍ସରେ ୧୧ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ରେସ୍ ଫିନିଶ୍ କରିବା ଦକ୍ଷତା ରଖିଥିବା ଆଥ୍‌ଲେଟ ମଧ୍ୟ ରହିବେ। ତେଣୁ ତାଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କଲେ ନିଶ୍ଚିତ ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ତାଙ୍କ ଅସୁବିଧା ସମୟରେ ସମର୍ଥନ ଯୋଗାଇ ଦେଇଥିବାରୁ ଦ୍ୟୁତୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ନିଜ ପରିବାର ବର୍ଗ ବିଶେଷକରି ତାଙ୍କୁ ଟ୍ରାକ୍‌କୁ ଆଣିଥିବା ବଡ଼ ଭଉଣୀ ସରସ୍ୱତୀ ଚାନ୍ଦ, ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ, କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ, ପୁଲେଲା ଗୋପୀଚାନ୍ଦ, କୋଚ୍ ନାଗପୁରୀ ରମେଶ, ଶିବପ୍ରସାଦ ମିଶ୍ର, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ପ୍ରମୁଖ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଅଭିନନ୍ଦନର ସୁଅ

ବିଶ୍ୱ ର୍ୟାଙ୍କିଙ୍ଗ୍ ଅନୁସାରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଜାତୀୟ ରେକର୍ଡଧାରିଣୀ ଓଡ଼ିଆ ଧାବିକା ଦ୍ୟୁତୀ ଚାନ୍ଦଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଦ୍ୟୁତୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଭୟ ୧୦୦ ଓ ୨୦୦ ମିଟରରେ ପୋଡିୟମ ଫିନିଶ୍ ପାଇଁ ଶୁଭକାମନା ଜଣାଇଛନ୍ତି। ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଦ୍ୟୁତୀଙ୍କୁ ଅଭିନନ୍ଦନ ଜଣାଇବା ସହ ଦେଶ ପାଇଁ ଗୌରବ ଆଣିବେ ବୋଲି ଆଶାପ୍ରକାଶ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ମଧ୍ୟ ଦ୍ୟୁତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦ୍ୟୁତୀ ଟୋକିଓ ଅଲିମ୍ପିକ୍ସ ପାଇଁ ଉଭୟ ୧୦୦ ଓ ୨୦୦ ମିଟରରେ ଯୋଗ୍ୟତା ଅର୍ଜନ କରିଥିବାରୁ ମୁଁ ବହୁତ ଖୁସି। ଆମେ ତାଙ୍କ ପାଇଁ ଗର୍ବିତ ବୋଲି ଅଚ୍ୟୁତ ଟୁଇଟ୍ କରିଛନ୍ତି। ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ ଏବଂ ଅନ୍ୟ ସଦସ୍ୟମାନେ ଆଗାମୀ ଅଲିମ୍ପିକ୍ସରେ ଦ୍ୟୁତୀଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶୁଭକାମନା ଜଣାଇଛନ୍ତି।




## ସଂଘର୍ଷର ଅନ୍ୟନାମ...

୧୯୯୬ ଫେବୃୟାରୀ ୩ରେ ଯାଜପୁର ଜିଲା ଚକା ଗୋପାଳପୁରରେ ଜନ୍ମିତ ଦ୍ୟୁତୀ ଏବେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ମା' ଆଖୁଜି ଚାନ୍ଦ ଓ ପିତା ଚକ୍ରଧର ଚାନ୍ଦଙ୍କ ସୁଯୋଗ୍ୟ ସନ୍ତାନ ଦ୍ୟୁତୀଙ୍କର ଗୋଟିଏ ଭାଇ ଓ ୫ ଭଉଣୀ। ବଡ଼ ଭଉଣୀ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସରସ୍ୱତୀ ଚାନ୍ଦଙ୍କ ମାର୍ଗ ଦର୍ଶନରେ ଆଗକୁ ବଢ଼ିଥିଲେ ଦ୍ୟୁତୀ। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟର ଅନ୍ତେବାସୀ ଏହି ସ୍ପ୍ରିଣ୍ଟ କୁଇନ୍ କ୍ୟାରିୟରରେ ଅନେକ ଘାତ ପ୍ରତିଘାତ ଦେଇ ଗତି କରିଛନ୍ତି। ଏକ ଗରିବ ପରିବାରରେ ଜନ୍ମ ହୋଇଥିଲେ ହେଁ କଠିନ ଅଧ୍ୟବସାୟ ଏବଂ ପରିଶ୍ରମ ବଳରେ ଯେ ଉପରକୁ ଉଠି ହେବ ସେ ତାହା ପ୍ରମାଣିତ କରିଛନ୍ତି। ହାଇଦ୍ରାବାଦ୍‌ର ଏନ୍. ରମେଶଙ୍କଠାରୁ ସେ ଏବେ କୋଚିଂ ନେଉଛନ୍ତି।

### ୨୦୧୪ର ସଙ୍କଟ

୨୦୧୪ରେ ଦ୍ୟୁତୀଙ୍କ କ୍ୟାରିୟର ପାଇଁ ଥିଲା ସବୁଠାରୁ ସଙ୍କଟର ସମୟ। ଘାତ ପ୍ରତିଘାତ ଆସିଥିଲା, ମାତ୍ର ସେ ଏହାକୁ ସାମ୍ନା କରିବାକୁ କେବେହେଲେ ପଛାଇ ନ ଥିଲେ। ପରିଶ୍ରମ ଓ ଅଧ୍ୟବସାୟର ଫଳ ତାଙ୍କୁ ମିଳିଥିଲା। ତାଙ୍କ ଶରୀରରେ ଅଧିକ ପରିମାଣରେ ପୁରୁଷ ହରମୋନ ଥିବା ଜଣାପଡ଼ିବା ପରେ ଅନ୍ତର୍ଜାତୀୟ ଆଥ୍‌ଲେଟିକ ଫେଡେରେଶନ ନିୟମାନୁଯାୟୀ ତାଙ୍କୁ ବାସନ୍ଦ କରାଯାଇଥିଲା। ଫଳରେ ୨୦୧୪ ଅଗଷ୍ଟରେ ଅନୁଷ୍ଠିତ ଏସିଆନ ଗେମ୍ସ, ସେପ୍ଟେମ୍ବରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଭାଗ ନେବାରୁ ବଞ୍ଚିତ ହୋଇଥିଲେ। ଏହି ବାସନ୍ଦ ବ୍ୟବସ୍ଥା ବିରୋଧରେ ଭାରତ ସରକାରଙ୍କ ସହାୟତାରେ ଦ୍ୟୁତୀ ସୁଇଜରଲାଣ୍ଡରେ ଥିବା କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ (କାସ୍)ରେ ଆବେଦନ କରିଥିଲେ। କାସ୍ ଏହାର ବିଚାର କରି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ ସେ ଭାରତରେ ହେବାକୁଥିବା ସମସ୍ତ ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଫଳରେ ଦ୍ୟୁତୀ ଡିସେମ୍ବରରେ ଅନୁଷ୍ଠିତ ରାଜ୍ୟ ଆଥ୍‌ଲେଟିକ ମିଟ୍‌ରେ ଭାଗନେଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ। ପରେ ୨୦୧୫ ଜାନୁୟାରୀ ୩୧ରୁ ଫେବୃୟାରୀ ୧୬ ପର୍ଯ୍ୟନ୍ତ କେରଳରେ ଅନୁଷ୍ଠିତ ୩୫ତମ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବାରେ ସଫଳ ହୋଇଥିଲେ। ୨୦୧୫ ଜୁଲାଇରେ କାସ୍ ଦ୍ୟୁତୀଙ୍କ ଉପରୁ ସମ୍ପୂର୍ଣ୍ଣଭାବେ କଟକଣା ଉଠାଇ ଦେବା ସହିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଅନୁମତି ପ୍ରଦାନ କରିଥିଲେ।

### ସଫଳତା ଫର୍ଦ୍ଦ

୧୦୦ ମିଟରରେ ଦ୍ୟୁତୀଙ୍କ ଟାଇମିଂ ହେଉଛି ୧୧.୧୭ ସେକେଣ୍ଡ। ଏଥିସହ ସେ ଜାତୀୟ ରେକର୍ଡର ମଧ୍ୟ ଅଧିକାରିଣୀ ଅଛନ୍ତି। ନିଜ ଜାତୀୟ ରେକର୍ଡକୁ ବାରମ୍ବାର ଭାଙ୍ଗି ଚାଲିଛନ୍ତି। ୨୦୦ ମିଟରରେ ତାଙ୍କ ଶ୍ରେଷ୍ଠ ଟାଇମିଂ ହେଉଛି ୨୩.୦୦ ସେକେଣ୍ଡ। ୨୦୧୮ରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟରରେ ସେ ରୌପ୍ୟ ପଦକ ହାସଲ କରି ଦେଶକୁ ଗର୍ବିତ କରିଛନ୍ତି। ସେହିପରି ଏସିଆନ ଚାମ୍ପିୟନଶିପ୍‌ରେ ସେ ୪ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ସେ ହଳଲ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ୨୦୧୬ରେ ଦୋହାରେ ଅନୁଷ୍ଠିତ ଏସିଆନ ଇନ୍‌ଡୋର ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୬ ସାଉଥ୍ ଏସିଆନ ଗେମ୍ସର ୧୦୦ ମିଟରରେ ସେ ରୌପ୍ୟ ଓ ୨୦୦ ମିଟରରେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୪ରେ ତାଇପେରେ ଅନୁଷ୍ଠିତ ଏସିଆନ ଜୁନିୟର ଆଥ୍‌ଲେଟିକ ଚାମ୍ପିୟନଶିପ୍‌ର ଉଭୟ ୨୦୦ ମିଟର ଓ ୪x୪୦୦ ମିଟର ରିଲେରେ ସେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୨୦୧୯ରେ ସେ ଭାରତର ପ୍ରଥମ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ ଭାବେ ଇଟାଲୀର ନାପୋଲିଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦ୍ୟୁତୀ ସମ୍ପ୍ରତି ଓଡ଼ିଶା ମାଇନିଂ କର୍ପୋରେଶନରେ ମ୍ୟାନେଜର (ଗ୍ରୁପ୍-ଏ ଲେଭଲ)ଭାବେ କାର୍ଯ୍ୟରତ।

# ବିପର୍ଯ୍ୟୟ ଘଟାଇ କ୍ୱାର୍ଟରରେ ୟୁକ୍ରେନ

**ଗ୍ଲାସଗୋ,୩୦।୬**

ସବୁଠାରୁ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ୟୁକ୍ରେନ ଭାଗ୍ୟ ବଳରେ ୟୁରୋକପ୍ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା। ଲିଗ୍ ପର୍ଯ୍ୟାୟରେ ଗୋଟିଏ ହେଲେ ବିଜୟ ହାସଲ କରି ନ ଥିଲେ ମଧ୍ୟ ୟୁକ୍ରେନ ପ୍ରି- କ୍ୱାର୍ଟରରେ ପ୍ରବେଶ କରିଥିଲା ଓ ଏବେ କ୍ୱାର୍ଟର ଫାଇନାଲ ଟିକେଟ ମଧ୍ୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ୟୁକ୍ରେନ୍ ୨-୧ଗୋଲରେ ସ୍ୱିଡେନକୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ପ୍ରଥମଥର ପାଇଁ ୟୁରୋକପ୍ କ୍ୱାର୍ଟରକୁ ଉଠିଛି। ମ୍ୟାଚ୍‌ର ୨୭ ମିନିଟ୍‌ରେ ଓଲେକଜାଣ୍ଡର ଜିନଚେଙ୍କୋ ପ୍ରଥମ ଗୋଲ ଦେଇ ୟୁକ୍ରେନକୁ ଅଗ୍ରଣୀ କରାଇଥିଲେ। ଏହାପରେ ୪୩ତମ ମିନିଟ୍‌ରେ ସ୍ୱିଡେନର ଏମିଲ ଫୋର୍ସବର୍ଗ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ତେବେ ଅତିରିକ୍ତ ସମୟ ଶେଷ ହେବାର କିଛି ସମୟ ପୂର୍ବରୁ (୧୨୧ତମ ମିନିଟ୍) ଅର୍ଟେମ ଡୋବୋଭ୍ୟିକ୍ ଗୋଲ ଦେଇ ୟୁକ୍ରେନ୍‌କୁ ବିଜୟୀ କରାଇଥିଲେ। ଏବେ ଶନିବାର ରୋମ୍‌ରେ ୟୁକ୍ରେନ କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିବ। ୟୁକ୍ରେନର ଏହି ବିଜୟ ସହ ଟୁର୍ନାମେଣ୍ଟରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ସ୍ପଷ୍ଟ ହୋଇଛି। ଏଥିସହ ଦ୍ୱିତୀୟଥର କୌଣସି ମେଜର ଟୁର୍ନାମେଣ୍ଟରେ ୟୁକ୍ରେନ କ୍ୱାର୍ଟରକୁ ଉଠିଛି। ପୂର୍ବରୁ ୟୁକ୍ରେନ ୨୦୦୬ ବିଶ୍ୱକପ୍‌ରେ କ୍ୱାର୍ଟରକୁ ଉଠିଥିଲା। ଗୋଲ ସ୍କୋର କରିବାର କେତୋଟି ସୁଯୋଗ ମିଳିଥିଲା। ତେବେ ଏହା ସଦ୍‌ବ୍ୟବହାର କରି ନ ପାରିବାରୁ ଆମେ ହାରିଲୁ ବୋଲି ସ୍ୱିଡେନ କୋଚ୍ ଜେନ୍ ଏଣ୍ଡରସନ କହିଛନ୍ତି। ଦ୍ୱିତୀୟାର୍ଦ୍ଧରେ ଗୋଲ ସ୍କୋର କରିବାରୁ ସୁଯୋଗ ଆମ ପାଖରେ ଥିଲା। ଏହି ବିଜୟ ଦୁଃଖଦାୟକ ବୋଲି ସେ କହିଛନ୍ତି।



ଅତିରିକ୍ତ ସମୟରେ ବିଜୟ ସୂଚକ ଗୋଲ ସ୍କୋର କରିବା ପରେ ୟୁକ୍ରେନର ଅର୍ଟେମ ଡୋବୋଭ୍ୟିକ୍ (ଡାହାଣ)।

# ଇଂଲଣ୍ଡଠାରୁ ହାରି ଜର୍ମାନୀ ବିଦା

**ୟୁରୋକପ୍ ଫୁଟ୍‌ବଲ**

**ଲଣ୍ଡନ,୩୦।୬**

ୟୁରୋକପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଇଂଲଣ୍ଡ ଏଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ୪୦,୦୦୦ ଦର୍ଶକଙ୍କ ସମ୍ମୁଖରେ ସ୍ଥାନୀୟ ୱେମ୍ବଲି ଷ୍ଟାଡିୟମରେ ଖେଳାଯାଇଥିବା ଟୁର୍ନାମେଣ୍ଟର ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଇଂଲଣ୍ଡ ୨-୦ ଗୋଲରେ ଦୀର୍ଘବର୍ଷର ପ୍ରତିଦ୍ୱନ୍ଦ୍ୱୀ ଜର୍ମାନୀକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ଟିକେଟ ହାସଲ କରିଛି। ଏହି ମ୍ୟାଚ୍ ଐତିହାସିକ ଥିଲା। କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲେ ମଧ୍ୟ ଜର୍ମାନୀ ଗୋଲ ଦେବାରେ ସଫଳ ହୋଇପାରି ନ ଥିଲା। ଜର୍ମାନୀ ଅଧିକ ସମୟ ବଲ୍ ନିଜ ପାଖରେ ରଖିଥିଲା। ପାସ୍ ମଧ୍ୟ ଅପେକ୍ଷାକୃତ ଅଧିକ ସଂଖ୍ୟାରେ ଦେଇଥିଲା। କିନ୍ତୁ ଦୁଇ ଦଳ ମଧ୍ୟରେ ପାସ୍ ଆକ୍ୟୁରେସି ସମାନ ଥିଲା।

ପ୍ରଥମାର୍ଦ୍ଧରେ ଦୁଇ ଦଳ ମଧ୍ୟରେ ଜବରଦସ୍ତ ଲଢ଼େଇ ଦେଖିବାକୁ ମିଳିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ମଧ୍ୟ ସଂଘର୍ଷ ହୋଇଥିଲା। କିନ୍ତୁ ଇଂଲଣ୍ଡ ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ ଦେଇ ଏହି ଐତିହାସିକ ବିଜୟ ହାସଲ କରିଥିଲା। ମ୍ୟାଚ୍‌ର ୭୫ତମ ମିନିଟ୍‌ରେ ଇଂଲଣ୍ଡର ଆଟାକିଙ୍ଗ୍ ମିଡ୍‌ଫିଲ୍ଡର ରାହିମ ଷ୍ଟର୍ଲିଂ ଏକ ସୁନ୍ଦର ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାର ୧୧ ମିନିଟ୍ ପରେ ହାରି କେନ୍ ଦଳ ତରଫରୁ ଦ୍ୱିତୀୟ ଗୋଲ ଦେଇ ଇଂଲଣ୍ଡକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଫଳରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଏଥିସହ ୟୁରୋକପ୍‌ରୁ ଜର୍ମାନୀ ବିଦାୟ ନେଇଛି।

ଭିଆଇପି ସିଟ୍‌ରେ କିମ୍ବଦନ୍ତୀ ଫୁଟ୍‌ବଲର ଡେଭିଡ୍ ବେକ୍‌ହାମ ଓ ବ୍ରିଟିଶ ସଙ୍ଗୀତକାର ଏଡ ଶିରାନ ଏହି ମ୍ୟାଚ୍‌କୁ ବେଶ୍ ଉପଭୋଗ କରିଥିଲେ। ପ୍ରିନ୍ସ ୱିଲିୟମ୍ସ, ସ୍ତ୍ରୀ କାଥେରାଇନ ମିଡିଲଟନ ଓ ତାଙ୍କ ୭ ବର୍ଷରୁ ପୁଅ ପ୍ରିନ୍ସ ଜର୍ଜ ମଧ୍ୟ ଷ୍ଟାଡିୟମରେ ଉପସ୍ଥିତ ରହି ଅନ୍ୟ ପ୍ରଶଂସକଙ୍କ ସହ ଇଂଲଣ୍ଡର ଏହି ବିଜୟକୁ ଉପଭୋଗ କରିଥିଲେ।

## ଶୁବମନ ଆହତ

**ନୂଆଦିଲ୍ଲୀ, ୩୦।୬(ପି.ଟି.):** ଟିମ୍ ଇଣ୍ଡିଆ ଓପନର ଶୁବମନ ଗିଲ୍ ଆହତ ହୋଇଛନ୍ତି। ତେଣୁ ସେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଖେଳିବା ସମ୍ଭାବନା କମ୍। ତାଙ୍କ ଆହତ ସମସ୍ୟା ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ତେବେ ଷ୍ଟାଣ୍ଡବାଇ ଖେଳାଳି ଅଭିମନ୍ୟୁ ଈଶ୍ୱରନଙ୍କୁ ମୁଖ୍ୟ ଦଳରେ ସାମିଲ କରାଯାଇଛି। ''ସିରିଜ ଆରମ୍ଭ ହେବାକୁ ଏକମାସ ବାକିଥିଲେ ହେଁ ଶୁବମନ ଓହରି ଯିବା ସମ୍ଭାବନା ରହିଛି। ତାଙ୍କ ଆହତାବସ୍ଥା ଗୁରୁତର ଥିବା ଜାଣିବାକୁ ମିଳିଛି'' ବୋଲି ଜଣେ ସିନିୟର ବିସିସିଆଇ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ଆଇସିସିର ନୂଆ ପଏଣ୍ଟ ସିଷ୍ଟମ

**ନୂଆଦିଲ୍ଲୀ,୩୦।୬ (ପି.ଟି.):** ଆଗକୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ଦ୍ୱିତୀୟ ସଂସ୍କରଣ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନୂଆ ପଏଣ୍ଟ ସିଷ୍ଟମ ଲାଗୁ କରିଛି। ଅଗଷ୍ଟରେ ଆରମ୍ଭ ହେବାକୁ ଥିବା ଭାରତ- ଇଂଲଣ୍ଡ ଟେଷ୍ଟ ସିରିଜରୁ ଡବ୍ଲ୍ୟୁଟିସିର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହେବ। ପ୍ରତ୍ୟେକ ମ୍ୟାଚ୍ ବିଜୟରେ ୧୨ ପଏଣ୍ଟ ପ୍ରଦାନ କରାଯିବ। ମ୍ୟାଚ୍ ଟାଇ ରହିଲେ ୬ ଲେଖାଏ ପଏଣ୍ଟ ଉଭୟ ଦଳକୁ ମିଳିବ। ସେହିପରି ଯଦି ମ୍ୟାଚ୍ ଡ୍ର ରହେ ତାହାଲେ ଦୁଇ ଦଳକୁ ୪ ପଏଣ୍ଟ ଲେଖାଏ ମିଳିବ। ପଏଣ୍ଟ ସିଷ୍ଟମରେ ପରିବର୍ତ୍ତନ କରାଯିବ ବୋଲି ଆଇସିସି ମଧ୍ୟବର୍ତ୍ତୀକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଓଫ୍ ଆଲ୍ଲାରଡଶଇସ୍ ଚଳିତ ମାସ ଆରମ୍ଭରୁ କହିଥିଲେ। ପୂର୍ବରୁ ପ୍ରତ୍ୟେକ ସିରିଜ (ମ୍ୟାଚ୍ ସଂଖ୍ୟା ଯାହା ହେଉ ନା କହିଁକି) ପାଇଁ ୧୨୦ ପଏଣ୍ଟ ରଖାଯାଉଥିଲା। କିନ୍ତୁ ଏବେ ମ୍ୟାଚ୍ ପ୍ରତି ୧୨ ପଏଣ୍ଟ ରଖାଯାଇଛି। ଦଳଗୁଡିକ ଯେତେ ସଂଖ୍ୟାକ ମ୍ୟାଚ୍ ଖେଳି ଯେତୋଟି ବିଜୟ ହାସଲ କରିଥିବେ ତାହାକୁ ବିଚାରରେ ରଖି ପର୍ସେଣ୍ଟେଜ୍ ଅନୁସାରେ ପଏଣ୍ଟ ପ୍ରଦାନ କରାଯିବ। ଆଗାମୀ ସପ୍ତାହଗୁଡ଼ିକରେ ଆଇସିସି ମୁଖ୍ୟ କାର୍ଯ୍ୟକାରୀ କମିଟି ପଏଣ୍ଟ ସିଷ୍ଟମକୁ ମଞ୍ଜୁରି ପ୍ରଦାନ କରିବ। ପଏଣ୍ଟ ସିଷ୍ଟମର ସରଳିକରଣ ପାଇଁ ଏଭଳି ସଂସ୍କାର ଅଣାଯାଇଛି। ଡବ୍ଲ୍ୟୁଟିସିରେ ମୋଟ ଉପରେ ୯ଟି ଦଳ ମଧ୍ୟରେ ମୁକାବିଲା ହେବ। ପ୍ରତ୍ୟେକ ଦଳ ୬ଟି ଲେଖାଏ ଟେଷ୍ଟ ସିରିଜ ଖେଳିବେ। ୩ଟି ଖୋଏ ସିରିଜ ଘରୋଇ ପରିବେଶରେ ଓ ବିଦେଶରେ ଦଳଗୁଡିକ ଖେଳିବେ। ପର୍ସେଣ୍ଟେଜ ସିଷ୍ଟମ୍‌ରେ ପଏଣ୍ଟ ତାଲିକା ସ୍ଥିରିକୃତ ହେବ।

# ଦକ୍ଷିଣ ଆଫ୍ରିକାର ରୋମାଞ୍ଚକ ବିଜୟ

**ସେଣ୍ଟ ଜର୍ଜେଶ(ଗ୍ରେନେଡା), ୩୦।୬**

ସ୍ଥାନୀୟ ନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ରୋମାଞ୍ଚମ ଢଙ୍ଗରେ ମାତ୍ର ୧ ରନରେ ବିଜୟ ହାସଲ କରିଛି। ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୮ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୧୬୬ ରନରେ ସୀମିତ ରହିବା ସହ ବିଜୟଠାରୁ ମାତ୍ର ୨ ରନ ଦୂରରେ ରହିଯାଇଥିଲା। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୨-୧ରେ ଅଗ୍ରଣୀ ହାସଲ କରିଛି। ଗୁରୁବାର ଚତୁର୍ଥ ଟି୨୦ ଖେଳାଯିବ। ୧୩ ରନ ଦେଇ ମୂଲ୍ୟବାନ ୨ ଉଇକେଟ ନେଇଥିବା ଦକ୍ଷିଣ ଆଫ୍ରିକା ବୋଲର ତାବରେଜ ସାମ୍‌ସି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୬୮ ରନ ଟାର୍ଗେଟର ପିଛା କରି ୱେଷ୍ଟଇଣ୍ଡିଜ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଓପନର ଏଭିନ ଲୁଇସ ସର୍ବାଧିକ ୨୭ ରନ କରିଥିଲେ। ଦକ୍ଷିଣ ଆଫ୍ରିକାର ଏନରିଚ୍ ନୋର୍ଜେ ଓ ତାବରେଜ ସାମ୍‌ସି ଦୁଇଟି ଲେଖାଏ, ଜର୍ଜ ଲିଣ୍ଡେ, ଲୁନ୍‌ଗି ଏନ୍‌ଗିଡି ଓ କାଗିସୋ ରାବାଡା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଓପନର କ୍ୱିଣ୍ଟନ ଡିକକ୍ ସର୍ବାଧିକ ୭୨ (୫୧ ବଲ, ୫ ଚୌକା, ୨ ଛକା), ରସି ଭାନ ଡେର ଡୁସେନ ୩୨, ଏଡେନ ମାରକ୍ରାମ ୨୩ ରନ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଓବେଡ ମ୍ୟାକ୍‌କଏ ୪ ଓ ଡ୍ୱେନ ବ୍ରାଭୋ ୩ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୬୭/୮ (ଡିକକ- ୭୨, ଡୁସେନ- ୩୨, ମାରକ୍ରାମ- ୨୩, ମ୍ୟାକକଏ- ୪/ ୨୨, ବ୍ରାଭୋ- ୩/୨୫)। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୬୬/୭ (ଲୁଇସ- ୨୭, ପୁରନ- ୨୬, ରସେଲ- ୨୫, ସିମନ୍ସ-୨୨, ନୋର୍ଜେ-୨/୨୯, ସାମସି- ୨/୧୩)।

# ତୃତୀୟ ରାଉଣ୍ଡରେ ଜୋକୋଭିଚ୍

**ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ୍**

**ୱିମ୍ବେଲଡନ,୩୦।୬**

ଚଳିତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତ ଟପ୍ ସିଡ୍ ସର୍ବିୟାର ନୋଭାକ ଜୋକୋଭିଚ୍ । ବୁଧବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲରେ ସେ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନଙ୍କୁ ୬-୩, ୬-୩, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ସ୍ପେନର ପାବ୍ଲୋ ଆଣ୍ଡୁଜାର ନ ଖେଳିବାରୁ ୱାକଓଭର ପାଇ ଦଶମ ସିଡ୍ କାନାଡାର ୨୨ ବର୍ଷୀୟ ଡେନିସ ଶାପୋଭାଲୋଭ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ମିକାୟେଲ ଆମିର ୭-୫, ୬-୭(୪/୭), ୫-୭, ୬-୪, ୬-୩ ସେଟ୍‌ରେ ଜୋ ୱିଲ୍‌ଫ୍ରେଡ୍ ସୋଙ୍ଗାଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ତେବେ କେଇ ନିଶିକୋରି ୬-୪, ୬-୪, ୬-୪ ସେଟ୍‌ରେ ଆଲେକ୍ସି ପୋପିରିନଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ମହିଳା ସିଙ୍ଗଲ୍ସରେ ଏଲିସେ ମେର୍ଟେନ୍ସ ୬-୨, ୬-୦ ସେଟ୍‌ରେ ଝୁ ଲିନ୍‌ଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଭିକ୍ଟୋରିଆ ଆଜାରେଙ୍କା ୬-୧, ୬-୩ ସେଟ୍‌ରେ କାଟେରିନା କୋଜଲୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି କାଟରିନା ସିନିକୋଭା ୬-୧, ୬-୦ ସେଟ୍‌ରେ ୱାଙ୍ଗ୍ ୟାଫାନଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ସେହିପରି ଏଲିନା ସ୍ୱିତୋଲିନା ୬-୩, ୨-୬, ୬-୩ ସେଟ୍‌ରେ ଆଲିସନ ଭାନ୍ ଉଭାନକ୍‌ଙ୍କୁ ଏବଂ କ୍ରିଷ୍ଟିନା ପ୍ଲିସ୍‌କୋଭା ୩-୬, ୬-୪, ୬-୪ ସେଟ୍‌ରେ ଆଷ୍ଟ୍ରା ଶର୍ମାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଲିନା ଭେସନିନା ୭-୫, ୬-୧ ସେଟ୍‌ରେ ମାର୍ଟିନା ଟ୍ରେଭିସାନଙ୍କୁ ହରାଇ ଦେଇଛନ୍ତି।



ଦ୍ୱିତୀୟ ରାଉଣ୍ଡରେ ରିଟର୍ନ ଶଟ୍ ଖେଳିବା ଅବସରରେ ନୋଭାକ୍ ଜୋକୋଭିଚ୍।

## ଅସୁରାଳି ବଜାର ଶଟ୍‌ଡାଉନ

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ବଜାରକୁ ବୁଧବାରଠାରୁ ଗୁରୁବାର ମଧାହ୍ନ ୧ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ରଖିବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ଧାମନଗର ତହସିଲଦାର ଦୁର୍ଗାଚରଣ ମୁର୍ମୁ ମଙ୍ଗଳବାର ଗସ୍ତ କରିଥିବା ସମୟରେ କୋଭିଡ୍ ନିୟମ ଉଲ୍ଲଂଘନ କରି ବଜାରରେ ଭିଡ଼ ଜମିଥିବାରୁ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ସଂକ୍ଷେପରେ

### ଶୋ'ରୁମ୍ ସହ ଦୋକାନ ସିଲ୍

**ଭଦ୍ରକ ଅଫିସ, ୩୦।୬:** ଭଦ୍ରକ ସହରରେ ଥିବା ସାଇ ସୁଇଟ୍ସ ଷ୍ଟଲ ଓ ପାଣ୍ଡାଲୁନ୍ସ ଶୋ'ରୁମ୍ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରି ଖୋଲିଥିବାରୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଉପଜିଲାପାଳ ପୀତାମ୍ବର ସାମଲ ଗସ୍ତ କରିବା ସମୟରେ ଏହା ଦେଖି ୭ ଦିନ ପାଇଁ ସିଲ୍ କରିଛନ୍ତି।

### ୩ ଟ୍ରାକ୍ଟରରୁ ଜରିମାନା

**ପାଟଣା,୩୦।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳର ବେଆଇନ ବାଲି ଡିପୋରେ ବୁଧବାର ପାଟଣା ତହସିଲ ଏନଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରି ଜରିମାନା ଆଦାୟ କରିଛି। ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ତେନ୍ତେଳା ବାଲି ଡିପୋରୁ ୫୦ ହଜାର ଟଙ୍କା ଓ ରାଜନଗର ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ମୁରୁସୁଆଁ ଡିପୋରୁ ୬୫ ହଜାର ଟଙ୍କା ଆଦାୟ ହୋଇଥିବା ବେଳେ ମହୁଲଡିହାରୁ ୨ ପଥର ବୋଝେଇ ଟ୍ରାକ୍ଟର ଓ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରରୁ ୩୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରି ମାନା ଆଦାୟ କରାଯାଇଛି।

### ଗାଡ଼ି ଧକ୍କାରେ ନାବାଳିକାଙ୍କ ମୃତ୍ୟୁ

**ଝୁମ୍ପୁରା ୩୦।୬ (ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର ଝୁମ୍ପୁରା ବାଇପାସ୍‌ରେ ବୁଧବାର ମଧାହ୍ନରେ ଅଜଣା ଗାଡି ଧକ୍କାରେ ଜଣେ ନାବାଳିକାଙ୍କ ଜୀବନ ଯାଇଛି। ମୃତକ ହେଲେ ପୁନମ ନାଏକ(୯)। ତାଙ୍କ ଘର ନିକଟସ୍ଥ ପାତ୍ର ସାହିରେ। ଖବର ପାଇ ଝୁମ୍ପୁରା ପୋଲିସ ଏକ ମାମଲା (ନଂ.୭୫/୨୧) ରୁଜୁ କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଲୁହାପଥର ଗୁଣ୍ଡ ବୋଝେଇ ଟ୍ରକ୍ ଜବତ, ୪ ଗିରଫ

**ବଡବିଲ, ୩୦।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲ ପୋଲିସ ବୁଧବାର ଅପରାହ୍ନରେ ଲୁହାପଥର ଗୁଣ୍ଡ ଚୋରାଚାଲାଣ ଅଭିଯୋଗରେ ୪ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଉକ୍ତ ଟ୍ରକ୍‌କୁ ଏସକଟ କରି ନେଉଥିବା ଏକ କାର୍‌କୁ ମଧ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା ସମିଆପଲ୍ଲୀ ଅଞ୍ଚଳର ଶ୍ରୀପତି ପ୍ରଧାନ, ଉଦିତ ନଗର ଅଞ୍ଚଳର ହିମାଂଶୁ ଶେଖର ନହରା, ଗୋବିନ୍ଦ ସାହୁ ଏବଂ ପୁରୀ ଜିଲା କଣାସ ଥାନା ଏକାରୁଖ ଅଞ୍ଚଳର ପ୍ରଶାନ୍ତ କୁମାର ପରିଡ଼ା। ଏ ନେଇ ବଡ଼ବିଲ ପୋଲିସ ଏକ ମାମଲା (ନଂ ୧୦୭/୨୦୨୧) ରୁଜୁ କରିଛି।

### ପ୍ରଧାନଶିକ୍ଷକଙ୍କୁ ମାଡ଼ ଅଭିଯୋଗ

**ବନ୍ତ, ୩୦।୬ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ମହାନ୍ତିପଡ଼ା ପଞ୍ଚାୟତର କୁଣ୍ଡି ମହାନ୍ତିପଡ଼ା ୟୁଜିଏମ୍ଇ ସ୍କୁଲର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଦାଶଙ୍କୁ ମଙ୍ଗଳବାର ବିଦ୍ୟାଳୟରେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ମାମଲା (ନଂ.୧୬୦/୨୧) ରୁଜୁ କରାଯାଇଛି। ବିଦ୍ୟାଳୟ କମିଟିର ଜଣେ ସଭ୍ୟ ଅନିୟମିତତାକୁ କେନ୍ଦ୍ର କରି ପ୍ଲାଷ୍ଟିକ ଚେୟାରରେ ପ୍ରଧାନଶିକ୍ଷକଙ୍କୁ ପିଟିଥିବା ଏତଲାରେ ଦର୍ଶାଯାଇଛି।

### ଲୁଟ୍ ସ୍କର୍ପିଓ ଜବତ

**ଯୋଡ଼ା,୩୦।୬(ଡି.ଏନ.ଏ.):** ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦା ନିକଟସ୍ଥ ଲହଣ୍ଡା ଠାରୁ ମଙ୍ଗଳବାର କେତେକ ଦୁର୍ବୃତ୍ତ ଏକ ସ୍କର୍ପିଓକୁ ଛୁରି ଦେଖାଇ ନେଇଯାଇଥିଲେ। ଉକ୍ତ ସ୍କର୍ପିଓରେ ଅଂଶୁମାନ ମହାପାତ୍ର ଓ ତାଙ୍କ ସହ ୩ ଜଣ କଟକରୁ ଯୋଡ଼ା ଅଭିମୁଖେ ଆସୁଥିଲେ। ଲହଣ୍ଡା ନିକଟରେ ୩ ଦୁର୍ବୃତ୍ତ ଛୁରି ଦେଖାଇ ଗାଡ଼ିଟିକୁ ବଳପୂର୍ବକ ଛଡ଼ାଇ ନେଇଥିଲେ । ଏ ନେଇ ମହାପାତ୍ର ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଲୁଟ ସ୍କର୍ପିଓକୁ ରୁଗୁଡ଼ି ଥାନା ଅନ୍ତର୍ଗତ କ୍ୟାମ୍ପ ହଟିଂଠାରୁ ଜବତ କରିଥିଲା। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାବେଳେ ପୋଲିସ ଏକ ମାମଲା (ନଂ.୧୦୮/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ଦାବିପତ୍ର

**ବାରିପଦା ଅଫିସ,୩୦।୬:** ମୟୂରଭଞ୍ଜ ଜିଲା ଉଦଳା ଥାନା ଚୁଳିଆପୋଷି ହାଟରେ ବେଆଇନ ଗୋଚାଲାଣକୁ ନେଇ ହୋଇଥିବା ଗଣ୍ଡଗୋଳକାରୀଙ୍କୁ ପୋଲିସ ତୁରନ୍ତ ଗିରଫ କରିବା ପାଇଁ କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ଗୋଚାଲାଣ ରୋକିବା ସହ ଘଟଣାରେ ସମ୍ପୃକ୍ତ ଅବଶିଷ୍ଟ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ବୋଲି କେଶରୀୟା ହିନ୍ଦୁ ବାହିନୀର ରାଷ୍ଟ୍ରୀୟ ସମ୍ପାଦକ ଦିଲୀପ ଦାସ ଦାବି କରିଛନ୍ତି। ଏ ନେଇ ଏକ ପ୍ରତିନିଧି ଦଳ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି।

# ବୈତରଣୀ ନଦୀବନ୍ଧ ସୁରକ୍ଷା ଦାବି ତେଜିଲା

ଭଦ୍ରକ ଅଫିସ,୩୦।୬

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦ ବାଲିଖାଦାନ ଲିଜ୍ ବାତିଲ ଓ ବାଲିପୋଖରୀ ଏସ୍‌କେପ୍, ବୈତରଣୀ ବାମପଟ ନଦୀବନ୍ଧ ସୁରକ୍ଷା ପାଇଁ ଦାବି ହୋଇଛି। ଏ ନେଇ ବୈତରଣୀ ଆଞ୍ଚଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦାବି ଜଣାଇଛି। ପ୍ରତିନିଧି ଦଳରେ କଂଗ୍ରେସ ନେତା ତଥା ଜିଲା ସଭାପତି ସୁବ୍ରତ ଦାସ ଏବଂ ଭାଜପା ନେତା ବଦ୍ରିନାରାୟଣ ଧଳଙ୍କ ସମେତ କମିଟି ସଦସ୍ୟ ସଞ୍ଜୀବ ପରିଡ଼ା ଓ ଅକ୍ଷୟ ତ୍ରିପାଠୀ ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ ଆଖୁଆପଦା ଦକ୍ଷିଣପାର୍ଶ୍ୱ ଆନିକଟଠାରୁ ବୈତରଣୀର ଶାଖା କୁଶେଇ ନଦୀ ପର୍ଯ୍ୟନ୍ତ ଦୁଇଟି ଟେଣ୍ଡର ଯଥାକ୍ରମେ ୨୧ କୋଟି ଓ ୨୧ କୋଟି ମୋଟ ୪୨କୋଟି, କୁଶେଇ ନଦୀ ମୁହାଣଠାରୁ ବୈତରଣୀ ତଳପାର୍ଶ୍ୱ ଘେରିବନ୍ଧ କଡ଼ରେ ଆଉ ଏକ କାର୍ଯ୍ୟ ଲାଗି ୨୧ କୋଟି ଟଙ୍କାର ଟେଣ୍ଡର ହୋଇଛି। ଏହା ସମ୍ପୂର୍ଣ୍ଣ ବେନିୟମରେ ହୋଇଥିବା ଅଭିଯୋଗ କରାଯାଇଛି। ତଦନ୍ତ କରାଯାଇ ନଦୀଶଯ୍ୟାକୁ ଅବରୋଧ ନ କରି ଟେଣ୍ଡର ବାତିଲ ନିମନ୍ତେ କମିଟି ଦାବି ଉପସ୍ଥାପନ କରିଛି। ଏଥିସହ ବୈତରଣୀ ବାମପାର୍ଶ୍ୱ ନଦୀବନ୍ଧ ଓ ବାଲିପୋଖରୀ ଏସ୍‌କେପ୍‌କୁ ସୁରକ୍ଷା ଦେଇ ଆସୁଥିବା ବାଲିଶଯ୍ୟାକୁ କରାଯାଇଥିବା ସଇରାତ ନିଲାମ ବାତିଲ ପାଇଁ ଦାବି ହୋଇଛି। ପ୍ରଶାସନ ଦାବି ପ୍ରତି କର୍ଣ୍ଣପାତ ନ କଲେ ଆସନ୍ତା ୭ ତାରିଖ ଆଖୁଆପଦା ଜଳସମ୍ପଦ ଉପବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଭିଜିଲାନ୍ସ ଜାଲରେ ଏବିଇଓ

ଆନନ୍ଦପୁର,୩୦।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଏବିଇଓ ବୁଧବାର ଜଣେ ଶିକ୍ଷକଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ୧୦ ହଜାର ଲାଞ୍ଚ ନେବା ସମୟରେ ଏବିଇଓ ଅଭିମନ୍ୟୁ ସାହୁଙ୍କୁ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଗିରଫ କରିଛି। ଭିଜିଲାନ୍ସ ଟିମ୍ ପକ୍ଷରୁ ଉଭୟ କାର୍ଯ୍ୟାଳୟ ଏବଂ ଘସିପୁରା ବ୍ଲକ କଇନିପୁରା ସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରାଯାଇଛି।

ପ୍ରକାଶ ଯେ, ଶିକ୍ଷକ ସୋମନାଥ ରାମଙ୍କ ନାମରେ ଏକ ବିଭାଗୀୟ ମାମଲାକୁ ରଫାଦଫା କରିବା ଉଦ୍ଦେଶ୍ୟରେ ଏବିଇଓ ସାହୁ ୪୦ ହଜାର ଟଙ୍କା ଦାବି କରିଥିଲେ। ପରବର୍ତ୍ତୀ ସମୟରେ ୧୦ ହଜାର ଟଙ୍କା ଦେବାକୁ ଶିକ୍ଷକ ରାଜି ହେବା ସହ ଏ ନେଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଶିକ୍ଷକ ବୁଧବାର ଏବିଇଓ ସାହୁଙ୍କୁ ୧୦ ହଜାର ଟଙ୍କା ଦେବା ସମୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଚଢ଼ାଉ କରାଯାଇଥିଲା। ଏ ନେଇ ଏକ ମାମଲା (ନଂ.୧୧/୨୦୨୧) ରୁଜୁ କରି ତଦନ୍ତ କରାଯାଉଥିବା ବାଲେଶ୍ୱର ଭିଜିଲାନ୍ସ ବିଭାଗ ଅତିରିକ୍ତ ଏସ୍‌ପି ପରମେଶ୍ୱର କିସାନ୍ ସୂଚନା ଦେଇଛନ୍ତି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବାରିପଦା ଅଫିସ,୩୦।୬

**ଟାୟାର ଜାଳି ରାସ୍ତା ଅବରୋଧ**

ବୈଶିଙ୍ଗା ଥାନା ଅଧୀନ ଅସ୍ତପୁରା ଗ୍ରାମର ଚନ୍ଦ୍ରହାସ୍ୟ ପାଣିଗ୍ରାହୀ ନାମକ ଯୁବକଙ୍କୁ ବୁଧବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି। ଏଥିରେ ଗୁରୁତର ଚନ୍ଦ୍ରହାସ୍ୟଙ୍କୁ ପରିବାର ଲୋକେ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ସନ୍ଧ୍ୟା ୬ଟାରୁ ବୈଶିଙ୍ଗା-ରୂପ୍‌ସା ରାଜ୍ୟ ରାଜପଥକୁ ଟାୟାର ଜାଳି ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଏକ କାର୍, ବାଇକ୍ ଓ ସ୍କୁଟିକୁ ଜାଳି ଦେଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଥିବା ବେଳେ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ସୂଚନା ଅନୁଯାୟୀ, ଅସ୍ତପୁରା ଗ୍ରାମରେ ଥିବା ମାଛ ଜାଆଁଳ ଉତ୍ପାଦନ କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ସନ୍ଧ୍ୟାରେ ଚନ୍ଦ୍ରହାସ୍ୟ ଘର ବାହାରେ ଛିଡ଼ା ହୋଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଖଣ୍ଡା ଭୁଜାଲିରେ ଆକ୍ରମଣ କରିଥିଲେ। ଚନ୍ଦ୍ରହାସ୍ୟଙ୍କ ଡାହାଣ ହାତ କଟି ଯାଇଥିବା ବେଳେ ଶରୀରରେ ଗଭୀର କ୍ଷତ ହୋଇଛି।

# କୋଭିଡ୍ ନିୟମ ଉଲ୍ଲଂଘନ କରି ପ୍ରବେଶିକା ପରୀକ୍ଷା

ବାଲେଶ୍ୱର ଅଫିସ, ୩୦।୬

**ଜରିମାନା ଗଣିଲା ଝାଡ଼େଶ୍ୱର ମହାବିଦ୍ୟାଳୟ**

ଯୁକ୍ତ ୨ରେ ନାମଲେଖା ପାଇଁ ବାଲେଶ୍ୱର ଜିଲା ରେମଣା ବ୍ଲକ ଅଧୀନ ସୁତେଇ ବଡଗାଁସ୍ଥିତ ଝାଡେଶ୍ୱର ମହାବିଦ୍ୟାଳୟର କର୍ତ୍ତୃପକ୍ଷ ବୁଧବାର ପୂର୍ବାହ୍ନରେ ପ୍ରବେଶିକା ପରୀକ୍ଷା କରାଉଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାରଙ୍କ ଏକ ଟିମ୍ ପୋଲିସ ସହାୟତାରେ ଚଢାଉ କରିଥିଲା। ସେଠାରେ କୋଭିଡ ନିୟମ ଖୋଲାଖୋଲି ଉଲ୍ଲଂଘନ ହୋଇ ପରୀକ୍ଷା ଚାଲିଥିବା ଦେଖି ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯିବା ସହ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଥିବାରୁ ଜିଲା ପ୍ରଶାସନ ମୁଣ୍ଡରେ ଚଡକ ପଡିଛି। ସରକାର ସ୍କୁଲ କଲେଜ ଖୋଲିବାକୁ ସାହସ କରି ପାରୁ ନ ଥିବା ବେଳେ ଝାଡେଶ୍ୱର ମହାବିଦ୍ୟାଳୟର କିଛି କର୍ମଚାରୀ ୧୦ମ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ଘର ଘର ବୁଲି ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଅଧିକ ନମ୍ବର ରଖିବାର ପ୍ରତିଶ୍ରୁତି ଦେଇ ପ୍ରବେଶିକା ପରୀକ୍ଷା କରାଉଥିଲେ। ତହସିଲଦାର ପହଞ୍ଚି ପରୀକ୍ଷା ବନ୍ଦ କରିଥିଲେ। ଏନେଇ ରେମଣା ତହସିଲଦାର ମନୋଜ କୁମାର ସେନାପତି କହିଛନ୍ତି, କୋଭିଡ୍ ନିୟମ ଉଲ୍ଲଂଘନ କରି ୨୦୦ରୁ ଅଧିକ ଛାତ୍ରୀଛାତ୍ର ଶ୍ରେଣୀ ଗୃହ ବସିଥିବା ବେଳେ ଅଭିଭାବକମାନେ ମହାବିଦ୍ୟାଳୟ ପରିସରରେ ବୁଲୁଥିଲେ। ଏ ନେଇ ମହାବିଦ୍ୟାଳୟ ମାଲିକ ଓ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯାଇ ଜରିମାନା କରାଯାଇଛି।



କଲେଜରେ ତହସିଲଦାର ମନୋଜ କୁମାର ସେନାପତି ତାଗିଦ୍ କରୁଛନ୍ତି।

# ଖଣିଜ ବୋଝେଇ ଟ୍ରକ୍ ଜବତ

ଯୋଡା/ଝୁମ୍ପୁରା,୩୦।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ବାମେବାରୀ ସେକ୍ସନ ଅନ୍ତର୍ଗତ ଧାତିକା ଜଙ୍ଗଲ ରାସ୍ତାରୁ ବନ ବିଭାଗ ବୁଧବାର ଦ୍ୱିପହରରେ ଏକ ଚୋରା ଖଣିଜ ବୋଝେଇ ଟ୍ରକ୍ (ନଂ ଏମପି ୧୬ଏଚ ୨୨୨୭)କୁ ଜବତ କରିଛି। ଏଥିରେ ପ୍ରାୟ ୨୦ ମେଟ୍ରିକ ଟନ ଉନ୍ନତମାନର ଲୁହାପଥର ବୋଝେଇ ହୋଇଥିଲା । ବାମେବାରୀ ଫରେଷ୍ଟର ଯତୀନ୍ଦ୍ର କୁମାର ସାହୁ କହିଛନ୍ତି ଯେ, ବୁଧବାର ସାଢ଼େ ୧୨ଟାରେ ଧାତିକା ଜଙ୍ଗଲ ରାସ୍ତାରୁ ଚୋରା ଲୁହାପଥର ବୋଝେଇ କରି ଚୋରାଚାଲାଣ କରାଯାଉଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସିଏଫ ଅଜୟ କୁମାର ସାହୁ ,ଚମ୍ପୁଆ ରେଞ୍ଜର ସଞ୍ଜୀବ ରାଉତ ଓ ମୋବାଇଲ ସ୍କ୍ୱାଡ ଚଢାଉ କରି ଟ୍ରକ୍‌କୁ ଜବତ କରିଥିଲେ। ଜବତ ଟ୍ରକ୍‌କୁ କାଳିମାଟି ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି। ଜବତ ଲୁହାପଥରର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

# ମୋବାଇଲ ଚୋରଙ୍କୁ ପୋଲିସ ଜିମା

ବନ୍ତ,୩୦।୬(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ବଜାରରେ ୩ ମୋବାଇଲ ଚୋରଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଥିବାବେଳେ ୨ ଜଣ ନାବାଳକ ଅଛନ୍ତି। ପ୍ରକାଶ ଯେ, କୋଭିଡ୍ ପାଇଁ ସାପ୍ତାହିକ ହାଟ ବନ୍ଦ ଥିବାବେଳେ ବସନ୍ତିଆ ବଜାରରେ ପରିବା ହାଟ ଚାଲୁଛି। ମଙ୍ଗଳବାର ଉକ୍ତ ହାଟରେ ପରିବା କିଣିବା ବେଳେ ୪ ବ୍ୟକ୍ତିଙ୍କର ମୋବାଇଲ ଚୋରି ହୋଇଥିଲା। ଅନ୍ୟ ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ ଛଡ଼ାଇ ନେଉଥିବା ସମୟରେ ଲୋକେ କାବୁ କରିନେଇଥିଲେ। ଜଣେ ଖସି ଯାଇଥିବା ବେଳେ ୩ ଜଣଙ୍କୁ ଲୋକେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୩ଜଣଙ୍କୁ ଥାନାକୁ ନେଇଥିଲା।

# ମହିଳାଙ୍କ ସମେତ ୪ ଗିରଫ

ଲଙ୍ଗଳେଶ୍ୱର, ୩୦।୬(ଡି.ଏନ.ଏ.)

**ପିଲାଚୋରି ଘଟଣା**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଛଡା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ୪ଜଣ ପିଲାଚୋରଙ୍କୁ ବାନ୍ଧି ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୩ଜଣ ଯୁବକ ଏବଂ ଜଣେ ମହିଳା ରହିଛନ୍ତି। ସେମାନେ ହେଲେ ସିଂଲା ଥାନା ଅଧୀନ ଚକଅର୍ଜୁନୀ ଗ୍ରାମର ଶଙ୍କର ମୁର୍ମୁ , ରାବଣ ମୁର୍ମୁ ଓ ବାଲିଆପାଳ ଥାନା ଅଧୀନ ଛଡା ଗ୍ରାମର ସୋମବାରି ସୋରେନ ଏବଂ ଯୋଗେନ୍ଦ୍ର ସୋରେନ।

ସିଂଲା ଥାନା ଅଧୀନ କୋରୁଆ ଗ୍ରାମର ଝୁନୁ ମୁର୍ମୁ ନାମ୍ନୀ ଜଣେ ମହିଳା ୧୩ ଦିନ ପୂର୍ବରୁ ତାଙ୍କର ୭ ମାସର ଶିଶୁପୁତ୍ରକୁ ସାଙ୍ଗରେ ନେଇ ଚକଅର୍ଜୁନୀ ଗ୍ରାମସ୍ଥିତ ସମ୍ପର୍କୀୟ ଘରକୁ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ଯାଇଥିଲେ। ସେଠାରେ ତାଙ୍କ ପୁଅ ଖଟରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ଝୁନୁ ବହୁ ଖୋଜାଖୋଜି ପରେ ଶିଶୁପୁତ୍ରକୁ ନ ପାଇବାରୁ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ କୌଣସି ସୂତ୍ରରୁ ଛଡା ଗ୍ରାମର ଶଙ୍କର ମୁର୍ମୁ ତାଙ୍କ ଶିଶୁପୁତ୍ରକୁ ଚୋରି କରି ବିକ୍ରି କରି ଦେଇଥିବା ଜାଣିବାକୁ ପାଇଥିଲେ। ଛଡା ଗ୍ରାମବାସୀଙ୍କ ସହାୟତାରେ ସମ୍ପୃକ୍ତ ପିଲାଚୋରମାନଙ୍କୁ କାବୁ କରାଯିବା ସହ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ସେମାନେ ଶିଶୁପୁତ୍ରକୁ ଚୋରି କରିଥିବା ନେଇ ସ୍ୱୀକାର କରିବା ପରେ ଗ୍ରାମବାସୀ ସେମାନଙ୍କୁ ବାନ୍ଧି ଉତ୍ତମମଧ୍ୟମ ଦେବା ସହ ପୋଲିସକୁ ଖବର ଦେଇଥିଲେ। ସିଂଲା ପୋଲିସ ଛଡା ଗ୍ରାମରେ ପହଞ୍ଚି ମାମଲା (ନଂ. ୧୨୫/୨୧) ରୁଜୁ କରି ୪ ପିଲାଚୋରଙ୍କୁ ଗିରଫ କରି ଥାନାକୁ ଆଣି ଅଧିକ ତଦନ୍ତ କରୁଛି।

# ଆରପଟାରେ ଦନ୍ତା ଆତଙ୍କ

କୁଆମରା, ୩୦।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଧାଇଁଡିଆ ସଂରକ୍ଷିତ ଜଙ୍ଗଲକୁ ଏକ ଦନ୍ତା ପଶି ଆସି ବୁଧବାର ସକାଳେ ଆରପଟା ଅଞ୍ଚଳରେ ଆତଙ୍କ ଖେଳାଇଥିଲା। ଲୋକେ ଘଉଡାଇବା ପାଇଁ ଉଦ୍ୟମ କରିବାରୁ ଦନ୍ତା ନୀଳଗିରିମୁହାଁ ହୋଇ ପୁଣି କିଛି ଦୂର ଯାଇ ଦିଗ ପରିବର୍ତ୍ତନ କରିଥିଲା। ଆରପଟା ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଦନ୍ତା ପଶି ସେଠାରେ ଥିବା ଏକ ଦୋକାନ ଭାଙ୍ଗି ଭିତରେ ଥିବା ଗ୍ଲୁକୋଜ ଓ ବିସ୍କୁଟ ସହ ଅନ୍ୟାନ୍ୟ ଖାଦ୍ୟପଦାର୍ଥ ଖାଇଯାଇଥିଲା। ତେବେ ଉଦଳା ଓ କୁଆମରା ବନବିଭାଗ କର୍ମଚାରୀମାନେ ପହଞ୍ଚି ଗ୍ରାମ ଲୋକଙ୍କ ସହାୟତାରେ ଦନ୍ତାକୁ ଘଉଡାଇବାରୁ ସେ ବଡସାହି ବ୍ଲକ କାନପୁର ଜଙ୍ଗଲକୁ ପଳାଇଯାଇଥିଲା। ବନ ବିଭାଗ ତାହା ଉପରେ ନଜର ରଖିଛି।

# ବଢୁଛି ଟ୍ରାଫିକ ସମସ୍ୟା



ଯୋଡ଼ା,୩୦।୬(ଡି.ଏନ.ଏ.)

ଯୋଡ଼ା-ବଡ଼ବିଲ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି। ୫୨୦ ନଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ୭୦ପ୍ରତିଶତ ସରିଥିଲେ ହେଁ ବିଶୃଙ୍ଖଳିତ ଟ୍ରକ୍ ଚଳାଚଳ ପାଇଁ ଜାମ ହେଉଛି। ଏହା ଏକ ପ୍ରମୁଖ ସମସ୍ୟା ହୋଇଥିଲେ ପ୍ରଶାସନ ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହେଉଛି। ନାରଦପୁର, ଭଦ୍ରାସାହି, ରିମୁଳି ପ୍ରଭୃତି ସ୍ଥାନରେ ଟ୍ରକ୍‌ଗୁଡ଼ିକ ବେପରୁଆ ଭାବେ ରାସ୍ତାର ଉଭୟ ପାର୍ଶ୍ୱରେ ପାର୍କିଂ କରୁଥିବାରୁ ଏହି ସମସ୍ୟା ଉପୁଜିଛି । ଆନ୍ତଃରାଜ୍ୟ ଟ୍ରକ୍ ଡ୍ରାଇଭର ମଙ୍ଗଲ ହାଁସଦା, ରୂପେସ ଯାଦବ ପ୍ରମୁଖ କହିଛନ୍ତି, ରାସ୍ତାରେ ଡ଼ାଇଭର୍ସନ ସୂଚନା ଠିକଭାବେ ମିଳୁ ନ ଥିବାରୁ ସେମାନେ ଠିକ୍ ଭାବେ ଗାଡ଼ି ଚଳାଇ ପାରୁ ନାହାନ୍ତି। କେତେକ ପୋଲିସ କର୍ମଚାରୀ ଓ ଘରୋଇ ସୁରକ୍ଷାକର୍ମୀ ଗାଡ଼ି ଅଟକାଇ ସେମାନଙ୍କ ଠାରୁ ଚାଲାଣ କାଗଜ ନେଇ ଟଙ୍କା ଦାବି କରୁଛନ୍ତି। ଏ ନେଇ ବଡ଼ବିଲ ଆଇଆଇସି ସୁଶାନ୍ତ ଦାସ କହିଛନ୍ତି, କେତେକ ଘରୋଇ ସୁରକ୍ଷାକର୍ମୀଙ୍କ ବିଷୟରେ ଅଭିଯୋଗ ହୋଇଥିଲା ସେନେଇ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଛି।

# 'ହିତାଧିକାରୀ ଚିହ୍ନଟରେ ଗଣମାଧ୍ୟମର ଭୂମିକା ରହୁ'

ଭଣ୍ଡାରିପୋଖରୀ, ୩୦।୬ (ଡି.ଏନ.ଏ)

ବିଭିନ୍ନ ସରକାରୀ ଯୋଜନାରେ ପ୍ରକୃତ ହିତାଧିକାରୀ ଚିହ୍ନଟ ପାଇଁ ଖବରଦାତାଙ୍କ ସହଯୋଗ ଆବଶ୍ୟକ ବୋଲି ଭଣ୍ଡାରିପୋଖରୀ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅନିୟମିତତା ହୋଇଥିବା ଖବରଦାତାଙ୍କ ନଜରକୁ ଆସିଲେ ଗଣମାଧ୍ୟମରେ ଖବର ପ୍ରକାଶ କରି ପ୍ରଶାସନ ତ୍ରୁଟି ସୁଧାରିବାକୁ ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଲିପୋଖରୀ ପଞ୍ଚାୟତ ଜଗନ୍ନାଥପ୍ରସାଦ ବାଲି ସଇରାଳ ନିଲାମ ବାତିଲ ପାଇଁ ହେବାକୁ ଥିବା ଆନ୍ଦୋଳନରେ ବିଜେଡି ସାମିଲ ହେବ ନାହିଁ। କୌଣସି ଦଳୀୟ ନେତା ଓ କର୍ମୀ ଆନ୍ଦୋଳନରେ ଯୋଗଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଜିଲା ପରିଷଦ ସଦସ୍ୟ ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଉତ୍କଳ କେଶରୀ ମହାନ୍ତି, ଲଳିତ କୁମାର ରାଉତ, ଗଗନ ସେଠୀ, ସତ୍ୟାନନ୍ଦ ମହାପାତ୍ର, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଛେଦ ବନ୍ଦ ଲାଗି ଦାବିପତ୍ର

କେନ୍ଦୁଝର, ୩୦।୬(ସ୍ୱ.ପ୍ର.)

କାନପୁର ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ମୁରୁସୁଆଁ ଗ୍ରାମର ବିସ୍ଥାପିତ ପରିବାରକୁ ଉଚ୍ଛେଦ ପାଇଁ ଅବଧି ବୃଦ୍ଧି କରିବାକୁ ସ୍ଥାନୀୟ ଲୋକ ଜିଲାପାଳଙ୍କୁ ଲିଖିତ ଦାବି ଜଣାଇଛନ୍ତି । ଆସନ୍ତା ୭ ତାରିଖରେ ସେମାନଙ୍କୁ ଉଚ୍ଛେଦ ପାଇଁ ନୋଟିସ ଦିଆଯାଇଥିଲା। ଅଦ୍ୟାବଧି ସେମାନେ କ୍ଷତିପୂରଣ ପାଇ ନ ଥିବା ଏବଂ ଲକ୍‌ଡାଉନ ଓ ଶଟ୍‌ଡାଉନ କାରଣରୁ ଘର ନିର୍ମାଣ କାର୍ଯ୍ୟ ସରି ନାହିଁ। ଏଣୁ ସେମାନଙ୍କୁ ୬ମାସ ସମୟ ଦେଲେ ଘର ନିର୍ମାଣ କରି ଯାଇପାରିବେ ବୋଲି କହିଛନ୍ତି।

# ରୁଟୁକା ଛତୁର ଚାହିଦା ଅଧିକ

ଦୀପକ ମିଶ୍ର

କେନ୍ଦୁଝର ୩୦।୬

ବର୍ଷା ଦିନେ ରୁଟୁକା ଛତୁରେ ଚାହିଦା କାହିଁରେ କ'ଣ। ରୁଟୁକା ଛତୁକୁ ତରକାରୀ, ଭଜା, ସୋରିଷ ବେସର ଦେଇ କଲେ ବହୁତ ସ୍ୱାଦିଷ୍ଟ ହୋଇଥାଏ। ଏହାର ବାସ୍ନା ମଧ ନିଆରା। କେନ୍ଦୁଝରରେ ମଧ ରୁଟୁକା ଛତୁର ଚାହିଦା ଅଧିକ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ରୁଟୁକା ଛତୁର ଦାମ୍ ମଧ ବହୁତ ଅଧିକ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ରହୁଛି। ମାଛ ମାଂସ ଦରଠାରୁ ମଧ୍ୟ ଅଧିକ ରେଟରେ ବିକ୍ରି ହେଉଥିବାରୁ ଖାଉଟିମାନେ ରୁଟୁକା ଛତୁ ପ୍ରତି ବିମୁଖ ହେଉଛନ୍ତି। ସାଧାରଣତଃ ବର୍ଷା ଦିନ ଆସିଲେ ବିଭିନ୍ନ ପ୍ରକାର ଛତୁ ମାଟିରେ ବାହାରିଥାଏ। ସେଥିମଧ୍ୟରୁ ବିହୁଡୁଣୀ ଛତୁ, ବଡ ଓ ସାନ ବାଲି ଛତୁ, ମଣ୍ଡା ଛତୁ, ରୁଟୁକା ଛତୁ ପ୍ରଭୃତି ଅନ୍ୟତମ। ତେବେ ବର୍ତ୍ତମାନ ରୁଟୁକା ଛତୁ ବଜାରକୁ ଆସିଥାଏ। ଏଠାରେ ପ୍ରକାଶ ଯୋଗ୍ୟ ଯେ, ବର୍ଷା ହେଲା ପରେ ଖରା ହେବା ଯୋଗୁଁ ମାଟି ଗରମ ହୋଇ ରୁଟୁକା ଛତୁ ବାହାରିଥାଏ ବୋଲି ସଦର ବ୍ଲକ ନୂଆଗାଁ ଅଞ୍ଚଳର ଛତୁ ବ୍ୟବସାୟୀ ଜୟଦେବ ପାତ୍ର ପ୍ରକାଶ କରିଛନ୍ତି। ଅଧିକ ଦର ସମ୍ପର୍କରେ ପଚାରିବାରୁ ବିଗତବର୍ଷମାନଙ୍କ ଭଳି ରୁଟୁକା ଛତୁ ଏବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ବେଶୀ ଆସୁନଥିବାରୁ କିଲୋ ପ୍ରତି ୪୦୦ ଟଙ୍କାରେ ବିକ୍ରି ହେଉଛି ବୋଲି ସେ କହିଛନ୍ତି। ଏହାର କିଲୋ ଅଧିକ ରହୁଥିବାରୁ ଏହି ଛତୁକୁ କିଣିବାକୁ ଲୋକେ କୁଣ୍ଠାବୋଧ କରିଛନ୍ତି।



ବଜାରରେ ବିକ୍ରି ପାଇଁ ରହିଥିବା ଛତୁ।

# ତହସିଲ ପକ୍ଷରୁ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର, ୩୦।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ମଣ୍ଡଳରେ ଥିବା ହାତୀଗଡ ଉଚ୍ଚ ବିଦ୍ୟାଳୟରେ ବୁଧବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଜଳେଶ୍ୱର ତହସିଲ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବୁଧବାର ତହସିଲଦାର ଶଙ୍କର ପଟ୍ଟନାୟକ ଯୋଗଦେଇ ଶିକ୍ଷକମାନଙ୍କୁ ସୂଚନା ଦେଇଥିଲେ। ସୁପରଭାଇଜର ଶୁଭେନ୍ଦୁ ସାହୁ ଓ କର୍ମଚାରୀ ରଜତ କାନ୍ତି ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଇବଣିଆ ଓଷ୍ଟା ସମ୍ପାଦକ ବଂଶୀଧର ବାରିକ ସ୍ୱାଗତ କରିଥିବା ବେଳେ ହରମୋହନ ମହାନ୍ତି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ହିମାଂଶୁ ଘୋଷ ଓ ଦିବାକର ହାଁସଦାଙ୍କ ସହ ଜତୀନ୍ଦ୍ର ଭାଟ, ସୁବ୍ରତ ମହାନ୍ତି ଓ ରାମଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

## ବିଶ୍ୱ ବ୍ୟାଙ୍କ ଦେବ ୩୭୧୭ କୋଟିର ଋଣ

ମହାମାରୀ ଯୋଗୁ ଘରୋଇ ବଜାର ସଙ୍କଟ ଦେଇ ଗତି କରୁଛି। ଦେଶର ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଶ୍ରେଣୀଙ୍କୁ ସହାୟତା କରିବା ଲାଗି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଭାରତ ଲାଗି ୫୦୦ ନିୟୁତ ଡଲାର ( ପ୍ରାୟ ୩୭୧୭ କୋଟ ଟଙ୍କା)ର ଋଣ ସହାୟତା କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ମହାମାରୀ ସମୟରେ ସଙ୍କଟ ଦେଇ ଗତି କରୁଥିବା ବିଭିନ୍ନ ରାଜ୍ୟକୁ ଏହି ସହାୟତା ଯୋଗାଇ ଦିଆଯିବ। ବିଭିନ୍ନ କାର୍ଯ୍ୟକ୍ରମରେ ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କ ଲାଗି ଏହା ଖର୍ଚ୍ଚ ହେବ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି।

### ସଂକ୍ଷେପରେ

## ନିବେଶକଙ୍କ ସମ୍ପତ୍ତି ୨୫.୪୬ ଲକ୍ଷ କୋଟି ବୃଦ୍ଧି

ମୁମ୍ବାଇ,୩୦।୬: ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ପୁଞ୍ଜିବଜାର ନିବେଶକଙ୍କ ସମ୍ପତ୍ତି ୨୫.୪୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ପୁଞ୍ଜିବଜାରରକୁ ନେଇ ନିବେଶକଙ୍କ ଆଶା ସକାରାତ୍ମକ ରହିବା ଯୋଗୁ ବଜାର ଉର୍ଦ୍ଧ୍ୱଗାମୀ ରହିଛି। ଚଳିତ ଆର୍ଥିକ ବର୍ଷରେ ବିଏସ୍‌ଇ ଅଦ୍ୟାବଧି ୨୯୭୩.୫୬ ପଏଣ୍ଟ ବା ୬% ବଢ଼ିଛି। ବମ୍ବେ ଷ୍ଟକ୍ ବଜାରର ସୂଚକାଙ୍କ ବା ସେନ୍‌ସେକ୍ସ ଜୁନ ୨୮ରେ ସର୍ବକାଳୀନ ରେକର୍ଡ ସ୍ତର ୫୩,୧୨୬.୭୩ ପଏଣ୍ଟ ସ୍ତର ଛୁଇଁଥିଲା।

## ଆଜିଓ ଆଣିଲା ବିଗ୍ ବୋଲ୍ଡ ସେଲ୍

ମୁମ୍ବାଇ,୩୦।୬: ପ୍ରମୁଖ ଅନ୍‌ଲାଇନ ଫ୍ୟାଶନ ଇ-ରିଟେଲର ଆଜିଓ ବିଗ୍ ବୋଲ୍ଡ ସେଲ୍ ସମ୍ପର୍କରେ ଘୋଷଣା କରିଛି। ଏହା ଜୁଲାଇ୧ରୁ ୫ ଯାଏ ଚାଲିବ। ଏହି ସମୟରେ ଗ୍ରାହକ ୫୦ରୁ ୯୦% ଅଫ୍ ଲାଭ କରିପାରିବେ। ୨୫୦୦ରୁ ଊର୍ଦ୍ଧ୍ୱ ବ୍ରାଣ୍ଡରେ ୬ ଲକ୍ଷରୁ ଅଧିକ ଷ୍ଟାଇଲ ଗ୍ରାହକ ଏଥିରେ ପାଇପାରିବେ। ନାଇକ, ପୁମା, ଆଡିଡାସ, ଲିଭାଇସ, ୟୁନାଇଟେଡ୍ କଲର ଅଫ୍ ବେନେଟନ ଭଳି ଅନ୍ୟ ପ୍ରମୁଖ ବ୍ରାଣ୍ଡଗୁଡ଼ିକରେ ରିହାତି, ସ୍ୱତନ୍ତ୍ର ଡିଲ୍ ଏବଂ ରିୱାର୍ଡ ପଏଣ୍ଟ ଗ୍ରାହକ ଲାଭ କରିପାରିବେ।

## କୋର୍ ସେକ୍ଟର ୧୬.୮% ବୃଦ୍ଧି

ମୁମ୍ବାଇ,୩୦।୬: ଦେଶର ୮ କୋର୍ ସେକ୍ଟର ମେ ମାସରେ ୧୬.୮% ବୃଦ୍ଧି ପାଇଛି। କରୋନା ଯୋଗୁ ବଜାର ପ୍ରଭାବିତ ରହିବା କାରଣରୁ ଗତ ବର୍ଷ ଏପ୍ରିଲରେ କୋର୍ ସେକ୍ଟର କ୍ଷତିଗ୍ରସ୍ତ ହୋଇଥିଲା। ସେହି ତୁଳନାରେ ଚଳିତ ବର୍ଷ ଏପ୍ରିଲରେ ଏହା ୬୦.୯% ଉର୍ଦ୍ଧ୍ୱରେ ରହିଥିଲା। ଲୋବେସ୍ ଇଫେକ୍ଟ କଥା ବିଚାରକଲେ ମେ ମାସରେ କୋର୍ ସେକ୍ଟର ୩.୭୫% ହ୍ରାସ ହୋଇଛି। ଗତ ବର୍ଷ ତୁଳନାରେ ଏପ୍ରିଲ ମେ ଅବଧିରେ ଏହା ୩୫.୮% ବଢ଼ିଛି। ଦେଶର ମୋଟ ଶିଳ୍ପ କ୍ଷେତ୍ର ଉତ୍ପାଦନରେ କୋର୍ ସେକ୍ଟରର ଯୋଗୁ ୨ ପଞ୍ଚମାଂଶ ରହିଛି। ସାର ଏବଂ ଅଶୋଧିତ ତୈଳକୁ ଛାଡ଼ିଦେଲେ ଅନ୍ୟ ସବୁ କ୍ଷେତ୍ରଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି।

## ଜିଏସ୍‌ଟିର ୪ର୍ଥ ପୂର୍ତ୍ତି
# ରାସ୍ତା ଏବେ ବି ଆହ୍ୱାନପୂର୍ଣ୍ଣ

**ନୂଆଦିଲ୍ଲୀ,୩୦।୬: ପରୋକ୍ଷ ଟିକସ ବ୍ୟବସ୍ଥାରେ ଐତିହାସିକ ସୁଧାର କୁହାଯାଉଥିବା ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କାର୍ଯ୍ୟକାରୀ ହେବାର ୪ର୍ଥ ବର୍ଷ ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ୨୦୧୭ ଜୁଲାଇ ପହିଲାରେ ଏହି ନୂଆ ଟିକସ ବ୍ୟବସ୍ଥା ଲାଗୁ କରାଇଥିଲେ। ଜିଏସ୍‌ଟିର ୪ର୍ଥ ବର୍ଷ ପୂର୍ତ୍ତି ପାଳନ ହେଉଥିବା ବେଳେ ଏହା ସାମ୍ନାରେ ରାସ୍ତା ବର୍ତ୍ତମାନ ବି ଆହ୍ୱାନପୂର୍ଣ୍ଣ ରହିଛି।**




୫ ପ୍ରମୁଖ ଲକ୍ଷ୍ୟ ନେଇ ଜିଏସ୍‌ଟି କାର୍ଯ୍ୟକାରୀ କରାଯାଇଥିଲା। ଦରଦାମ ବୃଦ୍ଧି ଉପରେ ଲଗାମ, ଅନୁପାଳନ ବୋଝ କମ୍ କରିବା, ଟିକସ ଚୋରି ରୋକିବା, ଜିଡିପି ଅଭିବୃଦ୍ଧିରେ ବୃଦ୍ଧି ଏବଂ ଟିକସ ସଂଗ୍ରହ ବଢାଇବା ଲକ୍ଷ୍ୟ ରହିଥିଲା। ମାତ୍ର ଏହି ପ୍ରମୁଖ ଦିଗଗୁଡ଼ିକୁ ବିଚାର କଲେ ସରକାରଙ୍କ ସାମ୍ନାରେ ଅନେକ ଆହ୍ୱାନ ରହିଛି। ସମ୍ପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବାକୁ ସରକାର ଏଯାଏ ସକ୍ଷମ ହୋଇନାହାନ୍ତି। ଦରଦାମ ଉପରେ ସାମାନ୍ୟ ଆଶ୍ୱସ୍ତି ମିଳିଥିବା ବେଳେ ଲକ୍ଷ୍ୟ ସମ୍ପୂର୍ଣ୍ଣ ଦୂରରେ ରହିଛି। ସେହିଭଳି ଜିଏସ୍‌ଟି ଠକେଇ ଉପରେ ଲଗାମ ଲାଗିପାରିନାହିଁ।

**ଜିଡିପିକୁ ଝଟକା**

ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ଜିଡିପି ୨% ବଢ଼ିବ ବୋଲି କୁହାଯାଇଥିଲା। ଆର୍ଥିକ ବର୍ଷ ୨୦୨୦-୨୧ରେ ଜିଡିପି -୭.୩% ରହିଛି। ୨୦୧୯-୨୦ରେ ଜିଡିପି ୪.୨% ଥିଲା। ସେହିଭଳି ୨୦୧୭-୧୮ରେ ୭.୨% ଏବଂ ୨୦୧୮-୧୯ରେ ଜିଡିପି ୬.୮% ସ୍ତରରେ ରହିଥିଲା।

**ଟିକସ ସଂଗ୍ରହ ଲକ୍ଷ୍ୟଠାରୁ ପଛରେ**

ଜିଏସ୍‌ଟି କାର୍ଯ୍ୟକାରୀ ହେବା ସମୟରେ ପ୍ରତି ମାସରେ ୧.୫ ଲକ୍ଷ ଟଙ୍କାର ଟିକସ ସଂଗ୍ରହ ହେବ ବୋଲି ଆଶା କରାଯାଇଥିଲା। ଅଦ୍ୟାବଧି ଏହି ଲକ୍ଷ୍ୟ ବର୍ତ୍ତମାନ ଯାଏ ପୂରଣ ହୋଇପାରିନାହିଁ। ଲକ୍ଷ୍ୟ ହାସଲ କରିବାକୁ ଅନେକ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହା ହାସଲ ହୋଇପାରିନାହିଁ।

**ଟେକ୍ନୋଲୋଜି ସମସ୍ୟା**

ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରଠାରୁ ଟେକ୍ନୋଲୋଜି ସମସ୍ୟା ଭାବେ ଉଭା ହୋଇଛି। ବର୍ତ୍ତମାନ ମଧ୍ୟ ଏହାକୁ ନେଇ ଲୋକମାନେ ସମ୍ପୂର୍ଣ୍ଣ ଭାବେ ଆଶ୍ୱସ୍ତି ଲାଭ କରିବାକୁ ସକ୍ଷମ ହୋଇନାହାନ୍ତି। ଏହାକୁ ଆହୁରି ସରଳକରିବା ଲାଗି ଆଗାମୀ ଦିନରେ ମଧ୍ୟ ସରକାର କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଏହା ହେଲେ ଯାଇ ଯେଉଁ ଲକ୍ଷ୍ୟ ନେଇ ଜିଏସ୍‌ଟି କାର୍ଯ୍ୟକାରୀ କରାଯାଇଥିଲା ତାହା ପୂରଣ ହୋଇପାରିବ।

**ଟିକସ ସୁଧାର ଆଶା**

ଗତ ୪ ବର୍ଷରେ ଜିଏସ୍‌ଟି ଅନେକ ଉତ୍ଥାନ ପତନ ଦେଇ ଗତି କରିଛି। କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଲାଗୁ ହୋଇଥିବା ପ୍ରାୟ ୧୭ ଟିକସ ଏହା ମଧ୍ୟରେ ବିଲୀନ ହୋଇଛି। ଫଳରେ ସାରା ଦେଶରେ ଏକ ପ୍ରକାର ଟିକସ ପରୋକ୍ଷ ବ୍ୟବସ୍ଥା ଲାଗୁ ହୋଇପାରିଛି। ପୂର୍ବରୁ ଭାଟ୍ ଭାବେ ୧୪.୫%, ଉତ୍ପାଦ ଶୁଳ୍କ ଭାବେ ୧୨.୫% ଦେବାକୁ ପଡୁଥିବା। ଏହାବାଦ ଅନ୍ୟାନ୍ୟ ଟିକସ ମଧ୍ୟ ରହିଥିଲା।

## ୬୬ କୋଟି ରିଟର୍ନ ଫାଇଲ୍

ଗତ ୪ ବର୍ଷମଧ୍ୟରେ ସାମଗ୍ରୀ ଓ ସେବା ଟିକସ ବ୍ୟବସ୍ଥା(ଜିଏସ୍‌ଟି)ରେ ୬୬ କୋଟି ରିଟର୍ନ ଫାଇଲ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ମନ୍ତ୍ରଣାଳୟ କହିଛି, ନୂଆ ପରୋକ୍ଷ ଟିକସ ବ୍ୟବସ୍ଥା ଯୋଗୁ ଟିକସ ହାର କମିବା ସହ ଅନୁପାଳନ ବଢ଼ିଛି। ପରୋକ୍ଷ ଟିକସ ବ୍ୟବସ୍ଥାରେ ଆଞ୍ଚଳିକ ସ୍ତରର ୧୭ ପ୍ରକାର ଟିକସ ଏବଂ ୧୩ ସେସ୍ ବିଲୀନ ହୋଇଛି। ମନ୍ତ୍ରଣାଳୟ ସିରିଜ ଟୁଇଟରେ କହିଛି, ଅନୁପାଳନକୁ ସରଳୀକରଣ କରିବା ଏବଂ କୋଭିଡ୍ ସମୟରେ ବିଜ୍‌ନେସକୁ ସୁବିଧା ହେବା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବାର୍ଷିକ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ବିଜ୍‌ନେସଗୁଡ଼ିକୁ ଟିକସ ଛାଡ଼ କରାଯାଇଛି। ୧.୫ କୋଟି ଟଙ୍କାର କାରବାର ଥିବା ବିଜ୍‌ନେସ କମ୍ପୋଜିଶନ ସ୍କିମ୍ ଚୟନ କରିବା ସହ ମାତ୍ର ୧% ଟିକସ ଦେଇପାରିବେ। ସେବା କ୍ଷେତ୍ରରେ ବାର୍ଷିକ ୨୦ ଲକ୍ଷ ଟଙ୍କାର କାରବାର କରୁଥିବା ବିଜ୍‌ନେସକୁ ଜିଏସ୍‌ଟି ପରିସରରୁ ବାଦ୍ ଦିଆଯାଇଛି। ୫୦ ଲକ୍ଷ ଟଙ୍କାର କାରବାର ଥିବା ଯୋଗାଣକାରୀ କମ୍ପୋଜିଶନ ସ୍କିମ୍ ଚୟନ କରି ୬% ଟିକସ ଦେଇପାରିବେ। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୧.୩ କୋଟି ଟିକସଦାତା ଜିଏସ୍‌ଟି ବ୍ୟବସ୍ଥାରେ ପଞ୍ଜୀକୃତ ହୋଇଛନ୍ତି। ଜିଏସ୍‌ଟି ବ୍ୟବସ୍ଥାରେ ବିତ୍ତୀୟ ସଂଘୀୟବାଦକୁ ଗୁରୁତ୍ୱ ଦିଆଯାଉଛି। ସେହିଭଳି ଅର୍ଥମନ୍ତ୍ରଣାଳୟ ୫୪,୪୩୯ ଟିକସଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛି।

"ଜିଏସ୍‌ଟି ଆସିବା ପରେ ଦୈନନ୍ଦିନ ଜୀବନରେ ଅନେକ ସାମଗ୍ରୀ ଉପରେ ଲାଗୁ ହେଉଥିବା ଟିକସ ହାରରେ ପରିବର୍ତ୍ତନ ଦେଖାଯାଇଛି। ଦେଶର ଅର୍ଥନୈତିକ ଦୃଶ୍ୟପଟରେ ଜିଏସ୍‌ଟି ଏକ ବିରାଟ ମାଇଲଖୁଣ୍ଟ। ଜିଏସ୍‌ଟି ଯୋଗୁ ଟିକସ ସଂଖ୍ୟା ହ୍ରାସ, ଅନୁପାଳନ ବୋଝ ଲାଘବ ଏବଂ ସାଧାରଣ ଲୋକଙ୍କ ଉପରେ ଟିକସ ବୋଝ କମିଥିବା ବେଳେ ଟିକସ ସଂଗ୍ରହ ଉନ୍ନତି ହୋଇଛି।

\- **ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



"ଟିକସ ହାର କମିବା ଯୋଗୁ ଲୋକମାନେ ଟିକସ ପ୍ରଦାନ ଦିଗରେ ଯୋଗଦାନ ରଖୁଛନ୍ତି। ପୂର୍ବ ତୁଳନାରେ ଲୋକଙ୍କୁ ବର୍ତ୍ତମାନ ୧୧% ଟିକସ ଦେବାକୁ ପଡୁଛି। ଟିକସ ଟେକ୍ନୋଲୋଜି ଭିତ୍ତିକ ହୋଇଥିବାରୁ ଭାରତ ବର୍ତ୍ତମାନ ଏକକ ବଜାର ହୋଇପାରିଛି।

\- **ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ**



## ନୂଆ ପ୍ୟାକେଜକୁ କ୍ୟାବିନେଟ ମଞ୍ଜୁରୀ

ମୁମ୍ବାଇ,୩୦।୬

କୋଭିଡ୍-୧୯ ଲାଗି ୬.୩୦ ଲକ୍ଷ କୋଟିର ପ୍ୟାକେଜକୁ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ଦକ୍ଷତା ବୃଦ୍ଧି ଲାଗି ୩.୦୩ ଲକ୍ଷ କୋଟିର ଯୋଜନାକୁ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ସେହିଭଳି ଆତ୍ମନିର୍ଭର ଭାରତ ରୋଜଗାର ଯୋଜନାର ସମ୍ପ୍ରସାରଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହାବାଦ ୧୬ ରାଜ୍ୟରେ ଭାରତ ନେଟ୍ ପ୍ରକଳ୍ପ ପାଇଁ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ବାବଦ ୧୯,୦୧୪ କୋଟି ଟଙ୍କା ପ୍ରଦାନ, ସ୍ୱାସ୍ଥ୍ୟ ସଂକ୍ରାନ୍ତ ଗବେଷଣା ଲାଗି ନେପାଳ ସହ ଚୁକ୍ତି ଭଳି ଅନ୍ୟ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟର ସବୁଜ ସଙ୍କେତ ମିଳିଛି।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୭୩.୮%

ଭୁବନେଶ୍ୱର,୩୦।୬

ଦେଶର ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଖାଉଟି ମୂଲ୍ୟସୂଚୀ ପ୍ରକାଶ ପାଇଛି। ୨୦୨୧ ଏପ୍ରିଲ ରେ ଏହା ୧୨୦.୧ ପଏଣ୍ଟ ରହିଥିଲା, ଯାହା ୨୦୨୧ ମେ'ରେ ୦.୫ ପଏଣ୍ଟ ବଢ଼ି ୧୨୦.୬ ପଏଣ୍ଟରେ ପହଞ୍ଚିଛି। ତାଳଚେର ଓ ଅନୁଗୋଳରେ ମଧ୍ୟ ଏହା ୧୨୭.୩ ପଏଣ୍ଟରେ ରହିଥିବା ବେଳେ ମେ'ରେ ଏହା ୧.୪ ପଏଣ୍ଟ ବୃଦ୍ଧି ଘଟି ୧୨୮.୭ ପଏଣ୍ଟ ହୋଇଛି। କଟକରେ ଏହା ୧୨୭ ପଏଣ୍ଟରେ ଥିଲା ବେଳେ ବର୍ତ୍ତମାନ ଏହା ୦.୫ ପଏଣ୍ଟ ବଢ଼ି ମେ'ରେ ୧୨୭.୫ ପଏଣ୍ଟରେ ରହିଛି। ଅନ୍ୟପକ୍ଷରେ କେନ୍ଦୁଝରରେ ମଧ୍ୟ ଏହା ୧୨୫.୫ ପଏଣ୍ଟରେ ରହିଥିଲା। ମେ'ରେ ଏହା ୧.୩ ପଏଣ୍ଟ ବଢ଼ି ୧୨୬.୮ ପଏଣ୍ଟକୁ ଛୁଇଁଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ମଚାରୀମାନେ ବର୍ତ୍ତମାନ ୧୭୦.୫୩% ଭତ୍ତା ପାଉଛନ୍ତି। ବର୍ତ୍ତମାନ ସମୟରେ ଏହା ୩.୨୭% ବୃଦ୍ଧି ପାଇ ୧୭୩.୮% ରେ ରହିଥିବା ସୂଚନା ମିଳିଛି। ଏହା ଜୁଲାଇ ପହିଲାରୁ ସେମାନଙ୍କୁ ଦିଆଯିବ । ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୧୭% ଭତ୍ତା ପାଉଛନ୍ତି। ଏବେ ଏହା ୧୪% ବୃଦ୍ଧି ପାଇଛି। ଏହି ବୃଦ୍ଧି ରାଶି ସେମାନଙ୍କୁ ୨୦୨୦ ଜାନୁୟାରୀରେ ଯଥାକ୍ରମେ ୪%, ୨୦୨୦ ଜୁଲାଇରୁ ୩% ଏବଂ ୨୦୨୧ ଜାନୁୟାରୀରେ ୪% ଏବଂ ଅବଶିଷ୍ଟ ୩% ଜୁଲାଇ ୨୦୨୧ରେ ମିଳିବ । ସେହିପରି ବ୍ୟାଙ୍କ ଓ ବୀମା କର୍ମଚାରୀମାନେ ସେମାନଙ୍କର ବର୍ଦ୍ଧିତ ଭତ୍ତା ଅଗଷ୍ଟ ପହିଲାରୁ ପାଇବେ ବୋଲି କୁହାଯାଇଛି।

### ଅନ୍ୟ ଖବର

# ପରଲୋକରେ ରାଜ କୌଶଲ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ମନ୍ଦିରା ବେଦୀଙ୍କ ସ୍ୱାମୀ ତଥା ଚଳଚ୍ଚିତ୍ର ନିର୍ମାତା ରାଜ କୌଶଲଙ୍କ ବୁଧବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୪୯ ବର୍ଷ ହୋଇଥିଲା। ଘରେ ଥିବାବେଳେ ସକାଳ ପ୍ରାୟ ୪ଟା ୩୦ରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ପରିବାର ଲୋକେ ରାଜଙ୍କୁ ମେଡିକାଲ ନେବା ପୂର୍ବରୁ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ରାଜ କୌଶଲଙ୍କ ମୃତ୍ୟୁ ବାବଦରେ ଫିଲ୍ମ ନିର୍ମାତା ଓନେର ଟୁଇଟ୍ କରିଥିଲେ। 'ଖୁବ୍‌ଶୀଘ୍ର ଚାଲିଗଲ। ଆମେ ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ ରାଜ କୌଶଲଙ୍କୁ ହରାଇଲୁ। ମୋ ପ୍ରଥମ ଫିଲ୍ମ 'ମାଇ ବ୍ରଦର ନିଖିଲ'ର ପ୍ରଯୋଜକ ରାଜ ଖୁବ୍ କମ୍ ଲୋକଙ୍କ ମଧ୍ୟରୁ ଜଣେ ଥିଲେ ଯେ, ଆମ ଲକ୍ଷ୍ୟକୁ ବୁଝିବା ସହ ସହଯୋଗ କରିଆସୁଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ହେଉ' ବୋଲି ସେ ଟୁଇଟ୍‌ରେ ଲେଖିଥିଲେ। ସ୍ତ୍ରୀ ମନ୍ଦିରାଙ୍କ ସମେତ ତାଙ୍କର ଜଣେ ପୁଅ ବୀର ଏବଂ ଝିଅ ତାରା ଅଛନ୍ତି। ରାଜଙ୍କ ପାର୍ଥିବ ଶରୀରକୁ ମୁମ୍ବାଇର ଦାଦରସ୍ଥିତ ଶିବାଜୀ ପାର୍କକୁ ନିଆଯାଇ ଅପରାହ୍ନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସକାଳବେଳେ ବହୁ ସେଲିବ୍ରିଟି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ପରଲୋକରେ ବଲିଉଡ୍ ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳି ଯାଇଛି। ଅନୁପମ୍ ଖେର, ବୋମନ ଇରାନି, ମନୋଜ ବାଜପେୟୀ, ମାଧବାନ୍, ଅର୍ଶଦ ୱାର୍‌ସି, ରୋନି ସ୍କ୍ରୁୱାଲା, ସୁଧୀର ମିଶ୍ର, ନେହା ଧୁପିଆ,ଭିକି କୌଶଲ, ହଁସଲ ମେହତାଙ୍କ ସମେତ ଆଗଧାଡ଼ିର ବହୁ କଳାକାର ଶୋକବ୍ୟକ୍ତ କରିଛନ୍ତି।

ରାଜ କୌଶଲ ୧୯୮୯ରେ କପି-ରାଇଟର ଭାବେ ପ୍ରଥମେ ବଲିଉଡ୍‌ରେ କାମ ଆରମ୍ଭ କରିଥିଲେ। ପରେ ମୁକୁଲ ଆନନ୍ଦଙ୍କ ସହ ସହକାରୀ ନିର୍ଦ୍ଦେଶକ ରହିଥିଲେ। ୧୯୯୯ରେ ସେ ମନ୍ଦିରା ବେଦୀଙ୍କୁ ବିବାହ କରିଥିଲେ। ୨୦୧୧ରେ ଉଭୟଙ୍କ ପୁତ୍ର ସନ୍ତାନ ହୋଇଥିଲା। ଗତବର୍ଷ ଜୁଲାଇରେ ଝିଅ ତାରା(୪)କୁ ଉଭୟେ ପୋଷ୍ୟ ଗ୍ରହଣ କରିଥିଲେ। ସ୍ୱର୍ଗତ କୌଶଲ ନିଜର ବିଜ୍ଞାପନ-ପ୍ରଡକ୍ସନ କମ୍ପାନୀ କରି ୮ ଶହରୁ ଅଧିକ କମର୍ସିଆଲ ନିର୍ମାଣ କରିଛନ୍ତି। ଶେଷ ଥର ପାଇଁ ଭିକି କୌଶଲଙ୍କ ସହ ସେ ଏକ ବିଜ୍ଞାପନର ନିର୍ଦ୍ଦେଶନା ଦେଇଥିଲେ। ୨୦୦୫ରେ ଓନେରଙ୍କ ସହ ମିଶି 'ମାଇ ବ୍ରଦର.. ନିଖିଲ'ର ପ୍ରଯୋଜନା ଦାୟିତ୍ୱ ତୁଲାଇଥିଲେ। ଶେଷଥର ପାଇଁ ୨୦୦୬ରେ ଅର୍ଶଦ ୱାର୍‌ସିଙ୍କ ଅଭିନୀତ 'ଆନ୍ଥୋନୀ କୌନ ହୈ'ର ନିର୍ଦ୍ଦେଶନା ଦେଇଥିଲେ ରାଜ କୌଶଲ। ଏଥିସହ ୧୯୯୯ରେ 'ପ୍ୟାର୍ ମେ କଭି କଭି', ୨୦୦୪ରେ 'ଶାଦି କା ଲଡ୍ଡୁ' ଫିଲ୍ମର ପ୍ରଯୋଜକ ଥିଲେ।



ସ୍ତ୍ରୀ ମନ୍ଦିରା ବେଦୀଙ୍କ ସହ ରାଜ୍ କୌଶଲ

**ନିର୍ଦ୍ଦେଶିତ ଚଳଚ୍ଚିତ୍ର..ଆନ୍ଥୋନୀ କୌନ ହୈ, ଶାଦି କା ଲଡ୍ଡୁ**

**ପ୍ରଯୋଜିତ ଫିଲ୍ମ..ମାଇ ବ୍ରଦର ନିଖିଲ, ପ୍ୟାର୍ ମେ କଭି କଭି**



## ବଜ୍ରପାତରେ ୨ ମୃତ

ପାରଳାଖେମୁଣ୍ଡି/ହିଞ୍ଜିଳିକାଟୁ ୩୦।୬(ଡି.ଏନ୍.ଏ.)

ଗଜପତି ଓ ଗଞ୍ଜାମ ଜିଲାରେ ବୁଧବାର ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଜପତି ଜିଲା ତାଟିପୋଟିର ବି.ଜନାର୍ଦ୍ଦନ ଓ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଚନ୍ଦ୍ରଶେଖର ମାର୍ଗର ଶିବରାମ ଗଉଡ। ଜନାର୍ଦ୍ଦନଙ୍କ ସ୍ତ୍ରୀ ବି.ପୂର୍ଣ୍ଣା ଗୁରୁତର ହୋଇଛନ୍ତି। ଜନାର୍ଦ୍ଦନ ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣା ବିଲରେ ବିହନ ପକାଇବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଦମ୍ପତି ଅଚେତ ହୋଇପଡ଼ିଥିଲେ। ଉଭୟଙ୍କୁ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଜନାର୍ଦ୍ଦନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଶିବରାମ ଗାଁ ନିକଟ ଗହିରମାଳରେ ଗାଈ ଚରାଇବାକୁ ଯାଇଥିବା ବେଳେ ବଜ୍ରାଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା।। ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା, ରାଜସ୍ୱ ନିରୀକ୍ଷକ ଅରବିନ୍ଦ ଦାସ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ୍ ତରଫରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।

**ପ୍ରଥମ ବର୍ଷ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀଅଂଶ ନାୟକ
ଗୌରୀ ଗାର୍ଡେନ, ଭୁବନେଶ୍ୱର

ତୋର ଚଲାପଥ କୁସୁମିତ ହେଉ । ଆଜି ପ୍ରଥମ ଜନ୍ମ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।
-:ଶୁଭେଚ୍ଛା ସହ:- ଜେଜେବାପା, ଜେଜେମା, ଅଜା, ଆଈ, ବାପା, ମା, ଅପା, ଦାଦା, ମାମୁଁ, ମାଇଁ, ପରୀ ଦିଦି ଏବଂ ପରିବାରବର୍ଗ ।
ଧ-୭୦୭୧୪

CLASSIFIED DISPLAY
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ (ଢେଙ୍କାନାଳ)
9999268493, 7310635591
Whatsapp No.: 9953557897

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି



ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ୱପ୍ରଦୀପ କୁମାର ତ୍ରିପାଠୀ (ଟୁନା)
ପିତା: ପୁରୁଷୋତ୍ତମ ତ୍ରିପାଠୀ
ମାତା: ହେମାଙ୍ଗିନୀ ତ୍ରିପାଠୀ
ବାରାପାଳ, ରୂପସା, ବାଲେଶ୍ୱର
ଆବିର୍ଭାବ: ୨୬।୦୫।୧୯୭୨
ତିରୋଧାନ: ୨୧।୦୬।୨୦୨୧
ତୁମର ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଭଲପାଇବା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ବୈଷ୍ଣୋଦେବୀଙ୍କଠାରେ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ବାପା, ମାଆ, କକା, ଖୁଡୀ, ପତ୍ନୀ: ରଶ୍ମିତା, ପୁତ୍ର: ପୀୟୁଷ, ଭାଇ: ପ୍ରକାଶ, ଭାଇବୋହୂ: ଚୁମ୍କି, ପୁତୁରା: ଢୁଗୁ, ମାମି, ବାବୁ, ପିଣ୍ଟୁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୨୦୯୮୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦିବାକର ବିଶ୍ୱାଳ
ଗ୍ରାମ: ଖନ୍ଦୋଳ, ବାଲିଦୋକାନ, କୋଣାର୍କ
ଆବିର୍ଭାବ: ୧୯୩୮ ମସିହା
ତିରୋଧାନ: ୨୧।୦୬।୨୦୨୧
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଅଛୁ।
-:ଶୋକସନ୍ତପ୍ତ ପରିବାର:-
ନୀଳକଣ୍ଠ, ପ୍ରଦୀପ, ସୁଦର୍ଶନ, ରମେଶ, ତପନ, ଉଗ୍ରସେନ, ମାଧ, ବୁଦ୍ଧି, ଚିତ୍ତ, ଟୁନି, ମଣ୍ଟୁ, ପିଣ୍ଟୁ, ଟିଟା, ଶିଖା, ପୁଟୁ ଓ ଗୁଡି ।
ଧ-୨୦୯୮୧

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ୱଡକ୍ଟର ହରିହର ତ୍ରିପାଠୀ
ପ୍ରାକ୍ତନ ପ୍ରାଧ୍ୟାପକ ଆଞ୍ଚଳିକ ଶିକ୍ଷାନୁଷ୍ଠାନ, ଭୁବନେଶ୍ୱର
ଆବିର୍ଭାବ: ୧୧।୧୦।୧୯୪୩
ତିରୋଧାନ: ୨୧।୦୬।୨୦୨୧
ଜନ୍ମସ୍ଥାନ: ଶ୍ରୀନନ୍ଦୀନାକ୍ଷପୁରଶାସନ, ଖଲ୍ଲିକୋଟ, ଗଞ୍ଜାମ
କର୍ମଭୂମି: ଶୁଭଦ୍ରା ସଦନ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଧର୍ମପତ୍ନୀ: କୁମୁଦିନୀ ତ୍ରିପାଠୀ, ଝିଅ, ଜ୍ୱାଇଁ: ଶୋଭନା ଓ ଡ. କୌଶିକ, ଡ. ମନ୍ଦିରା ଓ ରମାକାନ୍ତ, ଚିନ୍ମୟୀ ଓ ପ୍ରଶାନ୍ତ, ବୈଶାଖୀ ଓ ଜାନକୀ ବଲ୍ଲଭ, ନାତି, ନାତୁଣୀ: ଆମ୍ରନ୍, ରୋଚନ୍ ଓ ଶେଫାଳି ଏବଂ ପରିବାର ଓ ଆତ୍ମୀୟସ୍ୱଜନ।
ଧ-୨୦୯୮୬

## ଯୋଜନାବଦ୍ଧ ପଦକ୍ଷେପ ଦ୍ୱାରା ସାମଗ୍ରିକ ବିକାଶ ସମ୍ଭବ: ମନ୍ତ୍ରୀ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

ସିଆଇଆଇ ପକ୍ଷରୁ ବିଶ୍ୱ ମହାମାରୀ ପରବର୍ତ୍ତୀ ସମୟରେ ପୁନର୍ଗଠନ ଏବଂ ପୁନରୁତ୍ଥାନ ସମ୍ପର୍କିତ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କୋଭିଡ୍ ମହାମାରୀ ଯୋଗୁ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ, ବାଣିଜ୍ୟ, ଅର୍ଥନୀତି, ଗମନାଗମନ ଆଦି ଯଥେଷ୍ଟ ପରିମାଣରେ ପ୍ରଭାବିତ ହୋଇଥିବାରୁ ଏଥିରୁ କିପରି ବାହାରି ସମସ୍ତ ବ୍ୟବସ୍ଥାକୁ ସ୍ୱାଭାବିକ କରାଯାଇ ପାରିବ ସେନେଇ ଆଲୋଚନା କରିଛନ୍ତି। ଏହି କର୍ମଶାଳାରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଏହି ମହାମାରୀ ଯୋଗୁ ସମଗ୍ର ବିଶ୍ୱ ବିଶେଷ ଭାବେ ପ୍ରଭାବିତ ହୋଇଛି । ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଏବଂ ଅର୍ଥନୀତି କ୍ଷେତ୍ରରେ ଅନେକ ପ୍ରତିକୂଳ ପ୍ରଭାବ ପଡ଼ିଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ନୂତନ କୋଭିଡ୍ ହସ୍ପିଟାଲ୍ ପ୍ରତିଷ୍ଠା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରିଛନ୍ତି। କୋଭିଡ୍ ସମୟରେ ରାଜ୍ୟ ସରକାର କୋଭିଡ୍ ଡାସ୍‌ବୋର୍ଡକୁ କାର୍ଯ୍ୟକ୍ଷମ କରି ସ୍ୱାସ୍ଥ୍ୟ ଭିତ୍ତିଭୂମି, କୋଭିଡ୍ ପଜିଟିଭ୍ ଓ ନେଗେଟିଭ୍ ରିପୋର୍ଟ ତ୍ୱରିତ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ସକ୍ଷମ ହୋଇପାରିଛନ୍ତି । ସୁସ୍ଥ ସମାଜ ଗଠନରେ ଶିକ୍ଷା ମୂଳଦୁଆ ସଦୃଶ୍ୟ ହୋଇଥିବା ବେଳେ ଅନ୍‌ଲାଇନ୍‌ରେ ପିଲାଙ୍କୁ ପାଠପଢା ଚାଲିଛି। ତେବେ ମହାମାରୀ ପରବର୍ତ୍ତୀ ସମୟରେ ଆମକୁ ଅନେକ ଆହ୍ୱାନର ସାମ୍ନା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।



ସୋନାକ୍ଷୀ

# ଡେଟ୍ ପ୍ରୋବ୍ଲେମ

ସତ କହିବାକୁ ଗଲେ ଏବେ ଯେମିତି ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କ ମୁଣ୍ଡରେ ହାତୀ ସୁନା କଳସ ଢାଳିଛି। ଦେଖୁନାହାନ୍ତି, ତାଙ୍କ ହାତରେ ବର୍ତ୍ତମାନ ଅଫର ପରେ ଅଫର ରହିଛି। ହେଲେ କ'ଣ ହେବ ? ଏହି ନୂଆ ସିନେମାର କାହାଣୀ ସିନା ତାଙ୍କୁ ପ୍ରଭାବିତ କରୁଛି, ହେଲେ ସେପଟେ ଆଉ ଏକ କଥା ସମସ୍ୟା ସୃଷ୍ଟି କରିଛି। ତାହା କ'ଣ ଜାଣନ୍ତି ? ଡେଟ୍। ଅର୍ଥାତ୍, ସେ ପୂର୍ବରୁ ସାଇନ୍ କରିଥିବା ସିନେମାଗୁଡ଼ିକ ପାଇଁ ଡେଟ୍ ଦେଇଛନ୍ତି ଆଉ ସେଗୁଡ଼ିକ ଶେଷ ହୋଇନାହିଁ। ତେଣୁ ତାଙ୍କ ହାତରେ ଏବେ ସମୟ ନାହିଁ। ଏ ସମ୍ପର୍କରେ ସୋନାକ୍ଷୀ କହନ୍ତି, ''ସତ କଥା କହିବାକୁ ଗଲେ ମୋ ହାତରେ ଏବେ ସମୟ ନାହିଁ। ପୂର୍ବରୁ ସାଇନ୍ କରିଥିବା ସିନେମାଗୁଡ଼ିକ ପାଇଁ ଡେଟ୍ ଫିକ୍ସ ହୋଇସାରିଛି। ତେଣୁ ନୂଆ ସିନେମା ସାଇନ୍ କରିବା ଏବେ ମୋ ପକ୍ଷରେ ସମ୍ଭବ ନୁହେଁ। ଅନ୍ତତଃ ବର୍ଷେ ପରେ ମୋତେ ନୂଆ ଡେଟ୍ ମିଳିପାରେ। ତେଣୁ ନିକଟରେ ମୁଁ ଭଲ ଭଲ ତିନୋଟି ଅଫର ହାତଛଡ଼ା କରିଛି। ବର୍ତ୍ତମାନ ତ କରୋନା ପାଇଁ ଶୁଟିଂ ବନ୍ଦ ଅଛି। ଶୁଟିଂ ପାଇଁ ପରମିଶନ ମିଳିଲେ ଯାଇ ଯାହା ହେବ। ତେଣୁ ସେ ପର୍ଯ୍ୟନ୍ତ ମୋତେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ।'' ତେବେ ଦେଖାଯାଉ, ସୋନାକ୍ଷୀ କେବେ ଫ୍ରି ହୋଇ ନୂଆ ସିନେମା ସାଇନ୍ କରୁଛନ୍ତି।

## ବଲିଉଡ୍ ହାଲ୍‌ଚାଲ୍



ତାପସୀ ପାନ୍ନୁ

➤ଭିନିଲ୍ ମାଥ୍ୟୁଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ହସୀନ ଦିଲ୍‌ରୁବା'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ତାପସୀ ପାନ୍ନୁ। ତାଙ୍କ ବ୍ୟତୀତ ଏହି ଫିଲ୍ମରେ ବିକ୍ରାନ୍ତ ମାସେ ଏବଂ ହର୍ଷବର୍ଦ୍ଧନ ରାଣେ ମଧ୍ୟ ଅଭିନୟ କରିଛନ୍ତି।

➤ନୂଆ ସିନେମା 'ହେରୋପନ୍ତି-୨'ର ଶୁଟିଂ ପାଇଁ ଏହାର ନିର୍ଦ୍ଦେଶକ ଅହମ୍ମଦ ଖାଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଥିରେ ଟାଇଗର ଶ୍ରଫ ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ତାରା ସୁତାରିଆ। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଏ.ଆର. ରହେମାନ। ସୂଚନାଯୋଗ୍ୟ, ୨୦୧୪ରେ ଟାଇଗର ଶ୍ରଫ ନିଜର ବଲିଉଡ୍ କ୍ୟାରିୟର 'ହେରୋପନ୍ତି'ରୁ ଆରମ୍ଭ କରିଥିଲେ। ତେବେ ଏହାର ସିକ୍ୱେଲ୍ ଫିଲ୍ମରେ କି ମସଲା ରହିଛି ତାହା ଫିଲ୍ମଟି ରିଲିଜ୍ ହେଲେ ହିଁ ଜଣାପଡ଼ିବ।

➤ରଜନୀଶ ଘାଇଙ୍କ ନୂଆ ସିନେମା 'ଧକଡ୍'ର ନାୟିକା ଭୂମିକାରେ ଅଭିନୟ କରିବେ କଙ୍ଗନା ରାଣାୱତ। ତେଣୁ ଏ ନେଇ ସେ ନିଜକୁ ଏବେଠାରୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି।

➤ଆଥିୟା ସେଟ୍ଟି ଏବେ ଇଂଲଣ୍ଡରେ ଡେରା ପକାଇଛନ୍ତି। ସେଠାରେ କିଛି ଦିନ ବୁଲାବୁଲି କରିବାକୁ ସେ ସେଠାକୁ ଯାଇଛନ୍ତି ବୋଲି କହି ବୁଲୁଛନ୍ତି। ହେଲେ ଅସଲ କଥା ହେଲା ଏବେ ଭାରତୀୟ କ୍ରିକେଟ ଟିମ୍ ଇଂଲଣ୍ଡ ଟୁରରେ ଅଛି। ଆଉ କ୍ରିକେଟିୟର କେ.ଏଲ. ରାହୁଲଙ୍କ ସହ ତାଙ୍କର ଆଫେୟାର୍ସ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ତେଣୁ ଆଥିୟାଙ୍କ ଇଂଲଣ୍ଡ ଗସ୍ତ ପଛରେ ଅସଲ କାରଣ କ'ଣ ସେ ଲୁଚାଇଲେ ମଧ୍ୟ ଲୁଚୁନାହିଁ।

➤ଅକ୍ଷୟ ଖାନ୍ନା ଏବେ ଏକ ୱେବ୍ ଫିଲ୍ମରେ ଅଭିନୟ କରିବେ। ଏହାର ଟାଇଟଲ ରହିଛି 'ଷ୍ଟେଟ୍ ଅଫ୍ ସିଗେ : ଟେମ୍ପଲ ଆଟାକ୍'। ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେବେ କେନ୍ ଘୋଷ।

# ପ୍ରତିଟି ଭୂମିକାକୁ ସମାନ ଗୁରୁତ୍ୱ ଦିଏ

**ଏକାଧାରରେ ସେ ପ୍ରଯୋଜକ ଏବଂ ଅଭିନେତା। ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଓଡ଼ିଆ ସିନେମା ନିର୍ମାଣ କରିବା ସହ ଅଭିନୟ ପ୍ରତି ସମାନ ଦୃଷ୍ଟି ଦେବାକୁ ଆଶା ରଖିଥିବା ମୁକ୍ତିଲାଭ ଅପେକ୍ଷାରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ବାଳୀ'ର ପ୍ରଯୋଜକ ତଥା ନାୟକ ସୂର୍ଯ୍ୟକାନ୍ତ ସାମଲ ନିଜ ସମ୍ପର୍କରେ ଯାହା କହନ୍ତି...**



''ଓଡ଼ିଆ ସିନେମା ଦେଖିବା ପରେ ମୁଁ ପ୍ରଥମେ ଅଭିନୟ ପ୍ରତି ଆକର୍ଷିତ ହୋଇଥିଲି। ଥରେ ଏକ କାହାଣୀ ବିଷୟରେ ଚିନ୍ତା କରୁଥିବା ବେଳେ ଚଳଚ୍ଚିତ୍ର ନିର୍ମାଣ କରିବା ବିଷୟ ମୋ ମନକୁ ଆସିଥିଲା। ତା'ପରେ ଏକ ସାମ୍ପ୍ରତିକ କାହାଣୀକୁ ଆଧାର କରି ନିର୍ମାଣ କରଥିଲି 'ଗୁଲ୍ଲୁ ଆଣ୍ଡ ଗୁଲ୍ଲୀ'। ଏବେ ବର୍ତ୍ତମାନ ଘଟୁଥିବା ବିଷୟବସ୍ତୁକୁ ନେଇ ପ୍ରସ୍ତୁତ କରିଛି ଆଉ ଏକ ନୂଆ ସିନେମା 'ବାଳୀ'। ଜଣେ ଯୁବକ ସାହସର ସହ କିପରି ଜନସାଧାରଣଙ୍କ ହକ୍ ପାଇଁ ଲଢ଼େଇ କରୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ। ସବୁଠାରୁ ବଡ଼ କଥା ହେଲା, ପ୍ରତିଟି ଭୂମିକାକୁ ମୁଁ ସବୁବେଳେ ଚ୍ୟାଲେଞ୍ଜ ଭାବରେ ନେଇଥାଏ। କେବଳ ଚଳଚ୍ଚିତ୍ରର ବିଷୟବସ୍ତୁ ନୁହେଁ, ସେଥିରେ ମୋତେ ମିଳିଥିବା ଭୂମିକାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରେ। ତା' ସହ ପ୍ରତିଟି ଭୂମିକାକୁ ସମାନ ଗୁରୁତ୍ୱ ଦିଏ। ପ୍ରତ୍ୟେକ ଦିନ କିଛି ନା କିଛି ଘଟଣା ଘଟୁଛି। ତାହାକୁ ଆଧାର କରି ଭଲ ସିନେମାଟିଏ ନିର୍ମାଣ କରାଯାଇପାରିବ। ଏବେ ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କର ଆଗ୍ରହ କମି କମି ଯାଉଛି ବୋଲି ଆଲୋଚନା ହେଉଛି। ହେଲେ ସିନେମା ନିର୍ମାଣ ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ଦେଲେ ଆମେ ନିଶ୍ଚୟ ମନଲାଖି ଅର୍ଥାତ୍ ଦେଖିବାଯୋଗ୍ୟ ଓଡ଼ିଆ ସିନେମା ପ୍ରସ୍ତୁତ କରିପାରିବା ବୋଲି କହନ୍ତି ସୂର୍ଯ୍ୟକାନ୍ତ।'' ହୋମ୍ ବ୍ୟାନର ସୂର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରଥମ ସିନେମା 'ଗୁଲ୍ଲୁ ଆଣ୍ଡ ଗୁଲ୍ଲୀ' ଏବଂ 'ବାଳୀ' ପରେ ଏବେ ନିଜ ଭବିଷ୍ୟତ ଯୋଜନା ବିଷୟରେ ବେଶ୍ ଗମ୍ଭୀରତାର ସହ ଚିନ୍ତା କରୁଛନ୍ତି ସେ। ଭବିଷ୍ୟତରେ ଭଲ ଓଡ଼ିଆ ସିନେମା ନିର୍ମାଣ କରିବା ସହ ଅଭିନୟକୁ ଗୁରୁତ୍ୱ ଦେବାକୁ ଆଶା ରଖିଛନ୍ତି ସୂର୍ଯ୍ୟକାନ୍ତ।

# ନିର୍ଦ୍ଦେଶନାକୁ ଚ୍ୟାଲେଞ୍ଜ ଭାବରେ ନେଇଛି

**ଓଡ଼ିଆ ଚଳଚ୍ଚିତ୍ର 'ମନେରହିବ ଏ ପ୍ରେମ କାହାଣୀ', 'ସନ୍ଦେହୀ ପ୍ରିୟତମା', 'ଖାସ୍ ତୁମରି ପାଇଁ', 'ମନ ମୋର ଯାଯାବର', 'ତୋ ସାଥେ ବନ୍ଧା ମୋ ଜୀବନ ଡୋରି', ରିଲିଜ୍ ଅପେକ୍ଷାରେ ଥିବା 'ଭକ୍ତ ଓ ଭଗବାନ' ଏବଂ 'ଜଗନ୍ନାଥଧାମ ପୁରୀ'ର ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ତୁଲାଇ ସାରିଛନ୍ତି ନାରାୟଣ ଘଡ଼େଇ। ନିଜ ନିର୍ଦ୍ଦେଶନା କ୍ୟାରିୟର ସମ୍ପର୍କରେ ସେ କହନ୍ତି...**



ପରଦା ପଛରେ
ନାରାୟଣ ଘଡ଼େଇ

''ସିନେମାଟିଏ ନିର୍ମାଣ କରିବା ଯେତିକି ରିସ୍କ, ନିର୍ଦ୍ଦେଶନା ଦେବା ସେତିକି କଷ୍ଟକର। ଏ ପର୍ଯ୍ୟନ୍ତ ମୁଁ ଯେଉଁ କେତୋଟି ଓଡ଼ିଆ ସିନେମାର ନିର୍ଦ୍ଦେଶନା ଦେଇଛି, ସେଗୁଡ଼ିକୁ ଏକ ଚ୍ୟାଲେଞ୍ଜ ଭାବରେ ନେଇଛି। ନିଜ ଦାୟିତ୍ୱ ପ୍ରତି ଶତ ପ୍ରତିଶତ ସଚେତନ ରହିଛି। ଆଜିକାଲି କେତେକ ନିର୍ଦ୍ଦେଶନା ବିଷୟରେ କିଛି ନ ଜାଣି ଏ ଲାଇନ୍‌ରେ ପାଦ ଦେଉଛନ୍ତି। ହେଲେ ନିର୍ଦ୍ଦେଶକ ହେବା ପୂର୍ବରୁ ସେ ସମ୍ପର୍କିତ ସବିଶେଷ ଜ୍ଞାନ ଅର୍ଜନ କରିବା ନିହାତି ଦରକାର'' ବୋଲି କହନ୍ତି ନାରାୟଣ। ଏହି ନିର୍ଦ୍ଦେଶକଙ୍କ କ୍ୟାରିୟର ଆରମ୍ଭ ଭିଡିଓ ଆଲବମ୍‌ରୁ। ପାଖାପାଖି ୧୦୦ରୁ ଅଧିକ ଭିଡିଓ ଆଲବମ୍‌ର ନିର୍ଦ୍ଦେଶନା ଦେବା ସହ ୩୫ଟି ପ୍ରାମାଣିକ ଚଳଚ୍ଚିତ୍ର, ଧାରାବାହିକ, ସିଡୀ ଫିଲ୍ମର ନିର୍ଦ୍ଦେଶକ ସାଜି ସାରିଛନ୍ତି ନାରାୟଣ। ନିର୍ଦ୍ଦେଶନାକୁ କ୍ୟାରିୟର କଲେ କାହିଁକି ପ୍ରଶ୍ନର ଉତ୍ତରରେ ସେ କହନ୍ତି, 'ମଣିଷର ଜୀବନ ଏକ ଚ୍ୟାଲେଞ୍ଜ। ଏହାକୁ ଗ୍ରହଣ କରି ଆମକୁ ଆଗେଇବାକୁ ପଡ଼ିଥାଏ। ମୋ ନିର୍ଦ୍ଦେଶନା କିପରି ଅନ୍ୟମାନଙ୍କଠାରୁ ଭିନ୍ନ ହେବ ସେଥିପାଇଁ ଚେଷ୍ଟା ଜାରି ରଖିଛି। ଦର୍ଶକଙ୍କୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। କାରଣ ସେମାନଙ୍କ ପାଇଁ ଆମେ ଆଜି ତିଷ୍ଠି ରହିଛୁ।' ନିଜ ନିର୍ଦ୍ଦେଶନାକୁ ନୂଆ ରୂପ ଦେବା ପାଇଁ ନାରାୟଣ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି।

### ଅତୀତରୁ...

– ଓଡ଼ିଆ ଚଳଚ୍ଚିତ୍ର 'ସମୟ'ର ବିଭିନ୍ନ ଭୂମିକାରେ ଶ୍ରୀରାମ ପଣ୍ଡା, ତ୍ରିପୁରା ମିଶ୍ର, ପ୍ରଶାନ୍ତ ନନ୍ଦ, ଧୀର ବିଶ୍ୱାଳ, ଭାନୁମତୀ ଅଭିନୟ କରିଥିଲେ। ଏହାର ସ୍ୱର ସଂଯୋଜକ ଥିଲେ ଭୁବନ-ହରି।

– ଓଡ଼ିଆ ସିନେମା 'ମମତା'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ପ୍ରଶାନ୍ତ ନନ୍ଦ, ବ୍ୟୋମକେଶ ତ୍ରିପାଠୀ, ଟିମା, ସୁଜାତାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

ଅପେରା ହାଲଚାଲ

# ଫୋନ୍ କଲ୍ ଆସିବା ପରେ...

ଅପେରା ଜଗତର ଅନ୍ୟତମ ଲୋକପ୍ରିୟ ନାୟକ ବାପି ପଣ୍ଡା। ବିଶେଷକରି ଆକ୍ସନ ଏବଂ ଇମୋଶନ ଭୂମିକା ତୁଲାଇବାରେ ସେ କେତେ ଦକ୍ଷ, ତାହା ତାଙ୍କ ଅଭିନୀତ ନାଟକଗୁଡ଼ିକରୁ ସ୍ପଷ୍ଟ ବାରିହୋଇ ପଡ଼ିଥାଏ। ଦେଶ ସେବାରୁ ବିରତି ନେଇ ଅଭିନୟକୁ ଆପଣେଇ ନେବା ପାଖାପାଖି ଦୁଇ ଦଶନ୍ଧି ବିତିଗଲାଣି। ୟା' ଭିତରେ ''ଚାରି ଛକରେ ତିନି ଝିଅ, ଶହେ ମାନସିକ ତୋରି ପାଇଁ, ଡାକବଙ୍ଗଳା, ସବୁ ପର ଲୁହ ନିଜର, ବେଳ ବୁଡ଼ିଗଲେ ବେବିନା କାନ୍ଦେ, ସିନ୍ଦୂର ହଜିଛି ଟିକିଲି ପାଇଁ, ଫୁଲେଇ ଝିଅଟା ଭୁଲେଇ ଦେଲା, ରଙ୍ଗ ବଜାରର ରଙ୍ଗ ଜୋକର, କାହାଣୀ କାନ୍ଦୁଛି ଆଖି ଲୁଚେଇ ଏବଂ ପାକିସ୍ତାନୀ ଝିଅ ଭାରତ୍ କେ ଲିୟେ ଶହୀଦ'' ଆଦି ଅନେକ ନାଟକ ତାଙ୍କୁ ଅପେରା ଜଗତରେ ଦେଇଛି ନିଆରା ପରିଚୟ। ଗୌରୀ ଗଣନାଟ୍ୟ ପରିବେଷିତ ସୁପରହିଟ୍ ନାଟକ 'ଅର୍ଦ୍ଧାଙ୍ଗିନୀ'ର ଇନ୍ସପେକ୍ଟର ସିଦ୍ଧାର୍ଥ ଚରିତ୍ର ବାପିଙ୍କୁ ଦେଇଥିଲା ବେଶ୍ ମାଇଲେଜ୍। ଏହି ନାଟକର



ବାପି ପଣ୍ଡା

ଟାଇଟଲ ପଛରେ ଲୁଚି ରହିଛି ଏକ ମଜାଦାର କଥା। ଏ ସମ୍ପର୍କରେ ବାପି କହନ୍ତି, 'ବର୍ତ୍ତମାନ କରୋନା ପାଇଁ ଯାତ୍ରା ବନ୍ଦ। ତେଣୁ ଘରେ ରହି ପୁରୁଣା ସ୍ମୃତିଗୁଡ଼ିକୁ ମନେ ପକାଉଛି। ହଁ, ଅର୍ଦ୍ଧାଙ୍ଗିନୀ ମୋ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ନାଟକ। ଇଂ. ଆଶୁତୋଷ ମହାପାତ୍ରଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ ସେ ସମୟରେ ଦର୍ଶକଙ୍କୁ ଭରପୂର ଏଣ୍ଟରଟେନ୍ କରିଥିଲା। ସେତେବେଳେ ନାଟକର କାହାଣୀ ରଚନାରେ ବ୍ୟସ୍ତ ଥାଆନ୍ତି ଆଶୁତୋଷ ସାର୍। ତା' ସହ ଏହାର ଟାଇଟଲ କ'ଣ ଦିଆଗଲେ ତାହା କ୍ୟାଚିଂ ହେବ ତାକୁ ନେଇ ବିଚାରବିମର୍ଶ ଚାଲିଥାଏ। ସେତିକିବେଳେ ମୋ ମୋବାଇଲକୁ ଘରୁ ଫୋନ୍ ଆସିଲା। ଧର୍ମପତ୍ନୀଙ୍କ ନାମକୁ ମୁଁ 'ମୋ ଅର୍ଦ୍ଧାଙ୍ଗିନୀ' ବୋଲି ସେଭ୍ କରିଥାଏ। ମୁଁ କହିଲି ଟାଇଟଲ 'ଅର୍ଦ୍ଧାଙ୍ଗିନୀ' ରହିଲେ କିପରି ହେବ ? ବାସ୍, କେଇ ମିନିଟ୍ ମଧ୍ୟରେ ଏଥିରେ ମୋହର ବାଜିଗଲା। ନାଟକଟିର ପ୍ରତିଟି ସିକ୍ୱେନ୍ସ ଏବେ ବି ମୋ ଆଖି ସାମ୍ନାରେ ଭାସିଯାଉଛି। ଏହି ନାଟକରେ ମୋ ବ୍ୟତୀତ ସୁବାସ ବେହେରା, ତୁନି ପ୍ରମୁଖ କଳାକାରଙ୍କୁ ବିଶେଷ ଭୂମିକାରେ ଦେଖିବାକୁ ମିଳିଥିଲା।



ଅମଜାଦ୍ ଖାଁ

# ଗବର ଭୂମିକା ଚୟନ ଅନ୍ତରାଳେ...

ବଲିଉଡ୍‌ର ଚର୍ଚ୍ଚିତ ତଥା ସୁପରହିଟ୍ ସିନେମା ତାଲିକାରେ 'ସୋଲେ' ସବୁବେଳେ ସ୍ମରଣୀୟ ହୋଇ ରହିବ। ସେ ସମୟରେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ଆମୋଦିତ କରିଥିଲା ତାହା କହିବା ବାହୁଲ୍ୟ। ଅମିତାଭ ବଚ୍ଚନ, ଧର୍ମେନ୍ଦ୍ର, ସଞ୍ଜୀବ କୁମାର, ଅମ୍‌ଜାଦ ଖାଁ, ହେମାମାଳିନୀ ଏବଂ ଜୟା ଭାଦୁଡ଼ିଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ହେଲେ ଯେତେବେଳେ ଏହି ଚଳଚ୍ଚିତ୍ର ପାଇଁ ଗବର ଭୂମିକାରେ କିଏ ଅଭିନୟ କରିବ ଆଲୋଚନା ହେଲା, ସେତେବେଳେ ନିର୍ଦ୍ଦେଶକ ରମେଶ ସିପ୍ପିଙ୍କ ଆଖି ସାମ୍ନାକୁ ଜଣଙ୍କର ମୁହଁ ଆସିଥିଲା। ଅବଶ୍ୟ ଏହାପୂର୍ବରୁ ଉକ୍ତ ଚିତ୍ରର ସଂଳାପକାର ସଲିମ-ଜାଭେଦ (ସଲିମ ଖାଁ, ଜାଭେଦ ଅଖ୍‌ତର) ପ୍ରସ୍ତାବ ଦେଇଥିଲେ ଯେ, ଡ୍ୟାନି ଜ୍ୟାଙ୍ଗ୍‌ଜମ୍ପାଙ୍କୁ ସାଇନ୍ କରାଯାଉ। ହେଲେ ଡେଟ୍ ନ ଥିବାରୁ ସେ ମନା କରିଦେଇଥିଲେ। ଶେଷରେ ଏହି ରୋଲ୍ ପାଇଁ ଅମଜାଦ୍ ଖାଁଙ୍କୁ ସାଇନ୍ କରାଯାଇଥିଲା। ହେଲେ ଏହା ପଛରେ ଏକ ମଜାଦାର କାହାଣୀ ଲୁଚି ରହିଛି। ଥରେ ନିର୍ଦ୍ଦେଶକ ରମେଶ ଏକ ଥିଏଟର ନାଟକ ଦେଖୁଥାଆନ୍ତି। ସେଥିରେ ଅମ୍‌ଜାଦଙ୍କ ଅଭିନୟ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଠିକ୍ ସମୟରେ ସେ ତାଙ୍କ କଥା ମନେପକାଇ ତାଙ୍କୁ ଯୋଗାଯୋଗ କରିଥିଲେ। ଅଡିସନ୍‌ରେ ଅମ୍‌ଜାଦ ସମସ୍ତଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲେ। ଏହି ଫିଲ୍ମରେ ତାଙ୍କର ଅନେକ ଡାଏଲଗ୍‌କୁ ଏବେ ମଧ୍ୟ ସିନେପ୍ରେମୀ ଗୁଣୁଗୁଣେଇ ଥାଆନ୍ତି।

# ଆକ୍ସନରେ ମନ

ପରିଣୀତି ଚୋପ୍ରାଙ୍କ ମନ ଆଉ କେଉଁଥିରେ ଲାଗୁନାହିଁ। ସେ ଏବେ ଗୋଟିଏ କଥାକୁ ନେଇ ବ୍ୟସ୍ତ। କେମିତି ଏ ବିଷୟରେ ଜ୍ଞାନ ଅର୍ଜନ କରିବେ। କଥା କ'ଣ କି ଏବେ ତ ଶୁଟିଂ ନାହିଁ। ତେଣୁ ଘରେ ବସି ସେ କ'ଣ କରୁଛନ୍ତି ଜାଣନ୍ତି! ଭଲ ଭଲ ହଲିଉଡ୍ ମୁଭି ଦେଖୁଛନ୍ତି। ସେଗୁଡ଼ିକ ମଧ୍ୟରୁ କେତେକ ଆକ୍ସନଭିତ୍ତିକ ମୁଭି ତାଙ୍କୁ ଅଧିକ ପ୍ରଭାବିତ କରିଛି। ଆଉ ତା'ପରେ ସେ ଆକ୍ସନ ଭୂମିକାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ସେ ଚାହିଁଲେ ତ ହୋଇଯିବ ନାହିଁ, ତାଙ୍କୁ ସେପରି ସିନେମାରେ ଅଭିନୟ କରିବାକୁ ଅଫର ମିଳିବା ଦରକାର। ତାହା ତ ଅଲଗା କଥା। ଏବେ ପରିଣୀତି ଆକ୍ସନ ରୋଲ୍ ପାଇଁ ନିଜକୁ ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ଜଣେ ଆକ୍ସନ ଟ୍ରେନରଙ୍କଠାରୁ ସେ ଟ୍ରେନିଂ ନେଉଛନ୍ତି। ''ହଲିଉଡ୍‌ରେ ଆକ୍ସନ-ବେସ୍‌ଡ ଫିଲ୍ମ ଦେଖିବା ପରେ ମୋର ଏଭଳି ଭୂମିକାରେ ଆକ୍ଟିଂ କରିବାକୁ ମନ ହୋଇଛି। ତେଣୁ ଏବେଠାରୁ ମୁଁ ସେଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଯଦି ଅଫର ମିଳିଲା, ତେବେ ସେପରି ଭୂମିକାକୁ କେମିତି ତୁଲାଇବି ସେ ନେଇ ନିଜ ଉପରେ ଶତ ପ୍ରତିଶତ ଭରସା ମଧ୍ୟ ରହିଛି।'' ତେବେ ପରିଣୀତିଙ୍କୁ ଏଭଳି ରୋଲ୍ କେବେ ମିଳୁଛି ତାହା ଦେଖିବାକୁ ବାକି ରହିଲା।



ପରିଣୀତି

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ







Longest wheelbase in the segment.



Blind view monitor



2nd row - one touch tip tumble captain & split seats



Front row seatback table with retractable cup-holder and IT device holder



Bose premium sound system (8 speakers)


Voice enabled smart panoramic sunroof


Surround view monitor with 360° camera

**Powertrain options :** 1.5 l diesel CRDi & 2.0 l petrol MPi with 6MT & 6AT
**Best in segment** fuel economy for both diesel (20.4~ kmpl – MT) & petrol (14.5~ kmpl – MT)

Buy your favourite Hyundai online.
**Hyundai Cl!ck to Buy**

HYUNDAI

To know more, give a missed call on **8884709630**

Upto 5 Years Wonder Warranty^

**Complete peace of mind**
3 Years road side assistance (RSA)

Lowest cost of maintenance##

Hyundai Mobility Membership

Up to 100% on road funding.*
Lowest rate of interest starting @ 7.25%.*
Minimal Processing Fee - As low as Nil.*

**For Information Contact:** Toll Free:1800114645 **Balasore:** Premier Hyundai, Ph:9938449803 **Angul:** Binod Hyundai, Ph: 9438151108 **Bhubaneswar:** Utkal Hyundai, Ph: 9937084921, Aditya Hyundai, Ph: 7873999645 Sachivalaya Marg, Unit IV, Ph: 7873999988 **Bolangir:** Binod Hyundai, Ph: 9744091601 **Bhawanipatna:** HSPL Hyundai, Ph: 8480330001 **Berhampur:** Utkal Hyundai, Ph: 9437091721 **Baripada:** Premier Hyundai, Ph: 9938449811 **Cuttack:** OSL Hyundai, Ph: 9338104597 Utkal Hyundai, Ph: 9437063221 **Rourkela:** Koshala Hyundai, Ph: 7440022333 **Sambalpur:** Aakashdeep Hyundai, Ph: 9437070126 **Bargarh:** Sakambari Hyundai, Ph: 6370101797 **Jharsuguda:** Infinity Hyundai, Ph: 7077011110 **Jeypore:** HSPL Hyundai, Ph: 8480330001 **Jajpur:** Utkal Hyundai, Ph: 9937047631 **Puri:** Aditya Hyundai, Ph: 7873999351 **Nayagarh:** Aditya Hyundai, Ph: 7873999548 **Patia:** Utkal Hyundai, Ph: 7064278721 **Keonjhar:** Utkal Hyundai, Ph: 9937117471 **Bhadrak:** Premier Hyundai, Ph: 9938449806 **Paradeep:** OSL Hyundai, Ph: 7077736590 **Uttara:** Aditya Hyundai, Ph: 7873999523

*Terms & Conditions apply. Features & specifications shown may not be part of standard fitment & are subject to change without prior notice. Segment is defined by comparable 6 and 7 seater SUV's whose length lies between 4 500-4 720 mm, width between 1 790-1 894 mm, petrol engine capacity from 1 451-1 999 cc & diesel engine capacity from 1 493-2 179cc. ^As per customer choice. Customer has an option to choose from warranty options: 3 years/unlimited km or 4 years/60 000 km or 5 years/50 000 km. ##Hyundai ALCAZAR (Petrol) has lowest average yearly periodic maintenance service cost of ₹3 138 for 5 years in Delhi. **Source:** Cardekho.com. ~As per ARAI test result. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.
INNOCEAN-018/21